

ଇମ୍ରାନ୍‌ଙ୍କ ନାୟିକା ଦିଶା

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-80 ◆SATURDAY ◆13 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୮୦ ◆ଶନିବାର ◆୧୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଏଥର ମହଙ୍ଗା ପାର୍ବଣ



## ଟ୍ରମ୍ପ୍ ଟାରିଫ୍ ମାଡ଼

## ବଢ଼ିଲାଣି ଖାଦ୍ୟ ସାମଗ୍ରୀ ଦର

## ସୁନା, ରୁପା ଦର ଆକାଶଛୁଆଁ

## ସୌଖୀନ ସାମଗ୍ରୀଠାରୁ ଡ୍ରାଏ ଫ୍ରୁଟ୍ ଯାଏଁ ସବୁ ମହଙ୍ଗା

■ **ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି):** ଗଣେଶ ପୂଜା ପରେ ଦେଶରେ ଆରମ୍ଭ ହୋଇଛି ପାର୍ବଣ ଋତୁ। ସ୍ୱାଭାବିକ ଭାବରେ ପାର୍ବଣ ଋତୁରେ ଦୁର୍ଗାପୂଜାଠାରୁ ଦଶହରା ଓ ଦୀପାବଳି ପର୍ଯ୍ୟନ୍ତ ବାଣିଜ୍ୟ ବ୍ୟବସାୟ ବଢ଼ିଥାଏ ଏବଂ ଲୋକମାନେ ବହୁ ସାମଗ୍ରୀ କ୍ରୟ କରିଥାଆନ୍ତି। ଚଳିତ ବର୍ଷ ପୂଜା ଋତୁ ପୂର୍ବରୁ ଜିଏସ୍‌ଟି ହ୍ରାସ ଲୋକଙ୍କ ଜୀବନଯାତ୍ରାକୁ ଅଧିକ ସ୍ୱଚ୍ଛନ୍ଦ କରିବ ଓ କାରବାର ବଢ଼ାଇବ ବୋଲି ଆଶା କରାଯାଉଥିବାବେଳେ ବାସ୍ତବିକତା କିନ୍ତୁ ଭିନ୍ନ। ବଜାର ଦର ଏଥର ପାର୍ବଣ ପରିବେଶରେ ଉପଭୋକ୍ତାଙ୍କୁ ବେହାଲ କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରୁଛନ୍ତି। ଗତ କେଇଦିନ ମଧ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିବା ସାଧାରଣ ଖାଉଟିଙ୍କୁ ଚିନ୍ତାଗ୍ରସ୍ତ କରିଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ବଜାର ଦର ବର୍ତ୍ତମାନ ଯେଉଁଭଳି ରହିଛି, ସେଥିରେ ଖାଉଟି ନୟାନ୍ତ। ଏହି ସମୟରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ଭବିଷ୍ୟତରେ ବିଭିନ୍ନ ସାମଗ୍ରୀକୁ ଅଧିକ ମହରଗ କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶିତ ରିପୋର୍ଟ ଅନୁସାରେ ଗତ ୯ ମାସ ଧରି ଖୁଚୁରା ମୁଦ୍ରାସ୍ଫୀତି ସ୍ଥିର ରହିବା ପରେ ଅଗଷ୍ଟ ମାସରେ ପୁନର୍ବାର ଉପରମୁହାଁ ହୋଇଛି। ଖାଦ୍ୟ ସାମଗ୍ରୀ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ଉର୍ଦ୍ଧ୍ୱମୁଖୀ ହୋଇଥିବା କୁହାଯାଉଛି। ଏହି ସମୟରେ ସୁନାରୁପା ବଜାର ଆକାଶ ଛୁଇଁଛି। ପ୍ରତିଦିନ ଏହି ଦୁଇ ଧାତୁର ମୂଲ୍ୟ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି। ୧୦ଗ୍ରାମ ରୁପା ମୂଲ୍ୟ ପାଖାପାଖି ୧୪୦୦ ଟଙ୍କାରେ ପହଞ୍ଚିଥିବାବେଳେ ୧୦ ଗ୍ରାମ ସୁନା (୨୨) କ୍ୟାରେଟ୍ ୧୦୧୩୦୦ ଟଙ୍କା ଅତିକ୍ରମ କରିଛି। ଏପଟେ ଟ୍ରମ୍ପ ଟାରିଫ୍ ମାଡରେ ଉଭୟ ଧନୀକ ବର୍ଗ ଓ ଗରିବ ଲୋକମାନେ ପ୍ରଭାବିତ ହୋଇଛନ୍ତି। ରପ୍ତାନୀ ହ୍ରାସ ଯୋଗୁଁ ଏମ୍ଏସ୍ଏମ୍ଇ ଶିଳ୍ପଗୁଡ଼ିକ ବନ୍ଦ ହେବାରେ ଲାଗିଛି ଓ ଏହି ନିଯୁକ୍ତିଭିତ୍ତିକ ଶିଳ୍ପ ବନ୍ଦ ହେବା ସାଧାରଣ ଶ୍ରମିକ ଶ୍ରେଣୀର ଲୋକଙ୍କ ଜୀବନ ଜୀବିକା ଛଡ଼ାଇ ନେଇଛି। ଅନ୍ୟପକ୍ଷରେ ଅତି ଧନୀକ ଗୋଷ୍ଠୀଙ୍କ ପାଇଁ ଟିକସ ମହଙ୍ଗା ହୋଇଛି। ମୁଦ୍ରାସ୍ଫୀତି ତାତିରୁ ଖାଲି ସହର କାହିଁକି ଗ୍ରାମାଞ୍ଚଳ ବି ବାଦ୍ ପଡିନି। ଦେଶର ଅଧିକାଂଶ ଭାଗରେ ପ୍ରବଳ ବର୍ଷା ଏବଂ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ଖରିଫ ଫସଲ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରାଯାଉଛି।

ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ଜୁଲାଇ ମାସର ୧.୬୧%ରୁ ୨.୭%କୁ ବୃଦ୍ଧି ପାଇଛି। ହାଟ ବଜାରରେ କୌଣସି ବି ପନିପରିବାର ଦର ▶ପୃଷ୍ଠା-୭

# ଶପଥ ନେଲେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍

ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ସିପି ରାଧାକ୍ରିଷ୍ଣନ୍ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି।



# ଘାରିଲାଣି ମିଛ ଖବର ଚିନ୍ତା

## ଗଣମାଧ୍ୟମ ପାଇଁ ବାଧ୍ୟତାମୂଳକ ହେବ ଫ୍ୟାକ୍ଟ ଚେକିଂ ସିଷ୍ଟମ

■ **ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି):** ମିଥ୍ୟା ଖବର ବା ଫେକ୍ ନ୍ୟୁଜ୍ ପରିବେଷଣ ଗଣତନ୍ତ୍ର ଓ ଆଇନ୍ ବ୍ୟବସ୍ଥା ପ୍ରତି ବିପଦ। ଏହାକୁ ରୋକିବା ଲାଗି ଠୋସ ଓ କଡ଼ା ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଗଣମାଧ୍ୟମ ସଂସ୍ଥା ଏଥିପାଇଁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା କରନ୍ତୁ। ମିଥ୍ୟା ବା ଫେକ୍ ଖବର ପରିବେଷଣ କରୁଥିବା ଗଣମାଧ୍ୟମ ସଂସ୍ଥା ପାଇଁ ଦଣ୍ଡ ବ୍ୟବସ୍ଥା ମଧ୍ୟ ହେଉ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତ ସଂସଦୀୟ କମିଟି ଏଭଳି ସୁପାରିସ କରିଛି। କମିଟି ଏହାର ରିପୋର୍ଟ ଲୋକସଭା ବାଚସ୍ପତିଙ୍କୁ ଦେଇଛି ଏବଂ ସଂସଦର

### ଭୁଲ୍ ତଥ୍ୟ ପାଇଁ ଦାୟୀ ରହିବେ ଗଣମାଧ୍ୟମ ସଂପାଦକ, ମାଲିକ

### ଭାରତକୁ ବାଂଲାଦେଶ, ନେପାଳ ହେବାକୁ ଦିଆଯିବନି: ଦୁବେ




ଆଗାମୀ ଅଧିବେଶନରେ ଏସଂପର୍କରେ ସରକାର ବିଲ ଆଗତ କରିପାରନ୍ତି ବୋଲି ଖବର ମିଳିଛି।

କମିଟିର ଅଧ୍ୟକ୍ଷ ବିଜେପି ସାଂସଦ ନିଶିକାନ୍ତ ଦୁବେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ▶ପୃଷ୍ଠା-୭



# ସୁଶୀଳା ଧରିଲେ ନେପାଳ ମଙ୍ଗ

■ **କାଠମାଣ୍ଡୁ, ୧୨।୯ (ଏଜେନ୍ସି):** ନେପାଳର ମଧ୍ୟବର୍ତ୍ତିକାଳୀନ ପ୍ରଧାନମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି ସୁଶୀଳା କାର୍କି। ଏହାସହିତ ସେ ଇତିହାସ ରଚିଛନ୍ତି। ସେ ମଧ ନେପାଳ ସୁପ୍ରିମ କୋର୍ଟର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଥିଲେ। ଆଜି ରାତିରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ସମାରୋହରେ ରାଷ୍ଟ୍ରପତି ରାମଚନ୍ଦ୍ର ତାଙ୍କୁ ଶପଥ ପାଠ କରାଇଛନ୍ତି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏସନ ଡିଗ୍ରୀ ହାସଲ କରିଥିବା ୭୩ ବର୍ଷୀୟା ସୁଶୀଳା ଆଜି ଶପଥ ନେବାପରେ ନେପାଳରେ ରାଜନୈତିକ ଅନିଶ୍ଚିତତାର ଅବସାନ ଘଟିଛି।

## ଦିନକରେ ଭିଜିଲାନ୍ସ ଜାଲରେ ୩ ସରକାରୀ ଅଫିସର

# ତହସିଲଦାର, ଶ୍ରମ ଅଧିକାରୀ, ପିଇଓ ଗିରଫ



### ୧୫ ହଜାର ପାଇଁ ଫଶିଲେ ଓଏଏସ୍ ଟପ୍ପର ତହସିଲଦାର

### ବାର୍ଦ୍ଧକ୍ୟ ଭତ୍ତା ବାବଦରେ ପିଇଓ ଖାଇଥିଲେ ୬ ଲକ୍ଷ

■ **ଭୁବନେଶ୍ୱର/ କୁଚିଣ୍ଡା, ୧୨।୯ (ସମିସ):** ଲାଞ୍ଚ କାରବାର ଅଭିଯୋଗରେ ଗୋଟିଏ ଦିନରେ ଧରା ପଡ଼ିଛନ୍ତି ୩ ସରକାରୀ ଅଧିକାରୀ ଓ ଜଣେ ଡ୍ରାଇଭର। ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ବାମରା ତହସିଲଦାର ତଥା ୨୦୧୯ ବ୍ୟାଚ୍‌ର ଓଏଏସ୍ ଟପ୍ପର ଅଶ୍ୱିନୀ କୁମାର ପଣ୍ଡା ଓ ତାଙ୍କ ଡ୍ରାଇଭର ପି.ପ୍ରବୀଣ କୁମାର ୧୫ ହଜାର ଟଙ୍କା ପାଇଁ ଗିରଫ ହୋଇଛନ୍ତି। ଅଭିଯୋଗ ଅନୁସାରେ ବାମରା ବ୍ଲକ ଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର ଏକ ଜମି ଦାଖଲଖାରଜ ଓ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ଏହି କାମ କରିବା ପାଇଁ ଲାଞ୍ଚ ମାଗିଥିଲେ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା। ସମ୍ପୃକ୍ତ ବ୍ୟକ୍ତି ଏହା ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଆଜି ଦିନ ପ୍ରାୟ ୧୧ଟା ବେଳେ ତହସିଲଦାରଙ୍କ ପରାମର୍ଶକ୍ରମେ ଅଭିଯୋଗକାରୀ ୧୫ ହଜାର ଟଙ୍କା ତ ଡ୍ରାଇଭର ପି.ପ୍ରଭିନ୍ କୁମାରଙ୍କୁ ଦେଇଥିଲେ। ଡ୍ରାଇଭର ଏହି ଟଙ୍କା ନେଇ ତହସିଲଦାରଙ୍କୁ ▶ପୃଷ୍ଠା-୭

# ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ



■ **ଭୁବନେଶ୍ୱର, ୧୨।୯ (ସମିସ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ହୋଇଛନ୍ତି କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଶ୍ରୀ ମଲ୍ଲିକଙ୍କ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଶ୍ରୀ ମଲ୍ଲିକ କାମାକ୍ଷାନଗର ବିଧାନସଭା କ୍ଷେତ୍ରରୁ ବିଜେଡି ଟିକଟରେ ୪ ଥର ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାରରେ ସେ ଗୁରୁତ୍ୱପୂର୍ଣ୍ଣ ଖଣି ଓ ଇସ୍ପାତ, ପୂର୍ତ୍ତ ଓ ଗୃହନିର୍ମାଣ ପରି ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ମାତ୍ର ବିଜେଡି ସରକାରରୁ ଯିବା ପରେ ସେ କିଛି ଦିନ ହେବ ଦଳ ବିରୋଧରେ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ମତମନ୍ତବ୍ୟ ଦେଉଥିଲେ।

## ଉତ୍ପାଦନଠାରୁ ବିକ୍ରି ହେଉଛି ଦେଢ଼ଗୁଣ କ୍ଷୀର

# ଆମଦାନୀ ଗୁଣ୍ଡ ଦୁଗ୍ଧରେ ଶ୍ୱେତ ବିପ୍ଳବ

■ **ଭୁବନେଶ୍ୱର, ୧୨।୯ (ସମିସ):** ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଉଛି; ମାତ୍ର ଉତ୍ପାଦନର ଦେଢ଼ଗୁଣ କ୍ଷୀର ଓଡ଼ିଶାରେ ବିକ୍ରି ହେଉଛି। ବଜାରରେ ଛେନା, ଖୁଆ, ଦହି, ପନୀର ବି ଯାହାକୁ ଯେତେ ମିଳୁଛି। ଏଥିସହ ମିଠା ଦୋକାନଗୁଡ଼ିକରେ ଭଳିକି ଭଳି ଦୁଗ୍ଧଜାତ ମିଠା ମଧ୍ୟ ବିକ୍ରି ହେଉଛି। ତେଣୁ ଉପଲବ୍ଧ କ୍ଷୀର ବା କ୍ଷୀରରୁ ଉତ୍ପାଦିତ ସାମଗ୍ରୀ ଯେ ଅପମିଶ୍ରିତ ହେଉଛି, ଏଥିରେ କୌଣସି ସନ୍ଦେହ ନାହିଁ। ଆମଦାନୀ ହେଉଥିବା ଗୁଣ୍ଡଦୁଗ୍ଧକୁ ଅପମିଶ୍ରିତ କରି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର କ୍ଷୀର ପ୍ୟାକେଟ୍ କ୍ଷୀର ସହ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ବିକ୍ରି ହେଉଛି।

ତଥ୍ୟ ଅନୁସାରେ, ରାଜ୍ୟରେ ଗାଈଙ୍କ ସଂଖ୍ୟା ୯୯ ଲକ୍ଷ ଓ ମଇଁଷି ସଂଖ୍ୟା ୫ ଲକ୍ଷ। ଏହି ଗୋରୁଙ୍କ ମଧ୍ୟରୁ ଦେଶୀ ଶ୍ରେଣୀର ୮୪ ପ୍ରତିଶତ ଓ ଶଙ୍କର ଜାତୀୟ ଗୋରୁଙ୍କ ସଂଖ୍ୟା ମାତ୍ର ୧୬%। ଏମାନଙ୍କ ମଧ୍ୟରେ ଜର୍ସି ଗାଈଙ୍କ ସଂଖ୍ୟା ପ୍ରାୟ ୧୩ ଲକ୍ଷ ଅର୍ଥାତ୍ ପ୍ରାୟ ୯୦ ପ୍ରତିଶତ। ସେହିପରି ରାଜ୍ୟରେ ଥିବା ମଇଁଷି ମଧ୍ୟରୁ ୮୦ ପ୍ରତିଶତ ଦେଶୀ ଓ ୨୦ ପ୍ରତିଶତ 'ନନ୍ ଡେସ୍କ୍ରିପ୍ଟ କ୍ରସ୍‌ବ୍ରିଡ୍' ଶ୍ରେଣୀର। ପରିସଂଖ୍ୟାନ ଅନୁସାରେ ରାଜ୍ୟରେ ଏହି ଗୋରୁଗୁଡ଼ିକଙ୍କଠାରୁ ବାର୍ଷିକ ମାତ୍ର ୨୬୫ କୋଟି ଲିଟର କ୍ଷୀର ଉତ୍ପାଦନ ହେଉଛି। ରାଜ୍ୟର ଜନସଂଖ୍ୟା ଅନୁସାରେ ଉତ୍ପାଦିତ କ୍ଷୀର ଦୈନିକ ଚାହିଦା ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହା ସତ୍ତ୍ୱେ ରାଜ୍ୟରେ ପନୀର, ରାବିଡ଼ି ଓ ଖୁଆ ଆଦି ବିକ୍ରିବଟାର ପରିମାଣକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ତଥ୍ୟରୁ ଆମଦାନୀ ଗୁଣ୍ଡଦୁଗ୍ଧରେ ଯେ ରାଜ୍ୟରେ ଶ୍ୱେତ ବିପ୍ଳବ ଚାଲିଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ପୁଷ୍ଟିସାଧନ ଦୃଷ୍ଟିରୁ ମୁଣ୍ଡପିଛା ୩୦୦ ଗ୍ରାମ୍ ଦୁଗ୍ଧ ଉପଲବ୍ଧ କରାଇବା ଲାଗି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ସୁପାରିସ କରିଛି। ମାତ୍ର ଓଡ଼ିଶାରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଜାତୀୟ ହାରଠାରୁ ବହୁ ପଛରେ ରହିଛି। ▶ପୃଷ୍ଠା-୭




## ପୂର୍ବତନ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ୨୭ ବର୍ଷ ଜେଲ୍

ସାଓପାଓଲୋ, ୧୨।୯(ଏଜେନ୍ସି): ବ୍ରାଜିଲ ପୂର୍ବତନ ରାଷ୍ଟ୍ରପତି ଜାଏର ବୋଲସୋନାରୋଙ୍କୁ ଗୁରୁବାର ୨୭ ବର୍ଷ ୩ ମାସ ଜେଲ ଦଣ୍ଡାଦେଶ ହୋଇଛି। ଦେଶର ସୁପ୍ରିମେକାର୍ଟ ତାଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ରେ ନିର୍ବାଚନରେ ପରାଜୟ ବରଣ କରିବା ପରେ ମଧ୍ୟ ଶାସନରେ ରହିବା ପାଇଁ ସରକାର ପରିବର୍ତ୍ତନ କରିବାକୁ ସେ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟର ୫ ଜଣିଆ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠାରୁ ୪ ଜଣ ବିଚାରପତି ତାଙ୍କୁ ଆପରାଧିକ ସଂଗଠନରେ ସାମିଲ ହେବା, ଗଣତନ୍ତ୍ରକୁ ଉପାଡି ଫୋପାଡିବା, ସରକାରର ପତନ ଘଟାଇବାକୁ ଷଡ଼ଯନ୍ତ୍ର କରିବା, ସରକାରୀ ସମ୍ପତ୍ତିକୁ ନଷ୍ଟ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ବ୍ରାଜିଲ ଇତିହାସରେ ପ୍ରଥମଥର ପାଇଁ କୌଣସି ପୂର୍ବତନ ରାଷ୍ଟ୍ରପତିଙ୍କୁ ଗଣତନ୍ତ୍ର ଉପରେ ଆକ୍ରମଣ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି। ଅବଶ୍ୟ ୫ ଜଣଙ୍କ ମଧ୍ୟରୁ ଜଣେ ବିଚାରପତି ତାଙ୍କୁ ଖଲାସ କରିବା ପାଇଁ ମତ ରଖିଥିଲେ।



## ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଆଜି

ଇମ୍ଫାଲ, ୧୨।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତର ଦୁଇ ଦିନ ପୂର୍ବରୁ ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ହିଂସା ସୃଷ୍ଟି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଚୁରାଚାନ୍ଦପୁରରେ ଉତ୍ୟକ୍ତ ଲୋକେ ମୋଦୀଙ୍କ ସ୍ୱାଗତ ପାଇଁ ଲଗାଯାଇଥିବା ପୋଷ୍ଟର, ବ୍ୟାନର ଚିରିବା ସହ ବ୍ୟାରିକେଡିଂକୁ ହଟାଇବା ସହ ସେଠାରେ ନିଆଁ ଲଗାଇଛନ୍ତି। ଚୁରାଚାନ୍ଦପୁର ଥାନାଠାରୁ ପାଖାପାଖି ୫ କିମି ଦୂରରେ ଥିବା ପିସୋନୋମୁନ ଗାଁରେ ଏହି ଘଟଣା ଘଟିଛି। ପୁଲିସ ଲୋକଙ୍କୁ ସେଠାରୁ ବାହାର କରିବା ସହ ଲାଠିଚାର୍ଜ କରିଥିଲା। ତେବେ ଏଥିରେ କେତେଜଣ ଆହତ ହୋଇଛନ୍ତି ସେ ନେଇ କୌଣସି ସୂଚନା ମିଳିନାହିଁ। ମୋଦୀ ଶନିବାର ମଣିପୁର ଗସ୍ତ କରିବେ ଓ ୮, ୫୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିବେ। ୨୦୨୩ରେ ମଣିପୁରରେ ମେତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଆରମ୍ଭ ହେବା ପରେ ମୋଦୀ ପ୍ରଥମଥର ପାଇଁ ମଣିପୁର ଗସ୍ତ କରିଥିଲେ। ଏହି ହିଂସାରେ ଏପର୍ଯ୍ୟନ୍ତ ୨୬୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଛନ୍ତି ଓ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଫଳରେ ଫେବୃଆରୀରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା।

## ପୁରୁଣା ରୋଗରେ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଉଛି

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଭାରତରେ କ୍ରନିକ ଅର୍ଥାତ ପୁରୁଣା ରୋଗ କାରଣରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। କିନ୍ତୁ ବିଶ୍ୱରେ ଏହି ସଂଖ୍ୟାରେ ହ୍ରାସ ପାଉଛି। କରୋନା ମହାମାରୀ ପୂର୍ବରୁ ୨୦୧୦ରୁ ୨୦୧୯ ମଧ୍ୟରେ ହାର୍ଟ, କର୍କଟ, ପୁରୁଣା ଶ୍ୱାସ ସମନ୍ଧୀୟ ରୋଗରେ ଭାରତରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଜଣାଶୁଣା ମେଡିକାଲ ପତ୍ରିକା 'ଦି ଲାନସେଟ୍' ତା'ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛି। ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଏହା ଯଥାକ୍ରମେ ୨.୧ ଓ ୦.୧ ପ୍ରତିଶତ ବୃଦ୍ଧି ପାଇଛି। ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୫୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ବୃଦ୍ଧି ପାଇଛି। ଜନ୍ମରୁ ୮୦ ବର୍ଷ ବୟସର ମହିଳାଙ୍କ ମଧ୍ୟରେ ଗତ ୩ଟି ଦଶନ୍ଧିରେ ଭିନ୍ନ ଭିନ୍ନ ତଥ୍ୟ ମିଳିଛି। ୨୦୦୧ରେ ଏହା ୪୬.୭ ଓ ୨୦୧୧ରେ ଏହା ୪୬.୬ ପ୍ରତିଶତ ଥିଲା। କିନ୍ତୁ ୨୦୧୯ରେ ଏହା ୪୮.୭ ପ୍ରତିଶତରେ ପହଞ୍ଚିଥିଲା। ପୁରୁଷଙ୍କ କ୍ଷେତ୍ରରେ ଏହା ଅପେକ୍ଷାକୃତ ଭାବେ କମ୍ ରହିଛି। କିନ୍ତୁ ବିଶ୍ୱର ଅନ୍ୟ ୧୮୫ଟି ଦେଶରେ ପୁରୁଣା ରୋଗରେ ମହିଳାଙ୍କ ମୃତ୍ୟୁ ହାର ୩୩ ଓ ପୁରୁଷଙ୍କର ୩୮ ରହିଛି।

## ଅଭିନେତ୍ରୀ ଦିଶା ପଟାନୀଙ୍କ ଘରକୁ ଗୁଳିମାଡ଼

ବରେଲି, ୧୨।୯(ଏଜେନ୍ସି): ଉତ୍ତରପ୍ରଦେଶର ବରେଲିରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ଗୁଳିମାଡ଼ ହୋଇଛି। ଦୁଇଜଣ ଅଜ୍ଞାତ ଲୋକ ବାଇକ୍‌ରେ ଆସି ଦିଶାଙ୍କ ପରିବାର ରହୁଥିବା ଘର ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ଓ ଗୋଲ୍ଡି ବରାଡ ଗ୍ୟାଙ୍ଗ ସାମାଜିକ ଗଣମାଧ୍ୟମରେ ଏହି ଆକ୍ରମଣ ପାଇଁ ନିଜକୁ ଦାୟି କରିଛନ୍ତି। ସନ୍ଥ ପ୍ରେମାନନ୍ଦ ମହରାଜ ଓ ଅନିରୁଦ୍ଧଚାର୍ଯ୍ୟ ମହାରାଜଙ୍କୁ ଅପମାନର ପ୍ରତିଶୋଧ ନେବାକୁ ଏହି ଆକ୍ରମଣ କରାଯାଇଛି ବୋଲି ଏହି ଗ୍ୟାଙ୍ଗ ଦାବି କରିଛି। ସୂଚନା ମିଳିବା ମାତ୍ରେ ବରିଷ୍ଠ ପୁଲିସ ଅଧିକାରୀ ଅନୁରାଗ ଆର୍ଯ୍ୟ ଯାଞ୍ଚ୍ ଆରମ୍ଭ କରିଛନ୍ତି। ସାମାଜିକ ଗଣମଧ୍ୟମରେ କରାଯାଇଥିବା ପୋଷ୍ଟରେ ବୀରେନ୍ଦ୍ର ଚରଣ ଓ ମହେନ୍ଦ୍ର ସରଣ ନାମକ ଦୁଇଜଣ ବ୍ୟକ୍ତି ଏହି ସମ୍ପୂର୍ଣ୍ଣ ଫିଲ୍ମ ଇଣ୍ଡଷ୍ଟ୍ରୀକୁ ଚେତାବନୀ ଦେଇଛନ୍ତି।

## ନୌକା ବୁଡ଼ିବାରୁ କଙ୍ଗୋରେ ୧୦୦ ମୃତ

କିନ୍‌ଶାସା, ୧୨।୯(ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ମୋଟର ଚାଳିତ ନୌକା ଦୁର୍ଘଟଣାରେ ପାଖାପାଖି୧୦୦ ଲୋକ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଛାତ୍ର ଥିଲେ। ଇକ୍ୱାଟେଉର ରାଜ୍ୟର ଏନ୍‌ସୋଲୋ ଓ ମରିଙ୍ଗ ନଦୀର ସଂଗମରେ ହିଁ ନୌକାଟି ବୁଡି ଯାଇଥିଲା। ନୌକାରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ ଯାତ୍ରୀ ଥିଲେ ଓ ରାତିରେ ଏହି ଯାତ୍ରା କରିଥିବାରୁ ଦୁର୍ଘଟଣା ଘଟିଛି ବୋଲି ଶୁକ୍ରବାର ସରକରୀ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। କଙ୍ଗୋରେ ନୌକା ଦୁର୍ଘଟଣା ନୂଆ ନୁହଁ। କିଛି ଦିନତଳେ ଏକ ନୌକାରେ ନିଆଁ ଲାଗିବା ଫଳରେ ବୁଡିଯାଇଥିଲା ଓ ୫୦ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ବହୁ ଲୋକ ନିଖୋଜ ଥିଲେ। ନୌକାର କ୍ଷମତାଠାରୁ ଅଧିକ ସଂଖ୍ୟରେ ଲୋକ ଯାତ୍ରା କରିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି କୁହାଯାଇଛି। କଙ୍ଗୋରେ ଏଭଳି କେତୋଟି ସ୍ଥାନ ଅଛି ଯେଉଁଠାରେ ଖରାପ ରାସ୍ତା କାରଣରୁ ଲୋକେ ନୌକାରେ ଯିବାକୁ ପସନ୍ଦ କରିଥାନ୍ତି।



# ଇତିହାସ ରଚିଲେ ସୁଶୀଳା

### ଅନିଶ୍ଚିତତାର ଅବସାନ; ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସୁଶୀଳା

କାଠମାଣ୍ଡୁ, ୧୨।୯: ନେପାଳରେ ହିଂସାତ୍ମକ ଆନ୍ଦୋଳନ ପରେ ଗତ ୯ ତାରିଖରେ ପ୍ରଧାନମନ୍ତ୍ରୀ ଓଲି ସରକାରର ପତନ ଘଟିଲା। ଏହାପରେ ଦେଶରେ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ନେପାଳର ଗଠିତ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ସରକାରରେ ପ୍ରଧାନମନ୍ତ୍ରୀ କିଏ ହେବ, ତାହାକୁ ନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଶେଷରେ ଆଜି ଏଭଳି ଅନିଶ୍ଚିତତାର ଅବସାନ ଘଟିଛି। ନେପାଳ ସୁପ୍ରିମ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ସୁଶୀଳା କାର୍କି ଆଜି ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଏହାସହିତ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇ ଇତିହାସ ରଚିଛନ୍ତି। ସେ ମଧ୍ୟ ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଥିଲେ।

ଆଜି ସନ୍ଧ୍ୟାରେ ୭୩ ବର୍ଷୀୟା ସୁଶୀଳାଙ୍କ ଚୟନ ନେଇ ରାଷ୍ଟ୍ରପତି ରାମଚନ୍ଦ୍ର ପୋଡେଲଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କୁହାଯାଇଥିଲା ଯେ ଜେନ-ଜେଡ୍ ନାମରେ ପରିଚିତ ଆନ୍ଦୋଳନକାରୀ ନେତା, ରାଷ୍ଟ୍ରପତି ରାମଚନ୍ଦ୍ର ଓ ସେନା ଅଧ୍ୟକ୍ଷ ଅଶୋକ ରାଜଙ୍କ ମଧ୍ୟରେ ଆଜି ଦୀର୍ଘ ସମୟରେ ବିଚାର ଆଲୋଚନା ହୋଇଥିଲା। ଏଥିରେ ସୁଶୀଳାଙ୍କ ନାମକୁ ନେଇ ସହମତି ପ୍ରକାଶ ପାଇଥିଲା। ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇ ସୁଶୀଳା ଇତିହାସ ସୃଷ୍ଟି କରିଛନ୍ତି। ସେ ଶପଥ ନେବା ପରେ ଆଜି ରାତିରେ ମନ୍ତ୍ରିମଣ୍ଡଳ ବୈଠକ ହେବ ଏବଂ ଏଥିରେ ଜାତୀୟ ସଂସଦ ଓ ସମସ୍ତ ପ୍ରାଦେଶିକ ସଂସଦକୁ ଭଙ୍ଗ କରିବା ଲାଗି ସୁପାରିସ କରାଯିବ। ଏହାସହିତ ମଧ୍ୟରାତିରୁ ଦେଶରେ ଜରୁରୀ ପରିସ୍ଥିତି ମଧ୍ୟ ଜାରି କରାଯିବ।

ସୂଚନାଯୋଗ୍ୟ ଯେ ନେପାଳରେ ଦୁର୍ନୀତି ଓ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ଗତ ୮ ତାରିଖରୁ ତିନି ଦିନ ଧରି ବଡ଼ ଧରଣର ହିଂସାତ୍ମକ ଆନ୍ଦୋଳନ ହୋଇଥିଲା। ଆନ୍ଦୋଳନର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେଇଥିଲେ। ଏହି ହିଂସାକାଣ୍ଡରେ ଜଣେ ଭାରତୀୟଙ୍କ ସମେତ ୫୧ ଜଣ ପ୍ରାଣ ହରାଇଥିଲେ।

## ଶପଥ ନେଲେ ନୂଆ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ନବ ନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପୋନ୍ନୁସ୍ୱାମୀ ରାଧାକ୍ରିଷ୍ଣନ ଭାରତର ୧୫ତମ ଉପରାଷ୍ଟ୍ରପତି ପଦର ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଧାକ୍ରିଷ୍ଣନଙ୍କୁ ଶପଥ ପାଠ କରାଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୩୦ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଜାରି ରହିବ। ଶପଥପାଠ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ କେତୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନସାରୀ ଓ ଭେଙ୍କୟା ନାଇଡୁ ମଧ୍ୟ ଶପଥ ସମାରୋହରେ ଉପସ୍ଥିତ ଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୨୧ ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ ସ୍ୱାସ୍ଥ୍ୟାଗତ ଦୃଷ୍ଟିରୁ ଇସ୍ତଫା ଦେବା ପରେ ଏହି ସାମ୍ବିଧାନିକ ପଦ ଖାଲି ପଡ଼ିଥିଲା। ଏନ୍‌ଡିଏ ମେଣ୍ଟର ପ୍ରାର୍ଥୀ ଭାବେ ରାଧାକ୍ରିଷ୍ଣନ ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ସେ ବିପକ୍ଷ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ଅନ୍ତରରେ ପରାସ୍ତ କରିଥିଲେ। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ ମିଳିଥିଲା। ତାଙ୍କୁ ଆଶାଠାରୁ ଅଧିକ ୧୪ଟି ଭୋଟ ମିଳିଥିଲା। ଏହା ପୂର୍ବରୁ ରାଧାକ୍ରିଷ୍ଣନ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱରେ ଥିଲେ। ସେ ଗୁରୁବାର ରାଜ୍ୟପାଳ ପଦରୁ ଔପଚାରିକ ଭାବେ ଇସ୍ତଫା ଦେଇଥିଲେ। ରାଧାକ୍ରିଷ୍ଣନ ୧୪ ବର୍ଷ ବୟସରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ସହିତ ଜଡିତ ଥିଲେ। ସେ ଦୁଇଥର ତାମିଲନାଡୁର କୋଏମ୍ବାଟୁର ସାଂସଦ ଭାବେ ବିଜେପି ଟିକଟ୍‌ରେ ୧୯୯୮ ଓ ୧୯୯୯ରେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ତାମିଲନାଡୁ ବିଜେପିର ଅଧ୍ୟକ୍ଷ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ।



ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କ ଶପଥଗ୍ରହଣ ଉତ୍ସବରେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ଭେଙ୍କିୟା ନାଇଡୁ ଏବଂ ହମିଦ ଅନସାରୀ। ଜୁଲାଇ ୨୧ରେ ଇସ୍ତଫା ପରେ ଧନଖଡ଼ଙ୍କୁ ପ୍ରଥମ ଥର ଦେଖିବାକୁ ମିଳିଛି।

### ଭାରତର ଉପରାଷ୍ଟ୍ରପତିଙ୍କ ତାଲିକା

| | | |
|---|---|---|
| ୧. | ସର୍ବପଲ୍ଲୀ ରାଧାକୃଷ୍ଣନ | ୧୯୫୨ରୁ୧୯୫୭<br>୧୯୫୭ରୁ୧୯୬୨ |
| ୨. | ଜାକିର ହୁସେନ୍ | ୧୯୬୨ରୁ୧୯୬୭ |
| ୩. | ଭିଭି ଗିରି | ୧୯୬୭ରୁ୧୯୬୯ |
| ୪. | ଗୋପାଳ ପାଠକ | ୧୯୬୯ରୁ୧୯୭୪ |
| ୫. | ବିଡି ଜତ୍ତି | ୧୯୭୪ରୁ୧୯୭୯ |
| ୬. | ମହମ୍ମଦ ହିଦାୟତୁଲ୍ଲା | ୧୯୭୯ରୁ୧୯୮୪ |
| ୭. | ଆର. ଭେଙ୍କଟରମଣ | ୧୯୮୪ରୁ୧୯୮୭ |
| ୮. | ଏସ୍‌ଡି ଶର୍ମା | ୧୯୮୭ରୁ୧୯୯୨ |
| ୯. | କେଆର. ନାରାୟଣନ | ୧୯୯୨ରୁ୧୯୯୭ |
| ୧୦. | କୃଷ୍ଣକାନ୍ତ | ୧୯୯୭ରୁ୨୦୦୨ |
| ୧୧. | ଭୈରୋଁସିଂ ଶେଖାୱତ | ୨୦୦୨ରୁ୨୦୦୭ |
| ୧୨. | ହମିଦ ଅନସାରୀ | ୨୦୦୭ରୁ୨୦୧୨<br>୨୦୧୨ରୁ୨୦୧୭ |
| ୧୩. | ଭେଙ୍କିଆ ନାଇଡୁ | ୨୦୧୭ରୁ୨୦୨୨ |
| ୧୪. | ଜଗଦୀପ ଧନଖଡ଼ | ୨୦୨୨ରୁ୨୦୨୫ |
| ୧୫. | ସିପି ରାଧାକ୍ରିଷ୍ଣନ | ୨୦୨୫ରୁ.... |

## ଉପରାଷ୍ଟ୍ରପତିମାନଙ୍କ ସଂପର୍କରେ କିଛି ରୋଚକ ତଥ୍ୟ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି):ଭାରତୀୟ ଇତିହାସରେ ମହମ୍ମଦ ହିଦାୟତୁଲ୍ଲା ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଦେଶର ତିନିଟି ଯାକ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ଭାରତର ପ୍ରଧାନ ବିଚାରପତି ପଦବୀରେ ଆସୀନ ହୋଇଛନ୍ତି। ସେ ଦୁଇ ଥର କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ୧୯୬୮ରୁ ୧୯୭୦ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନ ବିଚାରପତି ଥିଲେ। ୧୯୬୯ରେ ରାଷ୍ଟ୍ରପତି ଜାକିର ହୁସେନଙ୍କ ପରଲୋକ ପରେ ଉପରାଷ୍ଟ୍ରପତି ଭିଭି ଗିରି କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ନେଇଥିଲେ। ତେବେ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାପରେ ସେ ଉଭୟ ପଦରୁ ଇସ୍ତଫା ଦେଇଥିଲେ। ତେଣୁ ପ୍ରଧାନ ବିଚାରପତି ଜଷ୍ଟିସ ହିଦାୟତୁଲ୍ଲାଙ୍କୁ ପ୍ରଥମ ଥର ଲାଗି କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ୨୦ ଜୁଲାଇରୁ ୨୪ ଅଗଷ୍ଟ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ। ପୁଣି ହିଦାୟତୁଲ୍ଲା ୧୯୭୯ରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ୧୯୮୨ରେ ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଚିକିତ୍ସା ଲାଗି ଆମେରିକା ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ହିଦାୟତୁଲ୍ଲା ୬ ଅକ୍ଟୋବର ୧୯୮୨ରୁ ୩୧ ଅକ୍ଟୋବର ୧୯୮୨ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ଭାରତର ପ୍ରଥମ ଉପରାଷ୍ଟ୍ରପତି ରାଧାକୃଷ୍ଣନ ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ଦୁଇ ଥର ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ତାଙ୍କ ପରେ କେବଳ ମହମ୍ମଦ ହିଦାୟତୁଲ୍ଲା ଏବଂ ଶଙ୍କର ଦୟାଳ ଶର୍ମା ହେଉଛନ୍ତି ଯେଉଁମାନେ କି ବିନା ପ୍ରତିଦ୍ୱନ୍ଦ୍ୱିତାରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ରାଧାକୃଷ୍ଣନଙ୍କ ପରେ ହମିଦ ଅନସାରୀ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଦୁଇ ଥର ଉପରାଷ୍ଟ୍ରପତି (୨୦୦୭ରୁ ୨୦୧୭) ହୋଇଥିଲେ। ଉପରାଷ୍ଟ୍ରପତି ପଦବୀ ଲାଗି ଯେତେଥର ପ୍ରତିଦ୍ୱନ୍ଦ୍ୱିତା ହୋଇଛି ସେଥିରେ କେବଳ ଶାସକ ଦଳର ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି।

## ଆମେରିକାରେ ଭାରତୀୟଙ୍କୁ ମୁଣ୍ଡ କାଟି ହତ୍ୟା



ଟେକ୍ସାସ୍, ୧୨।୯(ଏଜେନ୍ସି): ଆମେରିକା ଟେକ୍ସାସ ରାଜ୍ୟର ଡଲାସ ସହରରେ ମୋଟେଲ ମ୍ୟାନେଜର ଭାବେ କର୍ଯ୍ୟକରୁଥିବା ଜଣେ ଭାରତୀୟଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ୫୦ ବର୍ଷୀୟ ଚନ୍ଦ୍ରମୌଳି ନାଗାମାଲେୟା ନାମକ ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ତାଙ୍କ ପତ୍ନୀ ଓ ପୁଅଙ୍କ ସାମ୍ନାରେ ମୁଣ୍ଡ କାଟି ହତ୍ୟା କରାଯାଇଛି। ଏହି ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଆକ୍ରମଣକାରୀ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିବା ପରେ ତାହାକୁ ଗୋଇଠା ମାରୁଛି ଓ ପରେ ଏହାକୁ ଡଷ୍ଟବିନ୍‌ରେ ଫିଙ୍ଗୁଥିବାର ଦେଖାଯାଇଛି। ଏହି କାଣ୍ଡ ଘଟାଇଛନ୍ତି ୩୭ ବର୍ଷୀୟ ୟୋର୍ଡାନିସ୍ କୋବୋସ- ମାର୍ଟିନଜ। ପୁଲିସ ତାକୁ ଗିରଫ କରିଛି। କର୍ଣ୍ଣାଟକର ଚନ୍ଦ୍ରମୌଳି ଡଲାସ୍‌ରେ ଡାଉନଟାଉନ୍ ସୁଇଟ୍ସ ମୋଟେଲରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏକ ଭଙ୍ଗା ୱାସିଂ ମେସିନକୁ ନେଇ ଚନ୍ଦ୍ରମୌଳି ଓ ତାଙ୍କର ସହକର୍ମୀ ମାର୍ଟିନେଜଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ବୋଲି ପୁଲିସ କହିଛି। ଚନ୍ଦ୍ରମୌଳି ଏହି ଭଙ୍ଗା ୱାସିଂ ମେସିନ ବ୍ୟବହାର ନ କରିବାକୁ କହିଥିଲେ। କିନ୍ତୁ ଏନେଇ ବିବାଦ ବହୁତ ଆଗକୁ ବଢ଼ିଯାଇଥିଲା। ଉତକ୍ଷିପ୍ତ ହୋଇ ମାର୍ଟିନେଜ ଛୁରୀରେ ଚନ୍ଦ୍ରମୌଳିଙ୍କୁ ବାରମ୍ବାର ଆଘାତ ଦେଇଥିଲା। ଫଳରେ ସେ ସାହଯ୍ୟ ପାଇଁ ମୋଟେଲ ପାର୍କି ଅଞ୍ଚଳରେ ପାଟି କରି ଦୌଡ଼ିଥିଲେ। କିନ୍ତୁ ମାର୍ଟିନେଜ ତାଙ୍କର ପିଛା କରିଥିଲା ଓ ମାଚେଟ ଅର୍ଥାତ ଏକ ଧାରୁଆ ବ୍ଲେଡ୍ ଥିବା ଏକ ଛୁରୀରେ ବାରମ୍ବାର ଆକ୍ରମଣ କରିଥିଲା। ମୋଟେଲ ସାମ୍ନା ଅଫିସ୍‌ରେ ଥିବା ଚନ୍ଦ୍ରମୌଳିଙ୍କ ପତ୍ନୀ ଓ ପୁଅ ଦୌଡ଼ିଆସି ତାଙ୍କ ବଞ୍ଚାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ମାର୍ଟିନେଜ ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ସେ ଚନ୍ଦ୍ରମୌଳିଙ୍କ ମୁଣ୍ଡକାଟି ଦେଇଥିଲା। ଏହାପରେ ନିକଟରେ ଥିବା ଡଲାସ ଦମକଳ କର୍ମଚାରୀମାନେ ରକ୍ତରେ ଜୁଡୁବୁଡୁ ମାର୍ଟିନେଜକୁ ପିଛା କରିଥିଲେ। ପୁଲିସ ତାକୁ ଗିରଫ କରିଛି ଓ ସେ ମଧ୍ୟ ନିଜର ଅପରାଧ ସ୍ୱୀକାର କରିଛି। ପୁଲିସ ତା ଠାରୁ ରକ୍ତ ଲାଗିଥିବା ଏକ ଟି ସାର୍ଟ, ଏକ ଛୁରୀ, ଚନ୍ଦ୍ରମୌଳିଙ୍କ ଫୋନ୍ ଓ କି- କାର୍ଡ ଜବତ କରିଛି। ମାର୍ଟିନେଜ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ କହିଛି। ସେ ପୂର୍ବରୁ ଏକାଧିକ ଅପରାଧ ସହ ଜଡିତ। ଏହାପୂର୍ବରୁ ସେ କାଲିଫର୍ଣ୍ଣିଆରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ତାପୂର୍ବରୁ ଫ୍ଲୋରିଡା ଓ ହଷ୍ଟନରେ ତାକୁ ଗିରଫ ମଧ୍ୟ କରାଯାଇଥିଲା ବୋଲି ପୁଲିସ କହିଛି। ଏହି ଘଟଣାରେ ହଷ୍ଟନସ୍ଥିତ ଭାରତୀୟ ଦୂତାବାସ ଚନ୍ଦ୍ରମୌଳିଙ୍କ ହତ୍ୟା ପରେ ଦୁଃଖ ପ୍ରକାଶ କରିଛି ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଦେବାକୁ କହିଛି।

## ହାଇକୋର୍ଟଙ୍କୁ ବୋମା ଧମକ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଦିଲ୍ଲୀ ଓ ବମ୍ବେ ହାଇକୋର୍ଟକୁ ଶୁକ୍ରବାର ବୋମା ଧମକ ମିଳିଥିଲା। କିନ୍ତୁ ଏହି ଧମକ ଶେଷରେ ମିଥ୍ୟା ବୋଲି ଜଣା ପଡ଼ିଛି। ପ୍ରଥମେ ଦିଲ୍ଲୀ ହାଇକୋର୍ଟକୁ ଇମେଲ ଜରିଆରେ କୋର୍ଟ ରୁମ୍‌ରେ ୩ଟି ବମ୍ ରଖାଯାଇଛି ବୋଲି ସୂଚନା ମିଳିଥିଲା। ଅପରାହ୍ଣ ୨ଟା ପରେ କୋର୍ଟ ପରିସରକୁ ଖାଲି କରିବାକୁ କୁହାଯାଇଥିଲା। ଏହାପରେ ପୁଲିସ କୋର୍ଟକୁ ଖାଲି କରିଥିଲା। ବୋମା ନିଷ୍କ୍ରିୟକାରୀ ଦଳ ବମ୍ ଖୋଜିଥିଲେ। କିନ୍ତୁ କିଛି ମିଳି ନଥିଲା। ଶେଷରେ ବୋମା ବିସ୍ଫୋରଣ ଧମକ ମିଥ୍ୟା ସାବ୍ୟସ୍ତ ହୋଇଛି। ଇତିମଧ୍ୟରେ ବମ୍ବେ ହାଇକୋର୍ଟଙ୍କୁ ମଧ୍ୟ ସମାନ ଧମକ ମିଳିଥିଲା। ଫଳରେ କୋର୍ଟ ପରିସରକୁ ଖାଲି କରାଯାଇଥିଲା ଓ କିଛି ମିଳି ନଥିଲା। ଦୁଇଟି ସ୍ଥାନରେ ପାଖାପାଖି ୨ ଘଣ୍ଟା ଖୋଜାଖୋଜି କରାଯାଇଥିଲା।

ବମ୍ବେ ହାଇକୋର୍ଟ ବ୍ୟତୀତ ବିହାରରେ ମଧ୍ୟ ବୋମା ବିସ୍ଫୋରଣ ଧମକ ମିଳିଥିଲା। ସେପ୍ଟେମ୍ବର ୧୧ରେ ଏଠାରେ ବୋମା ଧମକ ମିଳିଥିଲା। ଶୁକ୍ରବାର ସର୍ବସାଧାରଣ ସ୍ଥାନରେ ବିସ୍ଫୋରଣରେ ଉଡାଇ ଦେବାକୁ କୁହାଯାଇଥିଲା। ଏହାପରେ ପୂରା ରାଜ୍ୟରେ ଆଲର୍ଟ ଜାରି କରାଯାଇଥିଲା। ପାକିସ୍ତାନର ଏକ ଏକ୍ସ ହ୍ୟାଣ୍ଡଲ୍‌ରୁ ଏହି ଧମକ ମିଳିଥିଲା। ଶୁକ୍ରବାର ସନ୍ଧ୍ୟା ୪ଟାରେ ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା। ଯଦି ରୋକି ପାରିବ ତ ରୋକ ବୋଲି କୁହାଯାଇଥିଲା। ଏହି ଏକ୍ସ ହ୍ୟାଣ୍ଡଲ ପାକିସ୍ତାନର ତହରିକ୍ ଲବ୍ବେକ ନାମକ ଏକ ସଂଗଠନ ସହିତ ଜଡିତ ବୋଲି କୁହାଯାଇଛି। ଧମକ ମିଳିବା ପରେ ସର୍ବସାଧାରଣ ସ୍ଥାନ, ଜନଗହଳି ଅଞ୍ଚଳ, ଧାର୍ମିକ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଥାଉ କି, ଅଗଷ୍ଟ ୨୦ରେ ଦିଲ୍ଲୀର ପାଖାପାଖି ୫୦ଟି ସ୍କୁଲ୍‌ରେ ବୋମା ବିସ୍ଫୋରଣ ଧମକ ମିଳିଥିଲା। କିନ୍ତୁ ଏହା ମିଥ୍ୟା ସାବ୍ୟସ୍ତ ହୋଇଥିଲା। ଫଳରେ କେତୋଟି ସ୍କୁଲ ଅନ୍‌ଲାଇନ୍ କ୍ଲାସ ଆରମ୍ଭ କରିଥିଲେ।

## କେବଳ ଦିଲ୍ଲୀ ନୁହେଁ, ସାରା ଦେଶ ସ୍ୱଚ୍ଛ ବାୟୁର ହକ୍‌ଦାର୍

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ଦିଲ୍ଲୀରେ ବାଣକୁ ବ୍ୟାନ କରିବା ନେଇ ଦିଆଯାଇଥିବା ଆଦେଶକୁ ଚ୍ୟାଲେଞ୍ଜ୍ କରିଥିବା ଆବେଦନଗୁଡିକର ଶୁଣାଣି କରିଥିଲେ। କେବଳ ଦିଲ୍ଲୀ-ଏନ୍‌ସିଆରର ସହରଗୁଡିକୁ ସ୍ୱଚ୍ଛ ଓ ନିର୍ମଳ ବାୟୁ ମିଳିବାର ଅଧିକାର ଅଛି, ତେବେ ଦେଶର ଅନ୍ୟ ସହରଗୁଡିକୁ କାହିଁକି ନୁହଁ ବୋଲି ମୁଖ୍ୟ ବିଚାରପତି ବିଆର ଗବାଇ ପ୍ରଶ୍ନ କରିଛନ୍ତି। ପ୍ରଦୁଷଣ ନିୟନ୍ତ୍ରଣକୁ ନେଇ ମୁଖ୍ୟ ବିଚାରପତି ଗବାଇ ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଶୁଣାଣି କରି କହିଥିଲେ ଯେ, ଯଦି ବାଣ ବ୍ୟାନ କରିଯିବ, ତେବେ ସାରା ଦେଶରେ ବ୍ୟାନ କରାଯିବ। ନିର୍ମଳ ବାୟୁ କେବଳ ଦିଲ୍ଲୀ-ଏନ୍‌ସିଆର ପର୍ଯ୍ୟନ୍ତ ସୀମିତ ରହିବା ଉଚିତ ନୁହଁ। ବରଂ ଏହା ଦେଶର ସବୁ ନାଗରିକଙ୍କୁ ମିଳିବା ଉଚିତ ବୋଲି ଏହି ଖଣ୍ଡପୀଠ କହିଥିଲେ। ପ୍ରଦୂଷଣ ଓ ପର୍ଯ୍ୟାବରଣ ସମ୍ପର୍କରେ ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଛି ତାହା ସାରା ଭାରତରେ ଲାଗୁ ହେବା ଉଚିତ। କେବଳ ଦିଲ୍ଲୀ ପାଇଁ ଆମେ ଏହି ନୀତି ନିର୍ଦ୍ଧାରଣ କରିବୁ ନାହିଁ। ଦିଲ୍ଲୀରେ କେବଳ ଉଚ୍ଚ ପଦ ପଦବୀରେ ରହୁଥିବା ବ୍ୟକ୍ତି ବା ଏଲିଟ କ୍ଲାସ ପାଇଁ ଏହି ନିଷ୍ପତ୍ତି ନିଆଯାଇ ପାରିବନାହିଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ରେ ହେବ। ଉଲ୍ଲେଖଥାଉ କି, ସୁପ୍ରିମକୋର୍ଟ ୨୦୨୫ ଏପ୍ରିଲ ୩ରେ ଦେଇଥିବା ଆଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଆଦେଶ ଅନୁସାରେ ଦିଲ୍ଲୀ ଓ ଏନ୍‌ସିଆରରେ ବାଣର ବିକ୍ରି, ସଂରକ୍ଷଣ, ପରିବହନ ଓ ତିଆରି ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ଆଦେଶକୁ ସଂଶୋଧନ କରିବା ନେଇ ଆବେଦନ କରାଯାଇଥିଲା।

## ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବାକୁ ଦେବୁନି: ନେତାନ୍ୟାହୁ

ତେଲ ଅଭିଭ୍, ୧୨।୯(ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପାଲେଷ୍ଟାଇନ୍ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଆମେ କେବେବି ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବାକୁ ଦେବୁନି ଓ ଏହି ସମଗ୍ର ଅଞ୍ଚଳ ଆମର। ୱେଷ୍ଟବ୍ୟାଙ୍କରେ ଏକ ବିବାଦୀୟ ବନ୍ଦୋବସ୍ତ ପ୍ରସସ୍ତୀକରଣ ପ୍ରକଳ୍ପ ନେଇ ଏକ ମହତ୍ତ୍ୱପୂର୍ଣ୍ଣ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ସେ ଏହି କଥା କହିଛନ୍ତି। ଏହି ଚୁକ୍ତି ଅନୁସାରେ ୱେଷ୍ଟବ୍ୟାଙ୍କ ଅଞ୍ଚଳରେ ଇ୧ ସେଟେଲମେଣ୍ଟ ପ୍ରକଳ୍ପକୁ ଆଗକୁ ବଢ଼ାଯିବ। ଫଳରେ ପୂର୍ବ ଜେରୁଜେଲମ ନିକଟରେ ୧୨ ବର୍ଗ କିମି ଅଞ୍ଚଳରେ ହଜାର ନୂଆ ଘର, ସଡକ ଓ ବିଭିନ୍ନ ସ୍ଥାୟୀ ଢ଼ାଞ୍ଚା ନିର୍ମାଣ କରାଯିବ। ୮, ୪୦୦ କୋଟି ଟଙ୍କା ବିନିୟମରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏହି ଜମି ହେଉଛି ଆମର ଓ ଆମେ ଆମର ପରମ୍ପରା ଓ ଜମିକୁ ରକ୍ଷା କରିବାକୁ ବଦ୍ଧପରିକର ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପକୁ ଇସ୍ରାଏଲ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୋଜନା କମିଟି ନିକଟରେ ମଞ୍ଜୁରି ପ୍ରଦାନ କରିଥିଲା। ଏହି ପ୍ରକଳ୍ପ ପୂର୍ବରୁ ୨୦୧୨ ଓ ୨୦୨୦ରେ ଆମେରିକା ଓ ୟୁରୋପିୟ ୟୁନିୟନର ବିରୋଧ କାରଣରୁ ଆଗକୁ ବଢ଼ି ପାରି ନଥିଲା। କିନ୍ତୁ ଏବେ ଏହାକୁ ପୁଣି ଥରେ ଆରମ୍ଭ କରାଯିବ।

## ସିକ୍କିମରେ ଭୂସ୍ଖଳନ; ୪ ମୃତ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ ଭୂସ୍ଖଳନ ଯୋଗୁଁ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ଜଣ ନିଖୋଜ ହୋଇଛନ୍ତି। ପଶ୍ଚିମ ସିକ୍କିମର ୟଙ୍ଗଥଙ୍ଗର ଅପର ରିମ୍ବି ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଶୁକ୍ରବାର ରାତିରେ ଭୂସ୍ଖଳନ ହୋଇଥିଲା। ଏହାର ଏକ ଭିଡିଓ ସାମ୍ନାକୁ ଆସିଛି। ପ୍ରବଳ ସ୍ରୋତରେ ବହୁଥିବା ଏକ ନଦୀରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଗାମୀ କେତୋଟି ଦିନରେ ଆହୁରି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ଆଲର୍ଟ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଆଗ୍ରାରେ ଯମୁନା ନଦୀର ବନ୍ୟା ଆସିଛି। ଏଠାରେ ୨୫ କଲୋନୀ ଓ ୪୦ଟି ଗାଁରେ ୨ରୁ ୫ ଫୁଟ ଉଚ୍ଚର ପାଣି ପଶିଛି। ତାଜମହଲ ପଛରେ ଥିବା ପାର୍କ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି। ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ଆଗ୍ରାରେ ୪୭ ବର୍ଷ ପରେ ଏଭଳି ବନ୍ୟା ଆସିଛି। ହିମାଚଳ ପ୍ରଦେଶରେ ଜୁନ୍ ୨୦ରୁ ଆରମ୍ଭ ହୋଇଥିବା ମୌସୁମୀ ବର୍ଷା, ବନ୍ୟା ଓ ଭୂସ୍ଖଳନ କାରଣରୁ ଏପର୍ଯ୍ୟନ୍ତ ୩୮୦ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪୦ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ସବୁଠାରୁ ଅଧିକ ୪୮ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ବାଦଲଫଟା ବର୍ଷାରେ ୧୭ଜଣ ପ୍ରାଣ ହରାଇଛନ୍ତି।

## ସୃଷ୍ଟି ହେଲା ଲଘୁଚାପ
# ଦକ୍ଷିଣ ଓଡ଼ିଶାରେ ବର୍ଷା

ଭୁବନେଶ୍ୱର,୧୨।୯ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପଶ୍ଚିମ କେନ୍ଦ୍ରୀୟ ଓ ପାଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନ ଏହା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଉପକୂଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିଛି। ଶୁକ୍ରବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୫ ଟା ମଧ୍ୟରେ ରାୟଗଡ଼ାରେ ସର୍ବାଧିକ ୪୧ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ ୩୩, ଛତ୍ରପୁର ୨୪, କୋରାପୁଟ ୨୦, ଝାରସୁଗୁଡ଼ା ୧୮, କଟକ ୧୨ ଓ ଗୋପାଳପୁରରେ ୧୦ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨ ଦିନ ମଧ୍ୟରେ ଲଘୁଚାପଟି ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୧୫ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି। ତେବେ ଆଗାମୀ ୪୮ ଘଣ୍ଟାରେ ଲଘୁଚାପର ପ୍ରଭାବ ସବୁଠୁ ଅଧିକ ରହିବାକୁ ଥିବାରୁ ଶନିବାର ପାଇଁ ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲା ପାଇଁ ବର୍ଷା ଜନିତ ଆଲର୍ଟ ଜାରି ହୋଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଲଘୁଚାପ ପ୍ରଭାବର ଉତ୍ତର ପଶ୍ଚିମବଙ୍ଗୋପସାଗରରେ ପବନର ବେଗ ୩୫-୪୫ କିମି ଓ ଝଟକା ପବନ ୫୫ କିମି ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଦକ୍ଷିଣ ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି।


ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ

ଅନ୍ୟପଟେ ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନକୂଳ ହୋଇଛି। ଆସନ୍ତା ୧୫ ତାରିଖ ମଧ୍ୟରେ ଦେଶର ଉତ୍ତର ପଶ୍ଚିମ ଭାଗ ଯଥା ପଶ୍ଚିମ ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ସମ୍ଭାବନା ରହିଛି। ସାଧାରଣତଃ ଲଗାତାର ୫ ଦିନ ପର୍ଯ୍ୟନ୍ତ ବର୍ଷା କମିବା ପରେ ମୌସୁମୀ ପ୍ରତ୍ୟାବର୍ତ୍ତନ ଜନିତ ସ୍ଥିତି ସୃଷ୍ଟି ହୋଇଥାଏ। ଗୁରୁଚାପ ବଳୟ ସୃଷ୍ଟି ହେବା ସହ ଆକାଶ ନିର୍ମଳ ମଧ୍ୟ ରହିବ। ସେପ୍ଟେମ୍ବର ୧ ପରେ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥାଏ। ଓଡ଼ିଶାରୁ ମୌସୁମୀ ଅକ୍ଟୋବର ୧୦-୧୫ ତାରିଖ ମଧ୍ୟରେ ବିଦାୟ ନେଇଥାଏ। ଯେହେତୁ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ସମୟରେ ଦେଶରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଛି, ଓଡ଼ିଶାରୁ ମଧ ସଠିକ୍ ସମୟରେ ମୌସୁମୀ ବିଦ୍ୟାୟ ନେବା ନେଇ ଆକଳନ କରାଯାଉଛି।

## ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍
# କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

ପୁରୀ,୧୨।୯ (ସମିସ): ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍। ଏ ନେଇ ବାରମ୍ବାର ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ସେମାନେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ବେନିୟମ ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଆକ୍ଟିଭ୍ ହେବା ନେଇ ସୂଚନା ଦିଆଯାଇଥିଲା। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?



ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବାବେଳେ ଏବେ ଚିନ୍ତା ବଢ଼ାଇ ଦେଲାଣି ଡ୍ରୋନ୍ ଉଡ଼ାଣ। କିଛିଦିନର ବ୍ୟବଧାନ ପରେ ଗୁରୁବାର ରାତିରେ ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଥିଲା। ପ୍ରାୟ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ନିକଟରେ ଡ୍ରୋନ୍ଟି ପଇଁତରା ମାରିଥିଲା। ଡ୍ରୋନ୍ଟି ନୀଳଚକ୍ରଠାରୁ ସିଂହଦ୍ୱାର, ପୁଣି ସିଂହଦ୍ୱାରରୁ ଉତ୍ତରଦ୍ୱାର ପର୍ଯ୍ୟନ୍ତ ପରିକ୍ରମା ମାର୍ଗ ଉପରି ଭାଗରେ ଉଡ଼ି ବୁଲୁଥିଲା। ତେବେ ଡ୍ରୋନ୍ଟି କେଉଁଠାରୁ ଅପରେଟ୍ ହେଉଛି, କିଏ ଅପରେଟ୍ କରୁଛି ତାହା ଜଣାପଡ଼ି ନ ଥିଲା। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଶୁକ୍ରବାର ସକାଳେ ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଥିଲା ଡ୍ରୋନ୍। ନୀଳଚକ୍ର ଉପର ଦେଇ ଏହି ଡ୍ରୋନ୍ ପ୍ରାୟ ୧୦ ମିନିଟ୍ ଧରି ସେଠାରେ ଉଡ଼ି ବୁଲିଥିଲା। ଏହାକୁ କିଏ ଏବଂ କେଉଁଠୁ ଅପରେଟ୍ କରୁଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ମଧ କୌଣସି ସୁରାକ୍ ପାଇପାରି ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। କେତେଜଣଙ୍କୁ ମଧ ପୁଲିସ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ଏହାସତ୍ତ୍ୱେ ଏଥିରେ ରୋକ୍ ଲାଗିପାରୁ ନାହିଁ। ତେବେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଯେପରି ଡ୍ରୋନ୍ ଉଡ଼ାଣ ନ ହେବ ସେଥିଲାଗି ଆଣ୍ଟି ଡ୍ରୋନ୍ ସିଷ୍ଟମ ଆକ୍ଟିଭ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଥିଲା। ଚଳିତବର୍ଷ ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ଗତ ଜୁନ୍ ୨୬ ତାରିଖରେ ଶ୍ରୀମନ୍ଦିର ନୋ ଫ୍ଲାଇଂ ଜୋନ୍ରେ ଡ୍ରୋନ୍କୁ ନିଷ୍କ୍ରିୟ କରିବା ପାଇଁ ଏହି ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ହିଁ ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉଡୁଥିବା ଗୋଟିଏ ଡ୍ରୋନ୍କୁ ନିଷ୍କ୍ରିୟ କରାଯାଇଥିଲା। ଦକ୍ଷିଣ ଦ୍ୱାର ପାଶ୍ୱର୍ରେ ଉଡୁଥିବା ଏକ ଡ୍ରୋନ୍କୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଖସାଇ ଦେଇଥିଲା। ଏହି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଦ୍ୱାରା ଏକ ନେଟ୍ୱର୍କ କ୍ଷେତ୍ର ସୃଷ୍ଟି ହେବ। ବେଆଇନ ଭାବେ ଡ୍ରୋନ୍ ଉଡ଼ିଲେ ଏହାକୁ ଚିହ୍ନଟ କରି ତୁରନ୍ତ ନିଷ୍କ୍ରିୟ କରିବ ଏହି ସିଷ୍ଟମ୍ ବୋଲି କୁହାଯାଇଥିଲା। ହେଲେ ଏହା ପରେ ଏକାଧିକଥର ଉଡ଼ିଲାଣି ଡ୍ରୋନ୍। କିନ୍ତୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ନିଷ୍କ୍ରିୟ କରିବାରେ ଫେଲ୍ ମାରିଛି। ଫଳରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

## ସାର ନିଅଣ୍ଟ; ବର୍ଷିଲା ବିଜେଡି
# ୧୫ରେ ରାଜଭବନ ଆଗରେ ବିଶାଳ ଗଣଧାରଣା

ଭୁବନେଶ୍ୱର,୧୨।୯ (ସମିସ): ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରହିଛି ବୋଲି ରାଜ୍ୟ ସରକାର ବାରମ୍ବାର ଦାବି କରୁଛନ୍ତି। ହେଲେ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ସାର ସଂକ୍ରାନ୍ତ ସରକାରଙ୍କ ସବୁ ଦାବି ମିଥ୍ୟା ପ୍ରମାଣିତ ହୋଇଛି। ଏହାର ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟରେ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ ସାରର କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ ସାର ସମସ୍ୟା ଉପରେ ସମୀକ୍ଷା କରିବା ପରେ ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ପୂର୍ବରୁ ମଧ ସେ ସମୀକ୍ଷା କରିବା ପରେ ସାର ମହଜୁଦ ଥିବା କଥା କହିଥିଲେ। ମାତ୍ର ସାର ନମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ସରକାର ସମସ୍ୟାର ସମାଧାନ ନକରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି। ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଦାବି ଏକ ପ୍ରହସନ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ସାର ସ୍ଥିତି ଅତ୍ୟାବଶ୍ୟକୀୟ ପରିମାଣ ଠାରୁ ବହୁତ କମ ପରିମାଣର ସାର ମିଳି ପାରିଛି। ମାତ୍ର ସରକାର ଲୋକଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।




ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟର ୭୦ ପ୍ରତିଶତ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭର କରେ। ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ସାରର ନିଅଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀଙ୍କୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ; କିନ୍ତୁ କୌଣସି ସମାଧାନର ରାସ୍ତା ବାହାରି ନାହିଁ। ପ୍ରାୟ ସାତ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଳଚେର ସାର କାରଖାନା କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଏହି କାରଖାନା ୩୬ ମାସରେ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। କିନ୍ତୁ ସାତ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ସାର କାରଖାନା କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ରାଜ୍ୟର କୃଷକ ସମାଜର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସ୍ୱର ଉତ୍ତୋଳନ କରିବ। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ, ଆଗାମୀ ୧୫ ତାରିଖରେ ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ସେ କହିଛନ୍ତି।

**ସରକାରଙ୍କ ବେପରୁଆ ମନୋଭାବ ଯୋଗୁଁ ସାର ସମସ୍ୟା**

**୮୪ ମାସ ପରେ ବି କାର୍ଯ୍ୟକ୍ଷମ ହେଲାନି ସାର କାରଖାନା**

# ନଭେମ୍ବର ୫ରୁ ଐତିହାସିକ କଟକ ବାଲିଯାତ୍ରା
## କେବଳ ତଳ ପଡ଼ିଆରେ ଯାତ୍ରା, ତିଆରି ହେବ ଗ୍ରୀନ୍ କରିଡର୍

କଟକ, ୧୨।୯ (ସମିସ): କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା କଟକ ଉତ୍ସବ-୨୦୨୫ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ -୨୦୨୫ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ସୁରକ୍ଷିତ ବାଲିଯାତ୍ରା ଆୟୋଜନକୁ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ବାଲିଯାତ୍ରା କେବଳ ତଳ ପଡ଼ିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଅଣାଯାଇସାରିଛି। ଏନଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟର ନିୟମାବଳୀ ଅନୁଯାୟୀ ବାଲିଯାତ୍ରା ପରିଚାଳନାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ସୂଚାରୁ ପରିଚାଳନା ନିମନ୍ତେ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ଏଥି ସହ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ପାଇଁ ଲଗାତାର ତୃତୀୟ ବର୍ଷ ନିମନ୍ତେ ଚଳିତ ଥରର ବାଲିଯାତ୍ରା ସମ୍ପର୍କିତ ରିପୋର୍ଟ ୟୁନେସ୍କୋକୁ ପଠାଯିବ। ଏହାସହ ଗ୍ରୀନ୍ କରିଡର, ପାର୍କିଂ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ମାନ ଯାଞ୍ଚ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରୀନ୍ କରିଡରର ଦୁଇ ପାଶ୍ୱର୍ରେ ଉଠା ଦୋକାନୀଙ୍କୁ ବସିବାକୁ ନ ଦେଇ ଅନ୍ୟତ୍ର ସ୍ୱତନ୍ତ୍ର ସ୍ଥାନ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ପାର୍କିଂସ୍ଥାନରୁ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ନେବା ଆଣିବା ପାଇଁ ଅତି କମରେ ୪୦ଟି ବସ୍ ସେବା ପାଇଁ ସ୍ଥିର କରାଯାଇଛି। ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ସମ୍ପୂର୍ଣ୍ଣ ଟ୍ରାଫିକ୍ ନିୟନ୍ତ୍ରଣର ରୂପରେଖ ଉପସ୍ଥାପନ କରିଥିଲେ।



## ଆଇଏଏସ୍ ସ୍ତରରେ ଛୋଟ ଅଦଳବଦଳ
# ଅନ୍ୱେଷା ରେଡ୍ଡୀ ଆଇଜି ରେଜିଷ୍ଟ୍ରେସନ

ଭୁବନେଶ୍ୱର,୧୨।୯ (ସମିସ): ରାଜ୍ୟ ସରକାର ଶୁକ୍ରବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଦଳବଦଳରେ ଓମ୍ଫେଡ୍ର ପରିଚାଳନା ନିର୍ଦ୍ଦେଶକ ଥିବା ୨୦୧୩ ବ୍ୟାଚ୍ର ଆଇଏଏସ୍ ଅଫିସର ବିଜୟ ଅମୃତା କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଉଥିଲେ। ଅନ୍ୟପଟେ ବର୍ତ୍ତମାନ ସେ ଓମ୍ଫେଡ୍ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି ଆୟୁଷର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍ର ଆଇଏଏସ୍ ଅଧିକାରୀ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଓ ୨୦୧୫ ବ୍ୟାଚ୍ର ଆଇଏଏସ୍ ଅଫିସର ଅଞ୍ଜନା ପଣ୍ଡାଙ୍କୁ ଆୟୁଷର ନିର୍ଦ୍ଦେଶିକା ଭାବେ ନିଯୁକ୍ତି ଦିଆଯାଇଛି। ସେ ଏବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଅବକାରୀ କମିଶନର ଥିବା ୨୦୧୭ ବ୍ୟାଚ୍ର ଆଇଏଏସ୍ ପି. ଅନ୍ୱେଷା ରେଡ୍ଡୀଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ଛାତ୍ର ସଂସଦ ନିର୍ବାଚନ
# ମଉଳୁଛି ଆଶା; ଆଶଙ୍କାରେ ଛାତ୍ରନେତା

ଭୁବନେଶ୍ୱର, ୧୨।୯ (ସମିସ): ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବାର ଆଶା ମଉଳି ଯାଉଛି। ସାଧାରଣତଃ ଦୁର୍ଗାପୂଜା ଛୁଟି ପୂର୍ବରୁ ନିର୍ବାଚନ ହେଉଥିବାବେଳେ ଏହି ପ୍ରକ୍ରିୟା ନିମନ୍ତେ ଅନ୍ୟୂନ ୩ ସପ୍ତାହ ଲାଗିଥାଏ। ତେଣୁ ହାତରେ ଆଉ ସମୟ ନ ଥିବାରୁ ଏ ବର୍ଷ ଛାତ୍ର ସଂସଦ ନିର୍ବାଚନ ହୋଇ ନପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। କ୍ଷମତାକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ବିଜେପିର ଘୋଷଣା ପାଣିର ଗାର ପାଲଟିବାକୁ ଯାଉଛି।

ଛାତ୍ର ସଂସଦ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବାର ଦୁଇଦିନ ପରେ ମତଦାତାଙ୍କ ଏକ ପ୍ରାଥମିକ ସୂଚୀ ପ୍ରକାଶ ପାଇଥାଏ। ମତଦାତା ସୂଚୀ ଉପରେ ଆପତ୍ତି ଅଭିଯୋଗ କରିବାକୁ ୩ଦିନ ସମୟ ଦିଆଯାଏ। ଏହା ପରଦିନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥାଏ। ମତଦାତା ସୂଚୀ ପ୍ରକାଶ ପରେ ଆଶାୟୀଙ୍କୁ ନାମାଙ୍କନ ପାଇଁ ୩ ଦିନ ସମୟ ମିଳେ। ଏହା ପରଦିନ ପ୍ରାର୍ଥିପତ୍ର ଯାଞ୍ଚ କରିବା ସହ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଏ। ଏହି କ୍ରମରେ ପ୍ରଚାର କରିବା ପାଇଁ ପ୍ରାର୍ଥୀମାନେ ୭ରୁ ୮ ଦିନ ସମୟ ପାଇଥା'ନ୍ତି। ନିର୍ବାଚନ ସରିବା ପରେ ଫଳ ଘୋଷଣା ସହ ଉଚ୍ଚ ଶିକ୍ଷାନୁଷ୍ଠାନରେ ଦୁର୍ଗାପୂଜା ଛୁଟି ହୋଇଥାଏ। ଏହି ସମସ୍ତ ପ୍ରକ୍ରିୟା ପାଇଁ ପ୍ରାୟ ୩ ସପ୍ତାହ ଲାଗିଥାଏ। ଏଣୁ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ସମୟ ନ ଥିବାରୁ ନିର୍ବାଚନ ନ ହେବାର ଆଶଙ୍କା କ୍ରମଶଃ ଦୃଢ଼ୀଭୂତ ହେଉଛି।

ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଚଳିତ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରିଥିଲେ। ଏହାକୁ ନେଇ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ନାମଲେଖା ଆରମ୍ଭ ହେଉହେଉ ବିଭିନ୍ନ ଛାତ୍ର ସଂଗଠନ ହେଲ୍ପଡେସ୍କ, ଚାରା ରୋପଣ ଓ ବନ୍ଧୁ ମିଳନ ନାମରେ ସଂଗଠନ ସୁଦୃଢ଼ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ଏଫ୍ଏମ୍ କଲେଜ ଛାତ୍ରୀ ନିର୍ଯାତନା ଓ ଆତ୍ମଦାହ ଘଟଣା ଛାତ୍ର ସଂସଦ ନିର୍ବାଚନ ଉପରେ କଳା ବାଦଲ ଢାଙ୍କି ଦେଇଛି। ପୁନଶ୍ଚ ଆତ୍ମଦାହ ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୁଇଜଣ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) କାର୍ଯ୍ୟକର୍ତ୍ତାଙ୍କୁ କ୍ରାଇମବ୍ରାଞ୍ଚ ବାନ୍ଧିବା ଶାସକ ଦଳକୁ ଅଡୁଆରେ ପକାଇଛି। ପୁନଶ୍ଚ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବହୁ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ ଉଚ୍ଚଶିକ୍ଷା ବିଭାଗ ତାକୁ ଚାପି ଦେଇଥିବା ଅଭିଯୋଗ ଜଣା ପଡ଼ିବା ପରେ ଛାତ୍ରମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି ଓ ଛାତ୍ର ସଂସଦ ନିର୍ବାଚନ କରିବା ନେଇ ସରକାର ଆଉ ମୁହଁ ଖୋଲୁ ନାହାନ୍ତି। ଅପରପକ୍ଷରେ ଶିକ୍ଷାବର୍ଷକୁ ୫ମାସ ବିତିଥିଲେ ମଧ ଉଚ୍ଚ ଶିକ୍ଷା ବିଭାଗର ଶୈକ୍ଷିକ କ୍ୟାଲେଣ୍ଡର ପ୍ରକାଶ ପାଇ ନ ଥିବାରୁ ଛାତ୍ର ସଂସଦ ନିର୍ବାଚନ ଆଶା କ୍ଷୀଣ ହେଉଛି।

# ବ୍ଲାକମେଲିଂ ଓ ଦୁଷ୍କର୍ମ ଅଭିଯୋଗରେ ଜେଲ୍‌ଗଲେ ଅଧ୍ୟାପକ

ଲାଞ୍ଜିଗଡ଼,୧୨।୯ (ସମିସ): ଗାଧୋଇବା ସମୟରେ ମୋବାଇଲରେ ଫଟୋ ଉଠାଇ ଜଣେ ମହିଳାଙ୍କୁ ବ୍ଲାକମେଲିଂ କରିବା ସହ ବାରମ୍ବାର ଦୁଷ୍କର୍ମ କରିବା ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ସରକାରୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକଙ୍କୁ ଜେଲ୍ ଯିବାକୁ ପଡ଼ିଛି। ମହିଳା ଜଣକ ଅଧ୍ୟାପକ ବିକ୍ରମ ସ୍ୱାଇଁଙ୍କ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ପୁରୀ ଅସ୍ତରଙ୍ଗ ଥାନା ଅଞ୍ଚଳର।



ସୂଚନା ଅନୁସାରେ, ସମ୍ପୃକ୍ତ ପୀଡ଼ିତା ଓ ଅଭିଯୁକ୍ତ ଅଧ୍ୟାପକ ପାଖାପାଖି କ୍ୱାର୍ଟର୍ସରେ ରହୁଥିଲେ। ବର୍ଷକ ତଳେ ମହିଳା ଜଣକ ଗାଧୋଉଥିବା ବେଳେ ଅଭିଯୁକ୍ତ ଅଧ୍ୟାପକ ହଠାତ୍ ପଶିଆସି ମୋବାଇଲରେ ମହିଳାଙ୍କ ନଗ୍ନଫଟୋ ଉଠାଇଥିଲେ। ସେଇଦିନଠୁ ସେ ମହିଳାଙ୍କୁ ଫଟୋ ଦେଖାଇ ବ୍ଲାକମେଲ କରିବା ସହିତ ବାରମ୍ବାର ଦୁଷ୍କର୍ମ କରୁଥିବା ପୀଡ଼ିତା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏପରିକି ମହିଳା ଜଣକ ନିଜ ଗାଁକୁ ଯାଇ ଫେରିବା ପରେ ବି ଅଧ୍ୟାପକ ଜଣକ ତାଙ୍କୁ ବ୍ଲାକମେଲ କରିବା ଛାଡ଼ି ନ ଥିଲେ। ଏନେଇ ମାନସିକ ଚାପର ବଶବର୍ତ୍ତୀ ହୋଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ମଧ ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ତାଙ୍କ ନଗ୍ନ ଫଟୋକୁ ସମ୍ପୃକ୍ତ ଅଧ୍ୟାପକ ନିଜର ସାଙ୍ଗସାଥୀଙ୍କୁ ପଠାଇ ତାଙ୍କୁ ବଦନାମ୍ କରୁଥିବା ସେ ଅଭିଯୋଗ କରିଛନ୍ତି।

ମହିଳାଙ୍କ ଯୌନ ଉତ୍ପୀଡ଼ନ ଅଭିଯୋଗ ପରେ ଅଭିଯୁକ୍ତ ଅଧ୍ୟାପକ ଦୀର୍ଘ ୧୧ମାସ ପର୍ଯ୍ୟନ୍ତ ଛୁଟି ନେଇ ପଳାଇଥିଲେ। ତେବେ ଗତ ୯ ତାରିଖ ଦିନ ସେ ଶିକ୍ଷାନୁଷ୍ଠାନକୁ ଫେରିବା ଦିନ ମହିଳାଜଣକ ଲାଞ୍ଜିଗଡ଼ ଥାନାରେ ତାଙ୍କ ନାମରେ ଅଭିଯୋଗ କରିଥିଲେ। ଲାଞ୍ଜିଗଡ଼ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହିତ ୧୦ ତାରିଖ ଦିନ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଅଧ୍ୟାପକ ଏବେ ବିଚାର ବିଭାଗୀୟ ଜେଲ୍ରେ ଅଛନ୍ତି। ତାଙ୍କୁ ମିଥ୍ୟା ମାମଲାରେ ଫଶାଇ ଦିଆଯାଇଛି ବୋଲି କିଛି ସହକର୍ମୀ ଓ ପୁରାତନ ଛାତ୍ର କହିଛନ୍ତି।

## ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଘଟଣ
# କନିଷ୍ଠ କିରାଣିଙ୍କ ଆତ୍ମାହୁତି ଉଦ୍ୟମ

ମାର୍ଶାଘାଇ,୧୨।୯ (ସମିସ): ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ କନିଷ୍ଠ କିରାଣି (ଟାଇପିଷ୍ଟ) ଅରୁଣ କୁମାର ରଥ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିବା ଘଟଣା ଆଜି ମାର୍ଶାଘାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଶ୍ରୀ ରଥ ଦେହରେ ପେଟ୍ରୋଲ ଢାଳିବା ବେଳେ ସେଠାରେ ଉପସ୍ଥିତ ଥିବା ମାଜିଷ୍ଟ୍ରେଟ୍ ଶ୍ରୀକାନ୍ତ ପରିଜା ତାଙ୍କୁ ଏଥିରୁ କ୍ଷାନ୍ତ କରିଥିଲେ।

ସୂଚନା ମୁତାବକ, ଶ୍ରୀ ରଥ ୨୩ ବର୍ଷ ଧରି ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କିରାଣି (ଟାଇପିଷ୍ଟ) ଭାବେ କାର୍ଯ୍ୟ କରିବା ସତ୍ତ୍ୱେ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେ ଏହାକୁ ବିରୋଧ କରି ଅଦାଲତର ଆଶ୍ରୟ ନେଇ ବିଫଳ ହୋଇଥିଲେ। ଫଳରେ ଅରୁଣଙ୍କୁ ସ୍ଥାୟୀ ନିଯୁକ୍ତି ମିଳି ନ ଥିଲା। ଅରୁଣ ନ୍ୟାୟ ପାଇଁ ଅନଶନ କରିଥିବାବେଳେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଅରୁଣ ଜିଲ୍ଲାପାଳ, ଏସ୍ପି, ଉପଜିଲ୍ଲାପାଳ, ମାର୍ଶାଘାଇ ଥାନା ଅଧିକାରୀ, ତହସିଲଦାର, ଉଚ୍ଚମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୨ ତାରିଖ ବିଦ୍ୟାଳୟ ସ୍ୱନକ୍ଷତ୍ର ଅବସରରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ଫଳରେ ଏସ୍ପିଙ୍କ ନିର୍ଦ୍ଦେଶରେ ଅଗ୍ନିଶମ କର୍ମଚାରୀ, ପୁଲିସ କର୍ମଚାରୀ, ମାଜିଷ୍ଟ୍ରେଟ ମାର୍ଶାଘାଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସଜାଗ ଥିଲେ। ତେବେ ସୁରକ୍ଷା ବଳୟ ଭେଦ କରି ଧାର୍ଯ୍ୟ ସମୟ ୧୨ଟାର ବହୁ ବିଳମ୍ବରେ ଅରୁଣ ମୁହଁରେ ମାସ୍କ ପିନ୍ଧି ବିଦ୍ୟାଳୟ ପଶ୍ଚିମପାର୍ଶ୍ୱ ଜଙ୍ଗଲିଆ ରାସ୍ତାରେ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରିଥିଲେ। ବିଦ୍ୟାଳୟ ସମ୍ମୁଖରେ ଆତ୍ମାହୁତି ପାଇଁ ଉଦ୍ୟମ କରୁଥିବାବେଳେ ମାଜିଷ୍ଟ୍ରେଟ ଶ୍ରୀ ପରିଜା ପେଟ୍ରୋଲ ବୋତଲ ଜବତ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ପେଟ୍ରୋଲ କେଉଁଠୁ ଆଣିଲ ବୋଲି ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ ବାଇକରୁ ପେଟ୍ରୋଲ ନିଗାଡ଼ି ଆଣିଥିବା କହିଥିଲେ।


ଦେହରେ ପେଟ୍ରୋଲ ଢାଳିବା ବେଳେ ଅଟକାଇଲେ ମାଜିଷ୍ଟ୍ରେଟ୍

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଛାତ୍ରଙ୍କ ଆତ୍ମହତ୍ୟା

ବାଲେଶ୍ୱର,୧୨।୯ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଜଣେ ନର୍ସିଂ ଛାତ୍ର ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ନର୍ସିଂ ଛାତ୍ର ଜଣଙ୍କ ହେଲେ ସୋର ଅଞ୍ଚଳର ରୋମିଓ ରଞ୍ଜନ ସାମଲ(୨୦)। ମୃତ୍ୟୁର କାରଣ ଏଯାଏଁ ଅସ୍ପଷ୍ଟ ଥିବାବେଳେ ଅନଲାଇନ୍ ଗେମ୍ରେ ଟଙ୍କା ହରାଇବା ଦୁଃଖରେ ଫ୍ୟାନ୍ରେ ଝୁଲି ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ମୃତ୍ୟୁକୁ ନେଇ ପରିବାର ଲୋକ ମୁହଁ ଖୋଲିନଥିବା ବେଳେ ପୁଲିସ ମଧ ଏହାର କାରଣ ସ୍ପଷ୍ଟ କରିନାହିଁ।

ସୂଚନାନୁଯାୟୀ, ବିଏସ୍ସି ନର୍ସିଂର ଛାତ୍ର ରୋମିଓ ପୁରୀର ଏକ ଘରୋଇ କଲେଜରେ ପାଠ ପଢୁଥିଲେ। ତାଙ୍କ ବାପା ମୃତ୍ୟୁଞ୍ଜୟ ସାମଲ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ। ତେଣୁ ରୋମିଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାପାଙ୍କୁ ନେବାଆଣିବା କରିବା ସହ ସେଠାରେ ନର୍ସିଂ ଟ୍ରେନିଂ ନେଉଥିଲେ। ହଠାତ୍ ଗତକାଲି ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସର୍ଜରୀ ୱାର୍ଡର ଡ୍ରେସିଂରୁମ୍ ଫ୍ୟାନ୍ରେ ସେ ଝୁଲିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଫ୍ୟାନରୁ ଓହ୍ଲାଯାଇ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଅନ୍‌ଲାଇନ୍ ଗେମ୍ ଖେଳି ଆତ୍ମହତ୍ୟା କରିଥିବା ସନ୍ଦେହ**

# ବଲାଙ୍ଗିର ସରକାରୀ ପଲିଟେକ୍‌ନିକ୍‌ରେ ରାଗିଂ

- ପ୍ରଥମ ବର୍ଷର ଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ମାଡ଼
- ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ସମାଧାନ ପାଇଁ ଉଦ୍ୟମ

ବଲାଙ୍ଗିର,୧୨।୯ (ସମିସ): ବଲାଙ୍ଗିର ସରକାରୀ ପଲିଟେକନିକରେ ଜଣେ ଛାତ୍ରୀଙ୍କୁ ର୍‍ୟାଗିଂ ହୋଇଛି। ଜଣେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ ମାଡ ମାରିଛନ୍ତି। ଏହି ଘଟଣା ପରେ ଏହାର ସମାଧାନ ପାଇଁ ଅଧ୍ୟକ୍ଷଙ୍କ କାର୍ଯ୍ୟାୟରେ ବୈଠକ ବସିଥିଲା। ତେବେ ଏହା ପଛର କାରଣ ସ୍ପଷ୍ଟ ହୋଇନି। ଏହି ଘଟଣା କିନ୍ତୁ ପଲିଟେକନିକରେ ଚାଲିଥିବା ର୍‍ୟାଗିଂ ଅଭିଯୋଗକୁ ସତ୍ୟ ପ୍ରମାଣିତ କରିଛି। ବଲାଙ୍ଗିର ସରକାରୀ ପଲିଟେକନିକରେ ବିଭିନ୍ନ ସମୟରେ ଛାତ୍ରଛାତ୍ରୀ ର୍‍ୟାଗିଂର ଶିକାର ହେଉଥିବା ଅଭିଯୋଗ ହୋଇଥାଏ। ଅବଶ୍ୟ ପଲିଟେକନିକ ବଦନାମରୁ ବର୍ତ୍ତିବା ପାଇଁ ଚାପି ଦେଇଥାଏ। ତେବେ ଶୁକ୍ରବାର ର୍‍ୟାଗିଂ ପ୍ରଘଟ ହୋଇଛି। ଅଭିଯୋଗ ଅନୁସାରେ ପଲିଟେକନିକଟର ସିଭିଲ ବିଭାଗର ପ୍ରଥମ ବର୍ଷର ଜଣେ ଛାତ୍ରୀଙ୍କୁ ଇଲେକ୍ଟ୍ରିକାଲ ବିଭାଗର ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ ଗତ ୮ ତାରିଖ ରାତିରେ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏନେଇ ଛାତ୍ରୀ ଜଣକ ଜଣକ ୯ ତାରିଖରେ ଅଭିଯୋଗ କରିଥିଲେ। ମାମଲାର କିନ୍ତୁ ସମାଧାନ ହୋଇ ନ ଥିଲା। ଶୁକ୍ରବାର ପଲଟେକନିକ ଅଧ୍ୟକ୍ଷ ଇ. ସଚ୍ଚିଦାନନ୍ଦ ପାଢୀ ଅଭିଯୋଗକାରୀ, ଅଭିଯୁକ୍ତ ଛାତ୍ରୀ ଓ ଅନ୍ୟ କର୍ମଚାରୀମାନଙ୍କୁ ଡାକି ଏକ ବୈଠକ କରିଥିଲେ। ଏହାର ସମାଧାନ କରିବା ପାଇଁ ଉଦ୍ୟମ କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ଉଚିତ ସରକାରୀ ସୁବିଧା ମିଳୁନି



- ଦୁର୍ଦ୍ଦିନରେ ମା, ପୁଅଙ୍କ ଦିନ କଟୁଛି
- ନିଦାବିଷ୍ଟ ପ୍ରଶାସନ

ବେଲପଡା,୧୨।୯ (ସମିସ): ବେଲପଡା ବ୍ଲକ ଯୁବା ପଞ୍ଚାୟତ ନାଗଫେଣା ଗାଁର ବଳରାମ ବରିହା ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କ ଆଖିକୁ ଭଲ ଭାବରେ ଦେଖାଯାଉନାହିଁ। ସେ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ବୋଲି ସାର୍ଟିଫିକେଟ ପାଇଛନ୍ତି; ହେଲେ ଉଚିତ ସରକାରୀ ସୁବିଧା ସୁଯୋଗ ପାଉ ନାହାନ୍ତି। କେବଳ ମାସକୁ ୧ ହଜାର ଟଙ୍କା ପାଉଛନ୍ତି। ଘରେ ମା' ତିଳୋତ୍ତମ ସହ ରହୁଛନ୍ତି। ଅନ୍ୟପକ୍ଷେ ତାଙ୍କ ମା'ଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତା ମିଳିପାରିନାହିଁ। ପୁଅ, ମା ମିଶି ୧୦ କେଜି ଚାଉଳ ପାଉଛନ୍ତି। ଏହି ଚାଉଳ ଏବଂ ପୁଅର ୧ ହଜାର ଟଙ୍କାରେ ଉଭୟ ଚଳୁଛନ୍ତି। ତେବେ ଏ ନେଇ ଉଭୟ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି; ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେବେ ଏ ନେଇ ଦାୟିତ୍ୱରେ ଥିବା ବିଏସଏସଓଙ୍କୁ ପଚାରାଇବାରୁ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସାମାନ୍ୟ ବର୍ଷାରେ ରାସ୍ତାରେ ଲହଡ଼ା ଭାଙ୍ଗୁଛି ପାଣି


# ପୌର, ପୂର୍ତ୍ତ ଓ ରାଜପଥ ବିଭାଗ ମଧ୍ୟରେ ରହୁନି ସମନ୍ୱୟ

- ମନଇଚ୍ଛା ତିଆରି ହେଉଛି ଡ୍ରେନ୍; ଶତଚେଷ୍ଟା ସତ୍ତ୍ୱେ ସମସ୍ୟାର ସମାଧାନ ହେଉନି

ବଲାଙ୍ଗିର,୧୨।୯ (ସମିସ)

ବଲାଙ୍ଗିର ସହରରେ ଏକ ପ୍ରମୁଖ ସମସ୍ୟା ସାଜିଛି ଡ୍ରେନ୍। ସାମାନ୍ୟ ବର୍ଷାରେ ଘର ଭିତରକୁ ପାଣି ପଶୁଛି। ଏଥିରୁ ମନ୍ଦିର ବି ବାଦ ପଡୁନାହିଁ। ଗୁରୁବାର ସଂଧ୍ୟାରେ ହୋଇଥିବା ବର୍ଷା ଯୋଗୁ ସମଲେଶ୍ୱରୀ ମନ୍ଦିର ଜଳାର୍ଣ୍ଣବ ହୋଇଥିଲା। ଏହା ପ୍ରଥମ ଘଟଣା ନୁହଁ। ସହରର ସବୁ ଅଞ୍ଚଳରେ ବର୍ଷା ହେଲେ ଡ୍ରେନ ପାଣି ରାସ୍ତାରେ ବୋହିବା ଦୃଶ୍ୟ ପ୍ରାୟତଃ ଦେଖିବାକୁ ମିଳିଥାଏ। ଏମିତିରେ ସ୍ଥାନୀୟ ପୌରପରିଷଦକୁ ଲୋକେ ଦୋଷ ଦେଉଥିବା ବେଳେ ଏହା ପଛରେ କିନ୍ତୁ ଏକ ବଡ ସମସ୍ୟା ରହିଛି। ସହର ଭିତରେ ଏହି କୃତ୍ରିମ ବନ୍ୟା ପରିସ୍ଥିତି ପାଇଁ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏହିଭଳି ସମସ୍ୟା ଦେଖାଦେଉଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ପୌରପରିଷଦ, ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ସାମାନ୍ୟ ବର୍ଷାରେ ସହରବାସୀ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହୋଇଛି। କିଛି ଘଣ୍ଟାରେ ବର୍ଷାରେ ସହରର ମୁଖ୍ୟ ରାସ୍ତାରେ ଡ୍ରେନ ଓ ବର୍ଷା ପାଣି ବୋହୁଥିବା ବେଳେ ଲୋକଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ତେବେ ଏହି ସମସ୍ୟା ପଛରେ ପୌରପରିଷଦ, ଜାତୀୟ ରାଜପଥ ବିଭାଗ ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ରହୁନ ଥିବା ହିଁ ଦାୟୀ ବୋଲି ନିଜେ ପୌରପରିଷଦ ସ୍ୱୀକାର କରିଛି। ବଲାଙ୍ଗିର ସହର ଦେଇ ଦୁଇଟି ଜାତୀୟ ରାଜପଥ ଯାଇଛି। ଏହି ଦୁଇ ରାଜପଥ କଡରେ ଥିବା ଡ୍ରେନ ତିଆରି ଓ ମରାମତି ଜାତୀୟ ରାଜପଥ ବିଭାଗ କରିଥାଏ। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏହି ବିଭାଗ ପାଖରେ ୯ କିମି ଡ୍ରେନ୍ ରହିଛି। ଯାହାକି ପୁନରୁଦ୍ଧାର ଓ ମରାମତି ଅଭାବରୁ ପୋତି ହୋଇସାରିଛି। ଉକ୍ତ ଡ୍ରେନରେ କାଦୁଅ ଭର୍ତ୍ତି ହୋଇରହିଥିବା ବେଳେ ପାଣି ଯିବା କଷ୍ଟ। ଏହାଫଳରେ ଡ୍ରେନ ପାଣି ସ୍ୱାଭାବିକ ଭାବେ ରାସ୍ତାରେ ପ୍ରବାହିତ ହୋଇଥାଏ। ତେବେ ଏହି ବିଭାଗ ତିଆରି କରିଥିବା ଡ୍ରେନର ବିଭିନ୍ନ ସ୍ଥାନରେ ଢାଙ୍କୁଣି ମଧ ଦିଆଯାଇନାହିଁ। ଯାହାକି ଆଉ ଏକ ସମସ୍ୟା। ସେହିପରି ସହରରେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ଡ୍ରେନ ପୂର୍ତ୍ତ ବିଭାଗ ତିଆରି ଓ ମରାମତି କରିଥାଏ। ଉକ୍ତ ବିଭାଗ ମଧ ଡ୍ରେନକୁ ଗୁରୁତ୍ୱ ଦେଉ ନ ଥିବା ବେଳେ ବର୍ଷା ହେଲା ପାଣି ରାସ୍ତାରେ ଜମା ହେଉଥିବା ଦେଖିବାକୁ ମିଳିଥାଏ। ଆଉ କିଛି ଅଞ୍ଚଳର ଡ୍ରେନ ତିଆରି ଓ ମରାମତି ପୌର ପରିଷଦ ପାଖରେ ରହିଥିବା ବେଳେ ତାହା ବିଭିନ୍ନ ସମୟରେ ମରାମତି ଓ ତିଆରି କରାଯାଉଛି। କିନ୍ତୁ ସବୁଠାରୁ ବଡ ସମସ୍ୟାଟି ହେଉଛି ପୌରପରିଷଦ ଅପେକ୍ଷା ରାଜପଥ ଓ ପୂର୍ତ୍ତ ବିଭାଗ ତିଆରି କରୁଥିବା ଡ୍ରେନର ଉଚ୍ଚତାରେ ଅନେକ ତାରତମ୍ୟ ରହିଛି। ଏହା ଫଳରେ ଡ୍ରେନ ଗୁଡିକର ଉଚ୍ଚତା ସମାନ ରହୁ ନ ଥିବାରୁ ପାଣି ନିଷ୍କାସନରେ ବଡ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ବର୍ଷା ପୂର୍ବରୁ ପୌର ପରିଷଦ ପକ୍ଷରୁ କରାଯାଉଥିବା ବୈଠକରେ ଜାତୀୟ ରାଜପଥ ବିଭାଗର ଅଧିକାରୀମାନେ ସବୁବେଳେ ଅନୁପସ୍ଥିତ ରହୁଛନ୍ତି। ତେବେ ସହର ଡ୍ରେନ ସମସ୍ୟା ପାଇଁ ଏହି ତିନି ବିଭାଗର ସମନ୍ୱୟ ନ ରହିବା ହିଁ ଦାୟୀ। ଏ ନେଇ ଜାତୀୟ ରାଜପଥ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଙ୍କ କହିବା ଅନୁସାରେ ଜାତୀୟ ରାଜପଥ ବିଭାଗ ଅଧୀନରେ ଥିବା ଡ୍ରେନକୁ ପୁନରୁଦ୍ଧାର କରିବା ଦିଗରେ ବିଭାଗ ତତ୍ପରତାର ସହ କାମ କରିବ।



### ପୂର୍ତ୍ତ ଓ ରାଜପଥ ବିଭାଗ ସହ ଆଲୋଚନା କଲେ ପୌରାଧ୍ୟକ୍ଷା



ବଲାଙ୍ଗିର ସହରରେ ଲାଗିରହିଥିବା ଡ୍ରେନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ବଲାଙ୍ଗିର ପୌରପରିଷଦ। ସହରରେ କୃତ୍ରିମ ବନ୍ୟା ପାଇଁ ସବୁବେଳେ ପୌରପରିଷଦକୁ ଦାୟୀ କରାଯାଉଛି; ହେଲେ ଏଥିପାଇଁ ସମ ପରିମାଣରେ ଜାତୀୟ ରାଜପଥ ବିଭାଗ ମଧ ଦାୟୀ ବୋଲି ଅଭିଯୋଗ କରିଛି ପୌରପରିଷଦ। ଏହି ସମସ୍ୟାର ମିଳିତ ସମାଧାନ ପାଇଁ ପୌରାଧ୍ୟକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ପୌର କାଉନସିଲରମାନେ ଜାତୀୟ ରାଜପଥ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ପୌରପରିଷଦର ଏହି ପ୍ରତିନିଧି ଦଳ ପୌରାଧ୍ୟକ୍ଷାଙ୍କ ନେତୃତ୍ୱରେ ଉଭୟ ବିଭାଗର ଅଧିକାରୀମାନଙ୍କୁ ଭେଟିବା ସହ ସହରର କେଉଁ କେଉଁ ସ୍ଥାନରେ ସମସ୍ୟା ରହିଛି ଓ ତାହାର ସମାଧାନ ପାଇଁ ମିଳିତ ଭାବେ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ। ତେବେ ଉଭୟ ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗର ପୌର ପରିଷଦ ସହ ସମନ୍ୱୟ ରହୁ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଛି। ସବୁବେଳେ ପୌରପରିଷଦକୁ ବଦନାମ କରାଯାଉଛି; କିନ୍ତୁ ଉକ୍ତ ଦୁଇ ବିଭାଗର ଅବହେଳା ଯୋଗୁ ସହରରେ ଏହିଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏହି ଆଲୋଚନା ସମୟରେ ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ଶମ୍ଭୁ ନାଗ ଓ ଅନ୍ୟ କାଉନସିଲରା ଉପସ୍ଥିତ ଥିଲେ।

# ମନେଇପାଦରେ ଦକ୍ଷିଣାଞ୍ଚଳ କ୍ରୀଡ଼ା ଚୟନ ପ୍ରତିଯୋଗିତା



ପାଟଣାଗଡ,୧୨।୯ (ସମିସ): ପାଟଣାଗଡ ବ୍ଲକ ମଣ୍ଡୋମହୁଲ ପଞ୍ଚାୟତ ମନାଇପାଦ ଆଦିବାସୀ ହାଇସ୍କୁଲ ଖେଳପଡିଆରେ ବ୍ଲକସ୍ତରୀୟ ଦକ୍ଷିଣାଞ୍ଚଳ କ୍ରୀଡା ଚୟନ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହେଇଯାଇଛି। ଏଥିରେ ପାଟଣାଗଡ ରମାଇ ହାଇସ୍କୁଲ ନୋଡାଲ ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତନ ଧରୁଆ, ଦକ୍ଷିଣାଞ୍ଚଳ ଜୋନ ସଭାପତି ଗରୁଡ ସାମଲ, ଆଦିବାସୀ ହାଇସ୍କୁଲର ସ୍କୁଲ ପରିଚାଳନା କମିଟି ସଭାପତି ପଙ୍କଜ ଭୋଇ, ପଞ୍ଚଶାଖା ଶିଖାସେତୁ ସଭାପତି ଶଙ୍କର ମେହେର, ପରମାନନ୍ଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୀବ ହୋତା, ପାଟଣାଗଡ ବ୍ଲକ ଖେଳ ସମ୍ପାଦକ ଯୁବରାଜ ମେହେର ଓ ଦକ୍ଷିଣାଞ୍ଚଳ ଖେଳ ସମ୍ପାଦକ ମନୋଜ ମେହେର, ଖେଳ ଶିକ୍ଷକ ପୱନ ସାହୁ, ଶାରୀରିକ ଶିକ୍ଷକ ପ୍ରଦ୍ୟୁମ୍ନ କୁଦେଇ, କୈଳାସ ମେହେର, ଶରତ ମେହେର, ଚୈତନ୍ୟ ସାହୁ, ଆନନ୍ଦିନୀ ବାଗ, ବ୍ରାହ୍ମଣୀ ଦୀପ, ରାଜିନ୍ଦ୍ର ସେଠ, ଭଇଁଷା ଇନ୍ଦ୍ରା ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିମାଇ ଚରଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଦକ୍ଷିଣାଞ୍ଚଳର ୨୯ଟି ବିଦ୍ୟାଳୟରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବର୍ଗରେ କବାଡି ପାଇଁ ୪୮ ଜଣ, ଖୋଖୋ ପାଇଁ ୪୮ ଜଣ ଓ ଫୁଟବଲ ପାଇଁ ୩୦ ଜଣ ଛାତ୍ରଛାତ୍ରୀ ବ୍ଲକସ୍ତରରେ ଖେଳିବା ପାଇଁ ଚୟନ କରାଯାଇଥିଲା। ଖେଳ ସଂଯୋଜକ ଦେବାଶିଷ ମେହେର ମଞ୍ଚ ପରିଚାଳନା କରିଥିଲେ।

ଆନନ୍ଦିନୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଆଦିବାସୀ ହାଇସ୍କୁଲର ଅଶ୍ୱିନୀ ସାହୁ, ଓମକାର ମିଶ୍ର, ଭେଙ୍କଟେଶ୍ୱର ଦାସ, ମନ୍ମଥ ନାଥ ପଟେଲ, ପ୍ରଦୀପ ଦତ୍ୟ, ପ୍ରଦୀପ ଭୋଇ, କାର୍ତ୍ତିକ ମାଝୀ, ରମଣୀ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଟିଟିଲାଗଡ଼ରେ ୧୩ରୁ ୨୨ ଅଗ୍ରସେନ ଜୟନ୍ତୀ

ଟିଟିଲାଗଡ,୧୨।୯ (ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ ୧୩ରୁ ୨୨ ତାରିଖ ପର୍ଯ୍ୟନ୍ତ ଅଗ୍ରସେନ ଜୟନ୍ତୀ ପାଳିତ ହେବ। ଏଥିପାଇଁ ଆୟୋଜକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସମସ୍ତେ ଆଗ୍ରହର ସହ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଏହି କାର୍ଯ୍ୟକ୍ରମ କିଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେନେଇ ସମସ୍ତଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଯାପନୀ



ଦିବସରେ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହେବ। ଟିଟିଲାଗଡ଼ ସହରସ୍ଥିତ ମହାବୀର ପଞ୍ଚାୟତ ଧର୍ମଶାଳା ପରିସରରେ ସ୍ଥାନୀୟ ଅଗ୍ରୱାଲ ସଭା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସଭାପତି ପ୍ରକାଶ ଗୋୟଲ, ସମ୍ପାଦକ ସଞ୍ଜୟ ବଂଶଲ, କୋଷାଧ୍ୟକ୍ଷ ରାଜୀବ ଜୈନ, ରାଜେଶ ଜୈନ, କ୍ରୀଡା ସଂଚାଳକ ଆଶିଷ ଅଗ୍ରୱାଲ, ରାହୁଲ ଜୈନ, ବିଜୟ ଜୈନ, ଆକାଶ ଗୋୟଲ, ସୁରେନ୍ଦ୍ର ମୋରୋଡ଼ିଆ, ପ୍ରକାଶ ଅଗ୍ରୱାଲ, ପଙ୍କଜ ବିର୍ମିୱାଲ, ସଂସ୍କାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦକିଶୋର ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# କେ ଭି କଲେଜରେ ନୂଆଁଖାଇ ଭେଟ



କଣ୍ଟାବାଞ୍ଜି,୧୨।୯ (ସମିସ): କଣ୍ଟାବାଞ୍ଜି କେ ଭି କଲେଜ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ନୂଆଖାଇ ଭେଟ ଉତ୍ସବ ଆୟୋଜିତ ହୋଇଯାଇଛି। ଲୋକ କବିରତ୍ନ ପଦ୍ମଶ୍ରୀ ହଳଧର ନାଗ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଧ୍ୟକ୍ଷ ଡ ପଦ୍ମଲୋଚନ ବର୍ମା ଯୋଗ ଦେଇଥିଲେ। ଅଧ୍ୟାପିକା ପ୍ରଭାସିନୀ ରାଉତ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଦ୍ୟୁମ୍ନ ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ମହାବିଦ୍ୟାଳୟର ମୁଖପତ୍ର ଝରିଏଲ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମନୀଷ ମହାନ୍ତିଙ୍କ ନେତୃତ୍ୱରେ ମହାବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିବା ତଥା ଜାତୀୟ ସଂପାନରେ ଯୋଗ ଦେଇଥିବା ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ମଧ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧ୍ୟାପକ ରୋହିତ କୁମ୍ଭାର ଧନ୍ୟବାଦ ଦେଇଥିଲେ।


# ନବାଗତ ଛାତ୍ରୀଙ୍କୁ ସ୍ୱାଗତ




କଣ୍ଟାବାଞ୍ଜି,୧୨।୯ (ସମିସ): କଣ୍ଟାବାଞ୍ଜି ସ୍ନାତକ କଲେଜର ନବାଗତ ଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ଅଧ୍ୟକ୍ଷତା କରିଥିଲେ। ମୁକୁନ୍ଦିଲାଲ ଅଗ୍ରୱାଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ବଳରାଜ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ବିଭିନ୍ନ ବିଭାଗର ମୁଖ୍ୟ ଯୁଧିଷ୍ଠିର ବେହେରା, ସୁନନ୍ଦା ରଥ, ସୋମନାଥ ମେହେର, ଜିତେନ୍ଦ୍ର ସୁନା, ନିରବତୀ ପଧାନ, ଧରାଶ୍ରୀ ମହାନ୍ତି, ନଜାନିନ ପରମାର, ଖେଳ ଶିକ୍ଷୟିତ୍ରୀ ରଞ୍ଜୁ ବଂଚୋର ଉପସ୍ଥିତ ଥିଲେ। ପାୟଲ ଅଗ୍ରୱାଲ ଓ ରାଧା ଅଗ୍ରୱାଲ ସ୍ୱାଗତ ସଂଗୀତ ଗାନ କରିଥିଲେ। କୋଏନା ବାଗ ଓ ପାୟଲ ଅଗ୍ରୱାଲ ସଭା ପରିଚାଳନା ତୁଲାଇଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ବଳରାଜ ସିଂ ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଙ୍କିତା ରଣା ଧନ୍ୟବାଦ ଦେଇଥିଲେ।

# କାଠ ମାଫିଆ କାଟି ନେଉଛନ୍ତି ଶାଗୁଆନ ଗଛ

- ଶୋଇପଡିଛି ବନ ବିଭାଗ



ମୁରିବାହାଲ ,୧୨।୯ (ସମିସ): ସରକାରଙ୍କ ନିଆରା କାର୍ଯ୍ୟକ୍ରମ ପରେ ନିଆରା ଦୃଶ୍ୟ ଦେଖିବାକୁ ମିଳୁଛି। ଗୋଟେ ପଟେ ମାଫିଆ ବିଭାଗୀୟ ଅଧିକାରୀଙ୍କ ହାତ କରି ଲୁଟି ଚାଲିଥିବା ବେଳେ ଅନ୍ୟ ପଟେ ସରକାର ମାଁ ପାଇଁ ଗଛଟିଏ କାର୍ଯ୍ୟକ୍ରମ କରିବା ସହ ଓ ବନ ମହୋତ୍ସବ ପାଳନ କରୁଛନ୍ତି। ସବୁଜ ପୃଥିବୀ ସାଙ୍ଗକୁ ଜୀବଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ବିଭାଗୀୟ ଅଧିକାରୀମାନେ କିନ୍ତୁ ସରକାରଙ୍କ ନିୟମକୁ ବେଖାତିର କରୁଥିବା ଚର୍ଚ୍ଚା ହେଉଛି। ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ପ୍ରତି ବର୍ଷ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଜଙ୍ଗଲ ବିଭାଗର ଅଧିକାରୀମାନେ କିନ୍ତୁ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। କାଠ ମାଫିଆମାନେ ମୂଲ୍ୟବାନ ଶାଗୁଆନ ଗଛ, କେନ୍ଦୁ ଗଣ୍ଡି, ଖଇର ଗଣ୍ଡି ମେସିନ ସାହାଯ୍ୟରେ ଗଣ୍ଡି କରି ଚୋରା ଚାଲାଣ କରୁଛନ୍ତି। ମୁରିବାହାଲ ରେଞ୍ଜ ସଦର ମହକୁମାରେ ଥିବା ଶାଗୁଆନ ନର୍ସରୀ ମୁରିବାହାଲରୁ ଟିଟିଲାଗଡ଼ ଯାଉଥିବା ରୋଡ଼ ଉଭୟ ପାଶ୍ୱର୍ରେ ଅନେକ ମୂଲ୍ୟବାନ ଶାଗୁଆନ ଗଛକୁ ମେସିନ ସାହାଯ୍ୟରେ କଟାଯାଇଥିବା ନଜର ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବନ ବିଭାଗ କର୍ମଚାରୀମାନେ ଜଗି ରହୁଛନ୍ତି। ଏହା ସତ୍ତ୍ୱେ କାଠ ମାଫିଆମାନେ କେମିତି ଚୋରି କରୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଏହିଭଳି ଘଟଣା ପ୍ରଥମ ଥର ନୁହେଁ। ବିଗତ ଦିନରୁ ଅନେକ ମୂଲ୍ୟବାନ ଶାଗୁଆନ ଗଛ ମେସିନ ସାହାଯ୍ୟରେ କାଟି କାଠ ମାଫିଆମାନେ ରାତାରାତି ଚାଲାଣ କରୁଛନ୍ତି। ଏହି ରାସ୍ତା ଦେଇ ବିଭାଗୀୟ ଅଧିକାରୀମାନେ ପ୍ରତେକ ଦିନ ଯାତାୟାତ କରୁଥିବା ବେଳେ ଅଣଦେଖା କରୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ତେବେ ବାକି ରହିଲା ମୁରିବାହାଲ ବନ ବିଭାଗ ଏଥିପ୍ରତି କେମିତି ପଦକ୍ଷେପ ନେଉଛନ୍ତି।

## ସାନଉଡେନ ବେଆଇନ କ୍ଲିନିକ୍‌ରେ ଚଢ଼ଉ ଘଟଣା

# ପ୍ରମାଣ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେଉନି ସ୍ୱାସ୍ଥ୍ୟ ବିଭାଗ

- ସମୟ ଗଡ଼ାଇ ମାମଲାକୁ ଚାପିବାକୁ ଉଦ୍ୟମ ଅଭିଯୋଗ

ପାଟଣାଗଡ଼/ଖପ୍ରାଖୋଲ,୧୨।୯ (ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ସାନଉଡେନ ଗାଁରେ ଦୀର୍ଘ ଦିନରୁ ବେଆଇନ କ୍ଲିନିକ ଚାଲିଛି। ଦୈନିକ "ସକାଳ"ରେ ଏ ନେଇ ଗତ ୪ ତାରିଖ ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇ ଚଢ଼ଉ କରିଥିଲା। ଚଢ଼ଉ ସମୟରେ କ୍ଲିନିକରେ ଛୋଟ ଛୋଟ ଶିଶୁ ସହ ବୟସ୍କ, ବୃଦ୍ଧବୃଦ୍ଧା, ମହିଳା ସମେତ ଅନେକ ରୋଗୀଙ୍କୁ ବେଆଇନ ଭାବେ ଚିକିତ୍ସା କରାଯାଉଥଲା। ଡାକ୍ତରଙ୍କ ବିନା ପରାମର୍ଶରେ ଲୋକଙ୍କୁ ଔଷଧ ଦିଆଯାଉଥିବା ନିଜେ ଖପ୍ରାଖୋଲ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ସୁରଜ ଦୀପ ଦେଖିଥିଲେ। ବେଆଇନ ଚିକିତ୍ସା ସମୟରେ ରୋଗୀଙ୍କୁ ଦିଆଯାଉଥିବା ଔଷଧ ଲେଖାଯାଇଥିବା ଚିଠା ଗୁଡିକୁ ମଧ ସେ ଜବତ କରିଥିଲେ।

ଏହି ଘଟଣାରେ ଶ୍ରୀ ଦୀପ ଏହି ବେଆଇନ କ୍ଲିନିକ ବିରୋଧରେ ଥାନାରେ ମାମଲା ସହ ଔଷଧ ଦୋକାନକୁ ସିଲ୍ କରାଯିବ ବୋଲି ପ୍ରତିକ୍ରିୟା ମଧ ଦେଇଥିଲେ; କିନ୍ତୁ ଚଢ଼ଉର ୩ ଦିନ ବିତିଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ଏହି କ୍ଲିନିକ ଓ ଔଷଧ ଦୋକାନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଏହା ପଛରେ କ'ଣ ରହସ୍ୟ ରହିଛି ବୋଲି ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଲାଣି। ଏହିଭଳି ସମୟ ଗଡ଼ାଇ ସ୍ୱାସ୍ଥ୍ୟ ବିଭାଗ ମାମଲାକୁ ଚାପି ଦେବନି ତ ବୋଲି ସାଧାରଣରେ ଆଶଙ୍କା ମଧ ପ୍ରକାଶ ପାଇଲାଣି। ସମସ୍ତ ପ୍ରମାଣ ସାତ୍ତ୍ୱ ଶ୍ରୀ ଦୀପ କାହିଁକି ତୁରନ୍ତ ପଦକ୍ଷେପ ନେଇ ନ ଥିଲେ ତାହା ତାଙ୍କ ସ୍ୱଚ୍ଛତାକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇବାରେ ଲାଗିଛି। ମାମଲା ଚାପିଦେବାକୁ ନକଲି ଡାକ୍ତରଙ୍କୁ ସମୟ ଦିଆଯାଇଥିବା ଅଭିଯୋଗ ମଧ ହେଉଛି। ଏହି ଘଟଣାରେ ସମ୍ପୃକ୍ତ ବାପ,ପୁଅ ମାମଲାକୁ କିଭଳି ଚାପି ଦିଆଯିବ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି।

ତେବେ ଏ ସମ୍ପର୍କରେ ଖପ୍ରାଖୋଲ ମେଡିକାଲ ଅଫିସର ଶ୍ରୀ ଦୀପଙ୍କ ପ୍ରତିକ୍ରିୟା ନେବାରୁ ଭାନପୁରକୁ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ ଆସିଥିବାରୁ ସେ ବ୍ୟସ୍ତ ଥଲେ। ଏହି ବେଆଇନ କ୍ଲିନିକ ଉପରେ ନିଶ୍ଚିତ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଟିଟିଲାଗଡ଼ରେ ଦୁର୍ଗାପୂଜାକୁ ନେଇ ପ୍ରସ୍ତୁତି





ଟିଟିଲାଗଡ଼,୧୨।୯ (ସମିସ). ଟିଟିଲାଗଡ଼ ସହରରେ ହେବାକୁ ଥିବା ଦୁର୍ଗାପୂଜାକୁ ଆଖି ଆଗରେ ରଖି ପ୍ରଶାସନ ତରଫରୁ ସମସ୍ତ ପୂଜା କମିଟିକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ ଅଫିସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ପାର୍ବଣ ସମୟରେ ବିଦ୍ୟୁତ ସମସ୍ୟା, ଟ୍ରାଫିକ ସମସ୍ୟା, ପୂଜା କମିଟିରେ ହେବାକୁ ଥିବା ପୂଜାବିଧି, ସାଂସ୍କୃତିକ କାର୍ଯ୍ୟକ୍ରମ, ବିସର୍ଜନ ତଥା ରାବଣ ଦହନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ପୂଜା ସମୟରେ ବିଦ୍ୟୁତ କାଟ ନ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଟ୍ରାଫିକ ସମସ୍ୟା ଉପରେ ନଜର ରଖିବାକୁ କୁହାଯାଇଛି। ସେହିଭଳି ପୋଲିସ, ଅଗ୍ନିଶମ ବିଭାଗ, ଅବକାରୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗକୁ ସତର୍କ ରହିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତି ଶୃଙ୍ଖଳାର ସହ ପୂଜା ହେବା ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ବିଭାଗକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ସ୍ୱାଧୀନ ପଡା ଦୁର୍ଗାପୂଜା କମିଟି, ମାଉସୀ ମା ମନ୍ଦିର, ହାଟପଦାପଡା ପୂଜା କମିଟି, ମା ଅନ୍ନପୂର୍ଣ୍ଣା ପୂଜା କମିଟି, ଟିଟିଡୁଙ୍ଗୁରି, ଅଗ୍ନିଶମ ବିଭାଗ, ପୋଲିସ, ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ ସମେତ ଅନେକ ସରକାରୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ଯୌତୁକ ନିର୍ଯାତନା ଯୋଗୁଁ ମହିଳାଙ୍କ ମୃତ୍ୟୁ ଘଟଣା

## ପୁଲିସ ଉପସ୍ଥିତିରେ ଶବ ସତ୍କାର; ଏବେ ବି ୩ ଫେରାର

**କେସିଙ୍ଗା, ୧୨।୯ (ସମିସ):** ଗତ ବୁଧବାର କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଭମରମାଲ ଗ୍ରାମରେ ଜଣେ ମହିଳା ବିଷପିଇ ମୃତ୍ୟୁ ଘଟଣା ପରେ ଗ୍ରାମରେ ଉତ୍ତେଜନା ଲାଗିରହିଛି। ମୃତ ଯୁବତୀଙ୍କ ବାପା ମାଆ ସମେତ ପ୍ରାୟ ୬୦ ରୁ ୭୦ ଗ୍ରାମବାସୀ ଆସି କେସିଙ୍ଗା ଥାନାରେ ଯୌତୁକ ନିର୍ଯାତନା କେସ୍‌କରି ୪ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ଯୁବତୀଙ୍କ ଭବାନୀପାଟଣାରେ ମୃତ ଘଟିଥିବାରୁ ଶବ ବ୍ୟବଚ୍ଛେଦ କରି ଶବ ଭମରମାଲ ଆଣିବା ବେଳେ ପୁଲିସ ଗ୍ରାମରେ ଉତ୍ତେଜନା ଯେମିତି ନ ବଢ଼ିବ ସେଥିପାଇଁ ଗୁରୁବାର ରାତି ୧୧ ଟା ସମୟରେ ଶବ ଗ୍ରାମରେ ପହଞ୍ଚି ଥିଲା। ସାଙ୍ଗରେ କେସିଙ୍ଗା ପୁଲିସ ମଧ ରହିଥିଲା। କିନ୍ତୁ ଶବ ଗାଁକୁ ଆସିବା ପରେ ମହିଳାଙ୍କ ଘରଲୋକ ଶବସତ୍କାର ପାଇଁ ମନାକରି ପ୍ରଥମେ ଅଭିଯୁକ୍ତମାନଙ୍କୁ ଗିରଫ ଓ ବାହାଘର ସମୟରେ ଦେଇଥିବା ଜାନି ଯୌତୁକ ଫେରାଇବା ପାଇଁ ଅଡିବସି ଙ୍କାଇଁର ଘର ସମ୍ମୁଖରେ ଶବରଖି ହୋହାଲ୍ଲା କରିଥିଲେ। ଏଠାରେ ପ୍ରକାଶଥାଉକି ଗତକାଲି ମୃତ ଯୁବତୀଙ୍କ ବାପା କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସିଙ୍ଗା ପୁଲିସ ମୃତ ଯୁବତୀର ସ୍ୱାମୀ ଜଗନ୍ନାଥ ସାହୁଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଥିବା ବେଳେ ବାକି ୩ ଜଣ ପୁଲିସ ଭୟରେ ଫେରାର ଅଛନ୍ତି। ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଶବ ସତ୍କାର ନ ହୋଇ ପଡ଼ି ରହିଥିବା ଓ ଉତ୍ତେଜନା ବୃଦ୍ଧି ପାଉଥିବା ଜାଣିବାକୁ ପାଇ ନିଜେ କେସିଙ୍ଗା ଏସଡିପି ଓ ସନ୍ଦୀପ ମାଝୀ ଏବଂ ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ ଭବାନୀପାଟଣାରୁ ଅତିରିକ୍ତ ପୁଲିସ ଫୋର୍ସ ମଗାଇ ଭମର ମାଲ ଗ୍ରାମକୁ ଯାଇ ସମସ୍ତଙ୍କୁ ବୁଝା ସୁଝା କରି ଥାନାରୁ ଅଭିଯୁକ୍ତ ସ୍ୱାମୀକୁ ନେଇ ଘର ତାଲା ଭାଙ୍ଗି ଘର ଭିତରେ ଥିବା ଯୌତୁକ ମିଳିଥିବା ଜିନିଷ ସବୁ ପୁଲିସ ଉପସ୍ଥିତିରେ ବାହାରକୁ କଢ଼ା ଯାଇଥିଲା। ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟା ବେଳେ ଉତ୍ତେଜନା ମଧ୍ୟରେ ପୁଲିସ ଉପସ୍ଥିତିରେ ଶବ ସତ୍କାର କରାଯାଇଥିଲା।



### ମୁକୁନ୍ଦପୁର ଛକରୁ କନେର ଭାୟା ମୁକୁନ୍ଦପୁର ରାସ୍ତା ନିର୍ମାଣ ଦାବି

# ଦାବିପୂରଣ ନ ହେଲେ ରାସ୍ତାରୋକ ଚେତାବନୀ

**ଲାଞ୍ଜିଗଡ଼, ୧୨।୯ (ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଅଧୀନ ୧୭ଟି ଗାଁ ଲୋକଙ୍କ ପାଇଁ ୨୦୧୯-୨୦ ବର୍ଷରେ ମୁକୁନ୍ଦପୁର ଛକରୁ କନେର ଭାୟା ମୁକୁନ୍ଦପୁର ରାସ୍ତା ନିର୍ମାଣ ହୋଇଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଟେଣ୍ଡର ନେଇଥିବା ଠିକାଦାର ନିଜର ପାଞ୍ଚବର୍ଷ ଅବଧି ମଧ୍ୟରେ ରକ୍ଷଣାବେକ୍ଷଣ ତ ଦୂରର କଥା ଏହାର ସାମାନ୍ୟ ମରାମତି ମଧ କଲେ ନାହିଁ। ଫଳରେ ରାସ୍ତା ନିର୍ମାଣ ହେବାର ବର୍ଷକ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିଲା। ସେଇଦିନଠୁ ଆଜିକୁ ଛଅବର୍ଷ ହେଲା ଏହି ରାସ୍ତାରେ ଯାତାୟାତ କରିବା ମୁସ୍କିଲ ହୋଇପଡ଼ିଛି। ଏପରିକି ୭ କିମି ଦୂର ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଶହଶହ ଖାଲଖମା ଭରି ରହିଥିବାବେଳେ ବର୍ଷା ଦିନରେ ଜୀବନ ଦୁର୍ବିସହ ହୋଇପଡ଼ିଛି। ରାସ୍ତାରେ କୌଣସି ଯାନବାହନ ଯିବା ଅସମ୍ଭବ ହୋଇଯାଉଥିବାବେଳେ ରୋଗୀ, ଗର୍ଭବତୀ ମହିଳାଙ୍କୁ ନେବା ଆଣିବା ପାଇଁ ଅଞ୍ଚଳକୁ ଆମ୍ବୁଲାନ୍ସଟିଏ ଆସି ପାରୁନାହିଁ। ଛାତ୍ରଛାତ୍ରୀମାନେ ସ୍କୁଲ ଓ କଲେଜ ଯିବାକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାକୁ ନେଇ ଅଞ୍ଚଳର ୧୭ଟି ଗାଁର ପ୍ରାୟ ପାଞ୍ଚ ହଜାର ଲୋକେ ମରଣ ଯନ୍ତ୍ରଣା ଭୋଗୁଥିବାବେଳେ ବାରମ୍ବାର ଦାବି ଓ ଅଭିଯୋଗ ପରେ ବି ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦୌ ଦୃଷ୍ଟିପାତ କରୁନାହିଁ। ରାସ୍ତା ସମସ୍ୟାକୁ ନେଇ ଜୁନ ଓ ଜୁଲାଇ ମାସରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ ଲୋକେ। ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିଲା ନାହିଁ। ଏହାକୁ ନେଇ ଜନଅସନ୍ତୋଷ ତୀବ୍ର ହେଉଥିବାବେଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ୧୦ ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଗଲେ ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ ପୋଖରୀବନ୍ଧ ଛକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ଏହି ସମୟରେ କୌଣସି ଅଘଟଣ ଘଟିଲେ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବ ବୋଲି ସେମାନେ ଦର୍ଶାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଅଞ୍ଚଳର ଶତାଧିକ ଲୋକେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେରଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଲାଞ୍ଜିଗଡ଼ ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ଅର୍ଥ ଅଧିକାରୀ ନୀଳାମ୍ବର ଜାନୀ ଓ ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବରଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।



## ଜଳ ବିଭାଜିକା ପକ୍ଷରୁ ହିତାଧିକାରୀ ତାଲିମ ଶିବିର

**ଗୋଲାମୁଣ୍ଡା, ୧୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହେନ୍ଦ୍ରପୁର ଗ୍ରାମଠାରେ ଜଳବିଭାଜିକା ତରଫରୁ ହିତାଧିକାରୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିନାପାଲି ସରପଞ୍ଚ ନୌକେଶ୍ୱର ପଟେଲ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଲୋଚନ ସାହୁ, ସାମ୍ବାଦିକ ସୁଶାନ୍ତ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଜଳ ବିଭାଜିକା ତରଫରୁ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଆରଏଡି ଯୋଜନା ଜରିଆରେ ମହେନ୍ଦ୍ରପୁର ଗ୍ରାମର ବିକାଶ ପାଇଁ ଏହି ଗ୍ରାମକୁ ପାଇଲଟ ପ୍ରୋଜେକ୍ଟରେ ନେଇଥିବାବେଳେ ଏହି ଗ୍ରାମର ଲୋକଙ୍କୁ ପନିପରିବା ଚାଷ, ତୈଳବୀଜ ଜାତୀୟ ଚାଷ, କୁକୁଡ଼ା ପାଳନ, ଛେଳି ଚାଷ, ମହୁ ଚାଷ, ଜିଆ ଉତ୍ପାଦନ ପାଇଁ ସରକାରୀ ସହାୟତା ପ୍ରଦାନ କରାଯିବ। ମୃତ୍ତିକା ସଂରକ୍ଷଣ ବୈଷୟିକ ତାଲିମଦାତା ରାମେଶ୍ୱର ବାଗ ଏହି କାର୍ଯ୍ୟକ୍ରମ ବିଷୟରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ମୃତ୍ତିକା ସଂରକ୍ଷଣ ବ୍ଲକ ଅଧିକାରୀ ସୁରଥ ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ।




### ପରଶଖୋଲ ବିଦ୍ୟାଳୟ ସ୍ଥିତି ଦେଖିଲେ ଜିଲ୍ଲା ଶିକ୍ଷାଧିକାରୀ

# ମନ୍ତ୍ରୀ ମାଗିଲେ ଜିଲ୍ଲାର ସ୍ଥିତି

ସକାଳ THE SAKALA ପ୍ରଭାବ

**ନୂଆପଡ଼ା, ୧୨।୯ (ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ସାତ କିମି ଦୂର ପରଶ ଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ଭଙ୍ଗାରୁଜା ଅବସ୍ଥାରେ ଥିବାବେଳେ ଏହା ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି କରୁଥିବା ଖବର 'ସକାଳ'ରେ ପ୍ରକାଶ ପାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡଙ୍କ ନିର୍ଦ୍ଦେଶ ପରେ ଖୋଦ୍ ଜିଲ୍ଲା ଶିକ୍ଷାଧୀକାରୀ ସଦଳବଳ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଦେଖିଛନ୍ତି। ଏହିଭଳି ଜିଲ୍ଲା ଯାକର ଖରାପ ଥିବା ବିଦ୍ୟାଳୟ ଗୃହ ଗୁଡ଼ିକର ରିପୋର୍ଟ ଦାଖଲ ପାଇଁ କହିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ଜଣ ପିଲାଙ୍କ ପାଇଁ ମାତ୍ର ତିନିଟି କୋଠରି କାର୍ଯ୍ୟକ୍ଷମ ରହିଥିବାବେଳେ ବାକିସବୁ ଭଙ୍ଗାଦଦରା ହୋଇ ପଡ଼ିରହିଛି। ବିଦ୍ୟାଳୟ କ୍ୟାମ୍ପସ ନିକଟରେ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ହୋଇଛି, ହେଲେ ତାହା ବି ଯନ୍ତ୍ରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ନିର୍ମାଣ କାମ ନସରୁଣୁ ପାଣି ଗଳୁଛି। ଏହାକୁ ନେଇ ଖବର ପ୍ରକାଶ ହୋଇଥିଲା। ଏନେଇ ସାମାଜିକ କର୍ମୀମାନେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଏହି ବିଦ୍ୟାଳୟ ପ୍ରତି ଧ୍ୟାନ ଦେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବାସହ ଜିଲ୍ଲା ବ୍ୟାପି ଏଭଳି ଖରାପ ସ୍ଥିତିରେ ଥିବା ବିଦ୍ୟାଳୟ ଗୁଡ଼ିକର ତାଲିକା ରିପୋର୍ଟ କରିବାକୁ ନିର୍ଦ୍ଦେଶ କରିଥିବା ଜଣାପଡ଼ିଛି। ତେବେ ଏହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ କରୁଣା କର ଭୁଏ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସାଙ୍କ ସମେତ ନିର୍ମାଣ ବିଭାଗର ଯନ୍ତ୍ରୀମାନେ ଗସ୍ତ କରିଥିଲେ। ବିଦ୍ୟାଳୟ ଗୁଡ଼ିକର ସ୍ଥିତି ଦେଖି ତଥ୍ୟ ସଂଗ୍ରହ କରିଥିଲେ। ଛାତ୍ରଛାତ୍ରୀ କିପରି ବିପଦ ମୁକ୍ତହୋଇ ପାଠ ପଢ଼ିବେ ସେଥି ପ୍ରତି ଧ୍ୟାନ ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ କରିଥିଲେ। ଏହିଭଳି ଜିଲ୍ଲା ଯାକର ଏକ ସର୍ଭେ ରିପୋର୍ଟ ଶିକ୍ଷା ବିଭାଗକୁ ଦେବାକୁ ପ୍ରକ୍ରିୟା ଚାଲିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।



### ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

## ଯୁବକ ଗିରଫ ଓ କୋର୍ଟ ଚାଲାଣ

**ଧର୍ମଗଡ଼, ୧୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅଞ୍ଚଳରେ ଜଣେ ଯୁବତୀକୁ ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଧର୍ମଗଡ଼ ଥାନା କାସିବାହାଲ ଗାଁର ବିବାହିତ ଯୁବକ ଚନ୍ଦ୍ରଶେଖର ଚଣ୍ଡୀ ଏବଂ ପିଡ଼ୀତା ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପିଡ଼ୀତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଥିଲା ଯୁବକ। ପରେ ସମ୍ପୃକ୍ତ ଯୁବକ ପୀଡ଼ିତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲା। ଏ ନେଇ ପିଡ଼ୀତା ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଧର୍ମଗଡ଼ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଧର୍ମଗଡ଼ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଚନ୍ଦ୍ରଶେଖରକୁ ଗିରଫ କରି ଥାନାକୁ ଆଣି ପଚରାଉଚୁରା କରିବା ପରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି।



### ରିଭଲଭରରେ ଭୟ ଦେଖାଇ ବିଲ ପାସ୍ ପାଇଁ ଧମକ

# ୫ ଦିନ ପରେ ବି ପୁଲିସ ହାତ ଖାଲି

**ଭବାନୀପାଟଣା, ୧୨।୯ (ସମିସ):** ମଦନପୁର ରାମପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ରିଭଲଭରର ଭୟ ଦେଖାଇ ବିଲ୍ ପାସ୍ କରିବା ପାଇଁ ହତ୍ୟା ଧମକ ଦେଇଛନ୍ତି କଣ୍ଟାବାଞ୍ଜିର ଠିକାଦାର ଆକାଶ ଅଗ୍ରୱାଲଙ୍କ ଭାଇ ନୀଲେଶ ଅଗ୍ରୱାଲ ଓ ତାଙ୍କ ସହଯୋଗୀ। ଏହି ଘଟଣାକୁ କଳାହାଣ୍ଡିବାସୀ ସହଜରେ ହଜମ କରିପାରୁନାହାନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ଜିଲ୍ଲାର ଆଦିବାସୀ ନେତା ଏବଂ ସମ୍ପ୍ରଦାୟର ଏକ ବଡ଼ ଗୋଷ୍ଠୀ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ପୁଲିସ କେବଳ ତଦନ୍ତ ଚଳାଇଛୁ, ବିଭିନ୍ନ ସ୍ଥାନରେ ଛାପାମାରୁଛୁ, ତତ୍‌ସହିତ ମୋବାଇଲ ନମ୍ବର ଟ୍ରାକ ହୋଇପାରୁନି ବୋଲି ଆଇଆଇସି କହୁଛନ୍ତି। ଠିକ ଏକା କଥା ଏସ୍‌ପି. ମଧ କହିଛନ୍ତି। ଅଭିଯୁକ୍ତକୁ ଧରିବାରେ ରାଜନୈତିକ ଚାପ ପଡୁଥିବା ସାଧାରଣରେ ଚର୍ଚ୍ଚା ଜୋରଧରିଛି। ଶହ ଶହ କୋଟିର ନିର୍ମାଣ କାମ କରୁଥିବା ବଡ଼ ଠିକାଦାର ବଡ଼ ବଡ଼ିଆଙ୍କ ଛତ୍ରଛାୟା ତଳେ ରହିବା ସ୍ୱାଭାବିକ। ପୁଲିସ ଏବେ ସନ୍ଦେହ କରୁଛି ଯେ ଅଭିଯୁକ୍ତମାନେ ରାଜ୍ୟ ବାହାର ଛତିଶଗଡ଼ କିମ୍ବା ଅନ୍ୟସ୍ଥାନକୁ ଚାଲିଯାଇଥିବେ। ନଚେତ ଉଚ୍ଚ ନ୍ୟାୟାଳୟରୁ ଆଗୁଆ ଜାମିନ ପାଇଁ ବାହାରେ ରହିଥାଇପାରନ୍ତି। ବିଜେପି ସରକାର ଆସିବାପରେ କଳାହାଣ୍ଡି ଜିଲ୍ଲାରେ ରିଭଲଭର ଦେଖାଇ ସରକାରୀ ଅଧିକାରୀଙ୍କୁ ଭୟଭୀତ କରାଇବା ଘଟଣା ପ୍ରଥମ। ସରକାର ଦାୟିତ୍ୱରତ ସରକାରୀ ବାବୁ, ଯନ୍ତ୍ରୀଙ୍କୁ ସୁରକ୍ଷା ଦେଇନପାରିବା ବିଡ଼ମ୍ବନାର ବିଷୟ ବୋଲି କୁହାଯାଇଛି। ଆଉ ମାତ୍ର ଅଳ୍ପଦିନ ପରେ ବିଧାନସଭା ଆରମ୍ଭ ହେବ। ବିଧାନସଭାରେ କି ଉତ୍ତର ରଖିବେ ସରକାର ତାହାକୁ ନେଇ ପ୍ରଶ୍ନ ଉଠୁଛି। ସୂଚନା ଅନୁସାରେ ନୀଲେଶ ହେଉଛନ୍ତି ଏ ଆର ଏନ ଏସ ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ କମ୍ପାନୀର ମାଲିକ ଆକାଶ ଅଗ୍ରୱାଲଙ୍କ ଭାଇ। ଏହି କମ୍ପାନୀ ଅଧୀନରେ ଭିନ୍ନ ଭିନ୍ନ ସ୍ଥାନରେ ପ୍ରାୟ ଶହେ କୋଟି ଟଙ୍କାର ରାସ୍ତା କାମ ନିର୍ମାଣ ଚାଲିଛି। ତା ସହିତ କର୍ଲାମୁଣ୍ଡା ବ୍ଲକର ଗଜବାହାଲ ଗାଁ ଠାରୁ ଦେଉଳଗୁଡ଼ି ଛକ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମକୁ ମଧ ଆକାଶ ପେଟିରେ କାମ କରୁଥିବା ଜଣାପଡ଼ିଛି। ଏତେ ଗୁଡ଼ିଏ କାମ ନେବା ଭିତରେ ବିଲ ନ ହେବା କାରଣରୁ ଶେଷରେ ଏଭଳି ପଦକ୍ଷେପକୁ ଆପଣେଇ ନେଇଥିବା ଅନୁମାନ କରାଯାଉଛି। ତେବେ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଆସୁଥିଲା। କଟକରୁ କ୍ୱାଲିଟି କଣ୍ଟ୍ରୋଲ ବିଭାଗରୁ ବହୁ ଅଧିକାରୀ ଅଭିଯୋଗକୁ ଭିତ୍ତିକରି ରାସ୍ତା କାମ ପରିଦର୍ଶନରେ ଆସି ନିମ୍ନମାନର କାମ ହେଉଥିବା ଜାଣିବାକୁ ପାଇଥିଲେ। ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାର ଆକାଶଙ୍କୁ ଭଲ କାମ କରିବାକୁ ତାଗିଦ କରାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ କଥାକୁ ନ ଶୁଣି ମନଇଚ୍ଛା ଯେଣ ତେଣ ପ୍ରକାରେ ନିମ୍ନମାନର ରାସ୍ତା କାମ କରିଥିଲା। ପରେ ଠିକାଦାର ଆକାଶର ଭାଇ ନୀଲେଶ ଗତ ୮ ତାରିଖ ଦିନ ତାର କିଛି ସହଯୋଗୀ ମିଶି ମ.ରାମପୁର ସ୍ଥିତ ସରକାରୀ ବାସଭବନରେ ରହୁଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଅନନ୍ତ ପ୍ରଧାନଙ୍କ ପାଖକୁ ଆସିଥିଲେ। ଶ୍ରୀ ପ୍ରଧାନଙ୍କୁ ପ୍ରଥମେ ଡାକିଥିଲେ। ପରେ ଏକ ରାସ୍ତା କାମର ବିଲ୍ ପାସ୍ କରିବାକୁ ବାଧ କରାଇଥିଲେ। ହେଲେ ଶ୍ରୀ ପ୍ରଧାନ କାମ ସରିଲା ପରେ ଓ ଠିକ୍ ଭାବରେ କାମ କଲେ ବିଲ୍ ପାସ କରିବି ବୋଲି କହିଥିଲେ। କିନ୍ତୁ ଠିକାଦାର ନିଲେଶ ଉତ୍ୟକ୍ତ ହୋଇ ବିଲ୍ ପାସ୍ କରିବାକୁ କହିଥିଲା। ତା ସହିତ ତା ସାଙ୍ଗରେ ଆସିଥିବା ୧୦ରୁ ଉର୍ଦ୍ଧ୍ୱ ଯୁବକ ପାଟିତୁଣ୍ଡ କରିଥିଲେ। ନୀଲେଶ ଓ ସେମାନଙ୍କ ମଧ୍ୟରୁ ଜଣେ ରିଭଲଭର ଦେଖାଇ ବିଲ୍ ନକଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ପରେ ଶ୍ରୀ ପ୍ରଧାନଙ୍କୁ ଧମକ ଦେଇ ଘଟଣାସ୍ଥଳରୁ ଫେରାର ମାରିଥିଲେ। ଏନେଇ ଶ୍ରୀ ପ୍ରଧାନ ମ. ରାମପୁର ଥାନାରେ ନିଲେଶ ଅଗ୍ରୱାଲଙ୍କ ନାଁରେ ଲିଖିତ ଅଭିଯୋଗ କରିଥିଲେ। ମ.ରାମପୁର ଆଇ.ଆଇ.ସି. ବିରବର ଭଗତ ଘଟଣାର ଗମ୍ଭୀରତାକୁ କେମିତି ଦେଖୁଛନ୍ତି ଜଣାପଡୁନାହିଁ। କେବଳ ଅନ୍ଧାରରେ ବାଡ଼ି ବୁଲାଇଲେ ଅଭିଯୁକ୍ତ ପୁଲିସ ହାତରେ ଧରାଦେବା ମୁସ୍କିଲ। ଅନ୍ୟପକ୍ଷରେ ଏସ.ଇ.ପିଡବ୍ଲ୍ୟୁଡ଼ି ଶିବାଜୀ ପ୍ରଧାନ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଆଲୋଚନାବେଳେ କହିଛନ୍ତି ଯେ ପୁଲିସକୁ ଲିଖିତ ଏଫ୍‌ଆଇଆର. ଦେଇଛୁ ତେଣୁ ପୁଲିସ କ'ଣ କରୁଛି ଜାଣିବାକୁ ଅପେକ୍ଷା କରିଛୁ।




**କାହାଚାପରେ ପୁଲିସ ଚୁପ୍**

**ନିଶ୍ଚିତ ନିଆଯିବ କାର୍ଯ୍ୟାନୁଷ୍ଠାନ: ଏସ୍‌ପି**

## ଢୋଲକିଆଙ୍କ ବିୟୋଗରେ ଶୋକସଭା



**ନୂଆପଡ଼ା, ୧୨।୯ (ସମିସ):** ଗତ ୮ ତାରିଖ ଦିନ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳି ରହିଛି। ତାଙ୍କ ସ୍ମୃତିରେ ବିଭିନ୍ନ ଜାଗାରେ ଶୋକ ଏବଂ ଶ୍ରଦ୍ଧାଞ୍ଜଳି ସଭା ହେଉଛି। ସ୍ଥାନୀୟ ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ଜିଲ୍ଲାପରିଷଦ ଅଧକ୍ଷା ଡଲି ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଲମ୍ବୋଦର ଧରୁଆ, ଜିଲ୍ଲାପରିଷଦ ଉପାଧକ୍ଷା ଦୀପିକା ଦୀପ, ଜିଲ୍ଲାପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ, ଭରତଲାଲ ରାଉତ, ଭାନୁପ୍ରତାପ ସିଂ ମାଝୀଙ୍କ ସମେତ ସମସ୍ତ ଜିଲ୍ଲାପରିଷଦ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ସେହିଭଳି ନୂଆପଡ଼ା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ରୋହିତ ଭୋଇ, ଜିଲ୍ଲାପରିଷଦ ସଭ୍ୟ ଭାନୁପ୍ରତାପ ସିଂ ମାଝୀ, ଭରଲରାଲ ରାଉତ, ଦିଲୀପ ନିର୍ମଳକର, ଉମା ଠାକୁର, ଧନୀରାମ ସାହୁ, ଚିନିଲାଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନିକଟରେ ପରଲୋକଗତ ବିଧାୟକ ଢୋଲକିଆ ଏବଂ ଅମାନାରା ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନାଙ୍କ ବିୟୋଗରେ ଶୋକ ସଭା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଧର୍ମଗଡ଼ ବିଧାୟକଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

**କୋକସରା, ୧୨।୯ (ସମିସ)**

ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ଶୁକ୍ରବାର କୋକସରା ବ୍ଲକ ଆମପାଣି ଜୋନ୍‌ରେ ଥିବା ବିଭିନ୍ନ ପ୍ରାକୃତିକ ଜଳଉତ୍ସ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ସରୋଜ ଶାହ, ସହକାରୀ ଯନ୍ତ୍ରୀ ତପନ କୁମାର ଦାଶ, କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଗୋତମୁଣ୍ଡା ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ଅଠରନଳା ଡ୍ୟାମ ପରିଦର୍ଶନ କରିଥିଲେ। ସେହିପରି ପିପଲଝାପର ସ୍ଥିତ ପେନସାଲ, ଘଣ୍ଟିଗୁଡା ପୋଡାଯୋର, ମୁଗୁନାପଦର ସ୍ଥିତ ବେହାରା ଡ୍ୟାମ, ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ଜୋତାଖଲିଆ ଡ୍ୟାମ, ଆମପାଣି କରକ ଜଳପ୍ରପାତ ଓ କନ୍ଦାଗଡ଼ ସ୍ଥିତ ମୋଡୋସିଲ ଆଦି ପ୍ରକଳ୍ପ ପରିଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଚାଷୀ ଓ ସାଧାରଣ ଲୋକଙ୍କ ସହିତ ଆଲୋଚନା କରିବା ସହ କ୍ଷୁଦ୍ରଜଳସେଚନ ଓ ଅଣୁ ବିଭାଗ ଅଧୀନରେ ଆସୁଥିବା ପ୍ରକଳ୍ପ ଗୁଡ଼ିକର ପୁନଃଉଦ୍ଧାର, ନୂତନ ପ୍ରକଳ୍ପ ତିଆରି ପାଇଁ ଲୋକଙ୍କ ଦାବି ଅନୁସାରେ ବିଭିନ୍ନ ସ୍ଥାନ ବୁଲିବା ସହ ସ୍ଥାନ ନିରୂପଣ କରିଥିଲେ। ଘଣ୍ଟିଗୁଡା ସ୍ଥିତ ପୋଡାଯୋରକୁ ନୂତନ ପ୍ରକଳ୍ପ କରିବା ଏବଂ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ସର୍ଗିଗୁଡା ନିକଟରେ ଥିବା ଜୋତାଖଲିଆ ଡ୍ୟାମକୁ ପୁନଃଉଦ୍ଧାର କରିବା ସହ ବୃହତ ଯୋଜନା କରିବା ପାଇ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ବିଭାଗ ସହିତ ସ୍ୱୀକୃତି ପାଇଁ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳରେ ଥିବା ପ୍ରାକୃତିକ ଜଳଉତ୍ସର ଡିପିଆର ପ୍ରସ୍ତୁତକରି ନୂତନ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବ ଦିଆଯିବା ନେଇ ବିଧାୟକ ଶ୍ରୀ ପାଟଯୋଷୀ ଗଣମାଧମକୁ ସୂଚନା ଦେଇଛନ୍ତି। ବିଧାୟକଙ୍କ ଏହି ଗସ୍ତସମୟରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସମ୍ପାଦକ ତୁଲାରାମ ନାଏକ, ସାଧାରଣ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ପୂଝାରୀ, ଉପ-ସଭାପତି ଭଜମନ ନାଏକ, ଯୁବମୋର୍ଚ୍ଚା ସଭାପତି ତ୍ରୈଲୋକ୍ୟ ବେଶ୍ରା, ଅର୍ଜୁନ ଭାଟି, ଚକ୍ରଧର ବେଶ୍ରା, ସନ୍ତୋଷ ମାଝୀ, ନକୁଳ ନାଏକ, ଦୁର୍ଗା ପ୍ରସାଦ ପ୍ରଧାନୀ, ଗୋପାଳ ଅଗ୍ରୱାଲ, ନରେଶ ଗୁପ୍ତା, ମହିମା ସରପଞ୍ଚ ଇଶରାମ କୋଲଥିଆ, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, କୃଷ୍ଣଚନ୍ଦ୍ର ନାଏକ, ମକରନ୍ଦ ବାଗ, ନରେଶ ନାଏକ, ଲଳିତ ନାଏକ, ଲିଙ୍ଗରାଜ ରାଠୋର, କାମଦେବ ମାଝୀ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ରହିଥିଲେ।




## ବଜ୍ରପାତରୁ ସୁରକ୍ଷା ନିମନ୍ତେ ସଚେତନତା ରଥ



**ଭବାନୀପାଟଣା, ୧୨।୯ (ସମିସ):** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କଳାହାଣ୍ଡି ତରଫରୁ ବଜ୍ରପାତରୁ ସୁରକ୍ଷା ନିମନ୍ତେ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲ୍ଲାର ୧୩ଟି ବ୍ଲକ ଓ ୪ଟି ୟୁ.ଏଲ୍.ବି. ଅଞ୍ଚଳ ପରିକ୍ରମା କରି ବଜ୍ରପାତ ସମୟରେ ଲୋକେ କିପରି ସଚେତନ ହୋଇ ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାର ପ୍ରଚାର କରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ମନୀଷା ଗୁପ୍ତା, ଡେପୁଟି କଲେକ୍ଟର ଅଭିଷେକ ବରର୍ତ୍ତୀ, ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମନ୍ଦବୁଦ୍ଧିରୁ ହିଁ ସନ୍ଦେହ ଜନ୍ମନିଏ।
-ୱିଲିୟମ ସେକ୍ସପିୟର

## ଟ୍ରମ୍ପଙ୍କ ଅସ୍ଥିର ମନ ଓ ମତ

ଆମେରିକାର ଅତିରିକ୍ତ ଶୁଳ୍କକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ତିକ୍ତତାରୁ କୂଟନୈତିକ ସ୍ତରରେ ଭାରତ ସହ ସଂପର୍କ କେବଳ କ୍ଷୁଣ୍ଣ ହୋଇନି, ଅଚଳାବସ୍ଥା ପରିଲକ୍ଷିତ ହୋଇଛି। ଏପରିକି ବାଣିଜ୍ୟ ଚୁକ୍ତିକୁ ନେଇ ଦ୍ୱିପାକ୍ଷିକ ଆଲୋଚନାକୁ ସ୍ଥଗିତ ରଖାଯାଇଛି। ଏହାକୁ କେନ୍ଦ୍ରକରି ଭାରତ ପାଇଁ ସୃଷ୍ଟି ହୋଇଥିବା ବିକଳ୍ପ ପନ୍ଥାର ବାଧ୍ୟବାଧକତା ଯେ ଆମେରିକା ସ୍ୱାର୍ଥର ପରିପନ୍ଥୀ ହେବ ତାହା ତ ଜଣାଶୁଣା କଥା। ତେଣୁ ସ୍ଥିତି ସୁଧାରିବା ସକାଶେ ଘଡ଼ିଘଡ଼ିକେ ମତ ପରିବର୍ତ୍ତନ କରିବାରେ ମାହିର ଟ୍ରମ୍ପ ଉଦ୍ୟମ ଆରମ୍ଭ କରିଛନ୍ତି। ମୋଦୀଙ୍କୁ ନିକଟତମ ବନ୍ଧୁ ରୂପେ ଗତ ସପ୍ତାହକ ମଧ୍ୟରେ ଦୁଇ ଦୁଇ ଥର ସୂଚନା ଦେବା ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ପାଇଁ ପଥ ପରିଷ୍କାର କରିଛନ୍ତି। ବାଣିଜ୍ୟ କଥାବାର୍ତ୍ତାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହେବା ସହ ଦୁଇଦେଶ ପରସ୍ପରର ନିକଟବର୍ତ୍ତୀ ହେବାର ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଅପରପକ୍ଷରେ ଭାରତ ସହିତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ନ କରିବା ପାଇଁ ୟୁରୋପୀୟ ରାଷ୍ଟ୍ର ସଂଘ ଉପରେ ପରୋକ୍ଷ ଚାପ ସୃଷ୍ଟି କରିଛନ୍ତି।

ୟୁରୋପୀୟ ରାଷ୍ଟ୍ରସଂଘ ସହ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ସଂଘ ଉପରେ ଟ୍ରମ୍ପଙ୍କ ନାକାରାତ୍ମକ ଚାପ ଏକ ବିଷମ ପରିଣତି ସୃଷ୍ଟି କରିଛି। ୟୁରୋପୀୟ ରାଷ୍ଟ୍ରସଂଘର ବାଣିଜ୍ୟ ଆୟୁକ୍ତ ମାରୋସ୍ ସେଫକୋଭିକ୍‌ଙ୍କ ଭାରତ ଗସ୍ତର ସକାରାତ୍ମକ ଦିଗ ସଂପର୍କରେ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଯେଉଁ ସୂଚନା ଦେଇଛନ୍ତି ସେଥିରେ ବିଭ୍ରାଟ ଘଟାଇବା ପାଇଁ ଟ୍ରମ୍ପଙ୍କ ଶେଷ ମୁହୂର୍ତ୍ତରେ ଉଦ୍ୟମ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ହେଲେ ଭାରତ ଓ ଚୀନ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବା ଉଚିତ। ୟୁରୋପୀୟ ରଷ୍ଟ୍ରସଂଘକୁ ସେ ଏପ୍ରକାର ପରାମର୍ଶ ଦେଇ ଭାରତ ସହ ହେବାକୁ ଥିବା ଚୁକ୍ତିନାମାରେ ପାଣି ଢାଳି ହେଇଛନ୍ତି କହିଲେ ଭୁଲ ହେବ ନାହିଁ। ଆଗପଛ ଏହି ଦୁଇଟି ଘଟଣାକ୍ରମର ଅସଲ ଭିତିରି ଉଦ୍ଦେଶ୍ୟ କ'ଣ ହଠାତ୍ ଆକଳନ କରିବା କଷ୍ଟକର।

ଟ୍ରୁଥ ସାମାଜିକ ଗଣମାଧ୍ୟମର ପୋଷ୍ଟରେ ଟ୍ରମ୍ପ ଅବଗତ କରାଇଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟ ସୃଷ୍ଟି ହୋଇଥିବା ବାଣିଜ୍ୟ ପ୍ରତିବନ୍ଧକ ଆଲୋଚନା ମାଧ୍ୟମରେ ଦୂର ହେବ। ମୋଦି ତାଙ୍କର ଉତ୍ତମ ବନ୍ଧୁ। ଖୁବ୍‌ଶୀଘ୍ର ଦୁଇ ମହାନ ରାଷ୍ଟ୍ରମଧ୍ୟରେ ସଫଳ ବୁଝାମଣା ହେବା ନେଇ ସେ ଆଶାବାଦୀ। ମୋଦୀ ମଧ୍ୟ କହିଛନ୍ତି ଦୁଇଦେଶ ପରସ୍ପରର ଉତ୍ତମ ବନ୍ଧୁ ଓ ସ୍ୱାଭାବିକ ସହଯୋଗୀ। ଦ୍ୱିପାକ୍ଷିକ ଆଲୋଚନାର ସଫଳତା ପାରସ୍ପରିକ ସହଭାଗିତାକୁ ସୁଦୃଢ଼ କରିବାର ସହାୟକ ହେବ। ଏହାବ୍ୟତୀତ ଦୁଇନେତାଙ୍କ ମଧ୍ୟରେ ଖୁବ୍‌ଶୀଘ୍ର ପ୍ରତ୍ୟକ୍ଷ କଥାବାର୍ତ୍ତାର ସୂଚନା ମିଳିଛି। କିନ୍ତୁ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଟ୍ରମ୍ପଙ୍କ କଥାରେ ଭାରତ ଭାସିଯିବା ଉଚିତ୍ ନୁହେଁ। କୂଟନୈତିକ ସ୍ତରରେ ଘନ ଘନ ମତପରିବର୍ତ୍ତନ କରୁଥିବା ନେତୃତ୍ୱ ଯେ ଅସ୍ଥିର ଓ ବିଚଳିତ ଏକଥା ଯେ କେହି ସ୍ୱୀକାର କରିବ। ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ଆମେରିକାର ପ୍ରାଧାନ୍ୟ, ପତିଆରା ଓ ଟ୍ରମ୍ପଙ୍କ ନେତୃତ୍ୱ ବାଜିରେ ଲାଗିଥିବା ଭଳି ମନେ ହୁଏ। ତେଣୁ ତାଙ୍କ କଥାବାର୍ତ୍ତାରୁ ସ୍ପଷ୍ଟ ଯେ ସେ ବିଚଳିତ ଓ ବିବ୍ରତ। ●

## ହିଂସାର ୮୭୨ ଦିନ ପରେ

ମଣିପୁରରେ ହିଂସା କ୍ରମେ ପ୍ରଶମିତ ହେଉଥିଲେ ହେଁ ପରସ୍ପର ବିରୋଧୀ ଦୁଇଗୋଷ୍ଠୀ ମଧ୍ୟରେ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ହୋଇପାରିନାହିଁ। ରାଜ୍ୟରେ ବୀରେନ ସିଂ ସରକାରକୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି ହେବା ପରେ ଶାନ୍ତି ପ୍ରସ୍ତାବକୁ ଆଗେଇ ନେବାର ସୁଯୋଗ ସୃଷ୍ଟି ହେଲା। ୨୦୨୩ ମେ ମାସରେ ଆରମ୍ଭ ହୋଇଥିବା ହିଂସାକାଣ୍ଡ ଭୟଙ୍କର ରୂପ ନେଇଥିଲେ ମଧ୍ୟ ରାଜ୍ୟରେ କ୍ଷମତାସୀନ ସରକାରର ଆଭିମୁଖ୍ୟ କାର୍ଯ୍ୟଧାରା ପ୍ରଶମନ ବଦଳରେ ପ୍ରୋତ୍ସାହିତ କରିବାରୁ ସ୍ଥିତି ଆୟତ୍ତ ହୋଇପଡ଼ିଥିଲା। ତତ୍କାଳୀନ ରଜ୍ୟପାଳ ଅନୁସୂୟା ୟୁକେ ପରିସ୍ଥିତିର ଗମ୍ଭୀରତା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲେ। ଏପରିକି ସୁପ୍ରିମକୋର୍ଟ ନିଜ ଆଡ଼ୁ ହସ୍ତକ୍ଷେପ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଭଳି ପରିସ୍ଥିତି ଉପୁଜିଥିଲା। ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି କେନ୍ଦ୍ର ସରକାର ସେବା ନିବୃତ୍ତ ଘରୋଇ ସଚିବ ଅଜୟ କୁମାର ଭାଲ୍ଲାଙ୍କୁ ରାଷ୍ଟ୍ରପତି ଶାସନକାଳର ସ୍ଥିତି ସମ୍ଭାଳିବା ସକାଶେ ରାଜ୍ୟପାଳ ଦାୟିତ୍ୱରେ ଅବସ୍ଥାପିତ କଲେ।

ଘଟଣାକ୍ରମର ୮୭୨ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଣିପୁର ଗସ୍ତରେ ଯାଉଛନ୍ତି। ସଂଘର୍ଷରତ ମୈତେଇ ଓ କୁକି ଗୋଷ୍ଠୀ ଉଭୟ ଏହି କାର୍ଯ୍ୟକ୍ରମକୁ ନେଇ ଆଶାବାଦୀ। ସଂଘର୍ଷ ଓ ହିଂସାକାଣ୍ଡର ପୃଷ୍ଠଭୂମିରେ ହାଇକୋର୍ଟ ରାୟର ଯେତେ ପ୍ରଭାବ ନଥିଲା, ତାହାଠାରୁ ଅଧିକ ଥିଲା ରାଜ୍ୟରେ ହିନ୍ଦୁ ସଂପ୍ରଦାୟ ସହ ସମ୍ପୃକ୍ତ ମୈତେଇ ଗୋଷ୍ଠୀର ସରକାର ଏବଂ ପ୍ରତିପକ୍ଷ କୁକି ଗୋଷ୍ଠୀ ଆଦିବାଦୀ ସଂପ୍ରଦାୟ ମଧ୍ୟରେ ବିବାଦ। ମୈତେଇଙ୍କୁ ଜନଜାତି ମାନ୍ୟତା ବିରୋଧରେ ମୁଣ୍ଡଟେକିଥିବା ହିଂସା ବିରୋଧରେ ସରକାରଙ୍କ କଠୋର ଦମନମୂଳକ ନୀତି କ୍ରମେ ସଂପ୍ରଦାୟିକ ସଂଘର୍ଷର ରୂପ ନେଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି ସକାଶେ ବୀରେନ୍ ସିଂ ସରକାରକୁ ତୁରନ୍ତ ବରଖାସ୍ତ କରାଯିବା ପରିବର୍ତ୍ତେ ହିଂସା ଓ ବିଦ୍ୱେଷକୁ ପରୋକ୍ଷରେ ପ୍ରୋତ୍ସାହିତ କରାଯାଇଥିବା ଅଭିଯୋଗ ତୀବ୍ର ହୋଇଥିଲା। ଆଶ୍ୱାସନାର ବିଷୟ ଯେ ବିଳମ୍ବରେ ହେଲେ ମଧ୍ୟ ସ୍ଥିତି ସୁଧୁରୁଛି। ୨ ନମ୍ବର ଜାତୀୟ ରାଜପଥରୁ ଅବରୋଧ ହଟିଛି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଆଗକୁ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।

ପ୍ରଧାନମନ୍ତ୍ରୀ ଚୁରାଚାନ୍ଦପୁର ଓ ଇମ୍ଫାଲ୍ ଜନତାଙ୍କୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। କୁକି ନେତା ମୋଦୀଙ୍କ ଗସ୍ତକ୍ରମକୁ ସ୍ୱାଗତ କରିଥିଲେ ମଧ୍ୟ ସେମାନଙ୍କ କହିବା କଥା ହେଲା ସେମାନଙ୍କ ଆଖିର ଲୁହ ଶୁଖିନି କି କ୍ଷତି ସରିନି। ଏଭଳି ପରିସ୍ଥିତିରେ ନୃତ୍ୟ-ଗୀତ କାର୍ଯ୍ୟକ୍ରମରେ ତାଙ୍କ ସଂପ୍ରଦାୟ ଅଂଶଗ୍ରହଣ କରିପାରିବନି। ରାଜ୍ୟରେ ଅସ୍ଥାୟୀ ରିଲିଫ ଶିବରିରେ ଅବସ୍ଥାନ କରୁଥିବା ୪୦,୦୦୦ କ୍ଷତିଗ୍ରସ୍ତଙ୍କ ଦୟନୀୟ ସ୍ଥିତି ସଂପର୍କରେ ଅବଗତ ହେବା ପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଭେଟିବା ଉଚିତ୍। ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ସକାଶେ କୁକି ଅବସ୍ଥାନ କରୁଥିବା ଅଞ୍ଚଳକୁ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ରଖିବାକୁ ଦାବି କରାଯାଇଛି। ଏଥିରୁ ସ୍ପଷ୍ଟ ଯେ ରାଜ୍ୟର ଶାସନ କ୍ଷମତା ଅଧୀନରେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ସମସ୍ୟାର ଏଭଳି ବହୁ ଦିଗ ଅଛି, ଯାହା ଏର୍ପ୍ୟନ୍ତ ସମାଧାନ ହୋଇପାରିନାହିଁ। ●

# ମହେନ୍ଦ୍ରଗିରିର ସଂରକ୍ଷଣ ପ୍ରକୃତି-ଧର୍ମୀ ହେବା ବାଞ୍ଛନୀୟ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ପଦ୍ମ ପୁରାଣ, ଅଗ୍ନି ପୁରାଣ, ମତ୍ସ୍ୟ ପୁରାଣରେ ଭାରତର ସାତଟି ସୁଉଚ୍ଚ ଗିରି ଶୃଙ୍ଗ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହାକୁ 'ସପ୍ତ କୁଳଗିରି' କୁହାଯାଏ। ସେଗୁଡ଼ିକ ହେଉଛି ମହେନ୍ଦ୍ରଗିରି, ମାଲ୍ୟଗିରି, ସାହ୍ୟାଦ୍ରି, ପାରିଜାତ୍ରା, ଶୁକ୍ତିମାନ, ବିନ୍ଧ୍ୟ ଓ ମାଲ୍ୟବନ୍ତ। ତନ୍ମଧ୍ୟରୁ ମହେନ୍ଦ୍ରଗିରି ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ। ମହେନ୍ଦ୍ରଗିରି ପ୍ରାଚୀନ କଳିଙ୍ଗ ସଭ୍ୟତାର ଆଦ୍ୟଭୂମି। ରାମାୟଣ, ମହାଭାରତ ଭଳି ଆହୁରି ଅନେକ ପୁରାଣରେ ମଧ୍ୟ ମହେନ୍ଦ୍ରଗିରି ବିଷୟରେ ଉଲ୍ଲେଖ ଅଛି। ମହେନ୍ଦ୍ରଗିରିକୁ 'ପର୍ଶୁରାମ କ୍ଷେତ୍ର' ମଧ୍ୟ କୁହାଯାଏ। ପିଣ୍ଡଦାନ ପାଇଁ ମହେନ୍ଦ୍ରଗିରି ଏକ ଶ୍ରେଷ୍ଠ ପବିତ୍ର ଭୂମି ଭାବରେ ବିଦିତ। ମହେନ୍ଦ୍ରଗିରିରେ କୁନ୍ତି ମନ୍ଦିର, ଯୁଧିଷ୍ଠିର ମନ୍ଦିର, ଭୀମ ମନ୍ଦିର, ଅର୍ଜୁନ ଗୁମ୍ଫା, ଦାରୁ ବ୍ରହ୍ମ, ପର୍ଶୁରାମ ବିଗ୍ରହ, ପର୍ଶୁରାମ କୁଣ୍ଡ ଆଦି ପ୍ରାଚୀନ କୀର୍ତ୍ତିରାଜିମାନ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦ୍ୱାରା ଆଣ୍ଟିକ୍ୱେଟ ମନୁମେଣ୍ଟ ଆରକିଓଲୋଜି ରିମେଇନ୍ସ ଆଣ୍ଡ ସାଇଟ୍ସ ଆକ୍ଟ ୧୯୫୮ ଆଧାରରେ ଏହିସବୁ କୀର୍ତ୍ତିରାଜିକୁ ସୁରକ୍ଷା ପ୍ରଦାନ କରାଯାଉଛି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପରିକଳ୍ପିତ 'ରାମାୟଣ ସର୍କିଟ' ଅଧୀନରେ ଚିହ୍ନିତ ପନ୍ଦରଟି ସ୍ଥାନ ତାଲିକାରେ ମହେନ୍ଦ୍ରଗିରିକୁ ଅନ୍ତର୍ଭୁକ୍ତ କରାଯାଇଛି।

୭୫,୦୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ ମହେନ୍ଦ୍ରଗିରି ପାହାଡ଼ସମୂହରୁ ଜଳସ୍ରୋତ ମହେନ୍ଦ୍ରତନୟା, ଋଷିକୂଲ୍ୟା, ବଂଶଧାରା, ବାହୁଦା ନଦୀ ଏବଂ ବହୁ ଛୋଟବଡ଼ ଝରଣାକୁ ପ୍ରବାହିତ ହୁଏ। ମହେନ୍ଦ୍ରଗିରି ଉତ୍ତରୀ ହିମାଳୟ ଏବଂ ଦାକ୍ଷିଣାତ୍ୟ ଉପଦ୍ୱୀପ ଡେକାନ ମାଳଭୂମିର ଜୈବ ବିବିଧତାକୁ ପ୍ରତିନିଧିତ୍ୱ କରେ। ମହେନ୍ଦ୍ରଗିରି ପାହାଡ଼ ସମୂହର ବିବିଧ ଉଦ୍ଭିଦ ଭରା ଜଙ୍ଗଲକୁ ଚାରିପ୍ରକାରରେ ବିଭକ୍ତ କରାଯାଇପାରେ। ଯଥା-ଶାଳ ଜଙ୍ଗଲ, ମିଶ୍ରିତ ଜଙ୍ଗଲ, ତୃଣଭୂମି ଜଙ୍ଗଲ ଓ ବୁଦୁବୁଦିଆ ଜଙ୍ଗଲ। ଏହା ଅନେକ ଔଷଧୀୟ ଉଦ୍ଭିଦର ଗନ୍ତାଘର। ଭାରତୀୟ ହାତୀ, ମହାବଳ ବାଘ, ଚିତାବାଘ, କଲରାପତରିଆ ବାଘ, ହେଟା ବାଘ, ବଣୁଆ ଭାଲୁ, ହରିଣ, ଆଣ୍ଟେଲୋପ, ମୟୂର, ସର୍ପ, ଆହୁରି ଅନେକ ପ୍ରକାର ସ୍ଥଳଚର ପ୍ରାଣୀ ଓ ପକ୍ଷୀଙ୍କ ପାଇଁ ମହେନ୍ଦ୍ରଗିରି ପର୍ବତ ସମୂହ ପରିସଂସ୍ଥା ଏକ ସର୍ବୋତ୍ତମ ପ୍ରାକୃତିକ ବାସସ୍ଥାନ ଥିଲା। ଏକ ସର୍ବେକ୍ଷଣ ତଥ୍ୟାନୁଯାୟୀ ବର୍ତ୍ତମାନ ଏଠାରେ ୧୩୦୦ରୁ ଊର୍ଦ୍ଧ୍ୱ ବିବିଧ ଉଦ୍ଭିଦ ଜାତି ଚିହ୍ନଟ ହୋଇଥିବା ବେଳେ ୩୮୮ ଜାତିର ପ୍ରାଣୀ ରହିଥିବା ଜଣାଯାଏ। ସେଥିରେ ଅନ୍ତର୍ଭୁକ୍ତ ଅଛନ୍ତି ୨୭ ପ୍ରକାର ସ୍ତନ୍ୟପାୟୀ, ୧୬୫ ଜାତିର ପକ୍ଷୀ, ୧୦୦ରୁ ଅଧିକ ଉଷୀ, ପ୍ରଜାପତି। ସୁଖର କଥା, ଓଡ଼ିଶା ସରକାର ମହେନ୍ଦ୍ରଗିରିର ଇଡନଗିରି ଓ ମହେନ୍ଦ୍ର ରିଜର୍ଭ ଜଙ୍ଗଲ ଅଞ୍ଚଳକୁ ନେଇ ୪, ୨୫୦ ହେକ୍ଟର ବନାଞ୍ଚଳରେ ନଭେମ୍ବର ୨୦୨୨ ରେ ଏକ ଜୈବ ବିବିଧତା ଐତିହ୍ୟ ପ୍ରତିଷ୍ଠା କରିଛନ୍ତି।

ଅଧୁନା ପୋଡୁ ଚାଷ, ଅବିଚାରିତ ବୃକ୍ଷ ଛେଦନ, ଜଙ୍ଗଲଜାତ ଦ୍ରବ୍ୟର ଅଧିକ ସଂଗ୍ରହ, ପଥର ଖଣି ଖାଦାନ, ରାସ୍ତାଘାଟ ନିର୍ମାଣ, ଅବାଧ ମୋଟରଜାନ ଚଳାଚଳ, ପର୍ଯ୍ୟଟକମାନଙ୍କ ପାଇଁ ବିଳାସମୟ ବାସଗୃହ ବା କଟେଜ ନିର୍ମାଣ ଭଳି ମାନବୀୟ କାର୍ଯ୍ୟକଳାପ ହେତୁ ବିବିଧ ପ୍ରାଣୀ ଓ ଉଦ୍ଭିଦ ଜାତି ଭରା ଘନ ବନଭୂମିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମହେନ୍ଦ୍ରଗିରି ପରିସଂସ୍ଥାର ପ୍ରାକୃତିକତା ଅବକ୍ଷୟମୁଖୀ ହୋଇ ଚାଲିଛି ଏବଂ ବନ୍ୟଜୀବଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଅନେକ ଉଦ୍ଭିଦ ଓ ପ୍ରାଣୀ ଜାତି ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ(ଆଇୟୁସିଏନ) ଦ୍ୱାରା ପ୍ରସ୍ତୁତ ଲାଲକିତାବରେ 'ବିପଦ', 'ଦୁର୍ବଳ', 'ବିଲୁପ୍ତ' ଓ 'ବିରଳ' ବର୍ଗରେ ସ୍ଥାନିତ ହୋଇସାରିଲାଣି ଏବଂ ଆହୁରି ଅନେକ ଏଥିରେ ଯୋଡ଼ି ହେବାର ଆଶଙ୍କା ରହିଛି। ତିତିଲି ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ମହେନ୍ଦ୍ରଗିରି ପରିସଂସ୍ଥାରେ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ପ୍ରାଣୀ ଜାତି ଏପର୍ଯ୍ୟନ୍ତ ନମନୀୟ ରହିଛନ୍ତି। ଅଧିକ କାଳ ବିଳମ୍ବ ନକରି ବଞ୍ଚି ରହିଥିବା ଜୈବ ବିବିଧତାର ସଂରକ୍ଷଣ ତଥା ପ୍ରାକୃତିକ ଆବାସ ସ୍ଥାନର ବିକାଶ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ।

ପାହାଡ଼ ସମୂହରେ ସନ୍ନିବିଷ୍ଟ ପ୍ରାକୃତିକ ସମ୍ପଦର ବିକାଶ ସ୍ଥାନୀୟ ସମ୍ପ୍ରଦାୟର ଆର୍ଥିକ ସୁରକ୍ଷା ତଥା ବିକାଶ ସହିତ ଜଡ଼ିତ। 'ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଭାରତୀୟ ବନ୍ୟଜୀବ ଅନୁଷ୍ଠାନ) 'ଭାରତରେ ବନ୍ୟ ଜୀବ ସଂରକ୍ଷିତ କ୍ଷେତ୍ର ନେଟୱାର୍କ ଯୋଜନା' ନାମକ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହି ରିପୋର୍ଟର ସୁପାରିସ ଅନୁସାରେ ଉତ୍ତର, ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବରେ ଉଦ୍ଭିଦ-ଭୌଗୋଳିକ ସମ୍ବନ୍ଧ ଆଧାରରେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ଏକ ଅଭୟାରଣ୍ୟ ଓ ସଂରକ୍ଷିତ ଜୈବମଣ୍ଡଳ ସ୍ଥାପନ କରିବା ପାଇଁ ପରାମର୍ଶ ରହିଛି। ୧୯୮୮ ମସିହାରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଉକ୍ତ ସୁପାରିସକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ସହ ଏକ ଅନୁରୋଧ ପତ୍ର ପଠାଇଥିଲା। ୨୫ ନଭେମ୍ବର ୧୯୯୫ରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ବନ୍ୟଜୀବ ପରାମର୍ଶଦାତା ବୋର୍ଡର ୧୫ତମ ବୈଠକରେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ଏକ ବନ୍ୟଜୀବ ଅଭୟାରଣ୍ୟ ସୃଷ୍ଟି ପାଇଁ ସୁପାରିସ କରାଯାଇଥିଲା। ଓଡ଼ିଶା ପରିବେଶ ସମିତିର ପ୍ରସ୍ତାବକ୍ରମେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୨୦୧୧ ମସିହାରେ ମହେନ୍ଦ୍ରଗିରି ସଂରକ୍ଷିତ ଜୈବମଣ୍ଡଳ ଗଠନ ହେବାର ସମ୍ଭାବନା ଅଧ୍ୟୟନ ପାଇଁ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟିର ୨୦. ୧୨. ୨୦୧୪ ରେ ଅନୁଷ୍ଠିତ ଚତୁର୍ଥ ବୈଠକରେ ସର୍ବସମ୍ମତି କ୍ରମେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ସଂରକ୍ଷିତ ଜୈବମଣ୍ଡଳ ସୃଷ୍ଟି କରିବା ପାଇଁ ସୁପାରିସ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟ ଜୀବ) ୨୦୧୯ ଜାନୁଆରୀରେ ଓଡ଼ିଶା ସରକାରଙ୍କୁ ଏହି ସମ୍ବନ୍ଧୀୟ ଚିଠାପ୍ରସ୍ତାବ ମଧ୍ୟ ପ୍ରଦାନ କରିସାରିଛନ୍ତି।

ସଂରକ୍ଷିତ ଜୈବମଣ୍ଡଳରେ ପ୍ରାକୃତିକ ବନ୍ୟ ପ୍ରାଣୀ ଓ ଉଦ୍ଭିଦ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ସହିତ ଇକୋ-ଟୁରିଜିମ୍(ପରିସଂସ୍ଥା ପର୍ଯ୍ୟଟନ), ପର୍ଯ୍ୟଟନ, କୁଟୀର ଶିଳ୍ପ ସମେତ ସମସ୍ତ ପ୍ରକାର ପରିସଂସ୍ଥା ଅନୁକୂଳ ବିକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଇପାରିବ। ଆହୁରି ମଧ୍ୟ ପ୍ରାଚୀନ ମନ୍ଦିର ସ୍ମାରକୀଗୁଡ଼ିକର ଉପସ୍ଥିତି ଏବଂ ଗିରିଶୃଙ୍ଗର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଟ୍ରେକିଂ ମାର୍ଗର ବ୍ୟବସ୍ଥା କରାଯିବା ସହିତ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସକୁ ଏକ ପ୍ରାକୃତିକ ଐତିହ୍ୟ ସ୍ଥଳ ଭାବରେ ବିକଶିତ କରାଯାଇ ପାରିବ। ୟୁନେସ୍କୋର ପରାମର୍ଶ ଅନୁଯାୟୀ ବିଶ୍ୱ ପ୍ରାକୃତିକ ଐତିହ୍ୟ ସ୍ଥଳର 'ସମ୍ଭାବ୍ୟ ତାଲିକା'ରେ ମହେନ୍ଦ୍ରଗିରିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ପ୍ରଥମେ ଏକ ପ୍ରସ୍ତାବ ଦେବା ଉଚିତ୍। ଏହିଭଳି ପଦକ୍ଷେପ ସ୍ଥାନୀୟ ଲୋକଙ୍କ ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ସ୍ଥିତିକୁ ପରିବର୍ଦ୍ଧିତ କରିବାରେ ସହାୟକ ହେବ।

ସୂଚନା ଅନୁଯାୟୀ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଏହି ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ତୀର୍ଥକ୍ଷେତ୍ରର ପୂର୍ଣ୍ଣାଙ୍ଗ ରୂପ ବଦଳିବାକୁ ଯାଉଛି। ଏଥିପାଇଁ ଡିପିଆର ବା ନକ୍ସା ମଧ୍ୟ ପ୍ରସ୍ତୁତ ହୋଇସାରିଲାଣି। ମହେନ୍ଦ୍ରଗିରି ଶିଖରରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମହେନ୍ଦ୍ର ଆଶ୍ରମ, ସାଧନା ମଣ୍ଡପ, ଅନ୍ନପୂର୍ଣ୍ଣା ମଣ୍ଡପ, ସାଧୁସନ୍ଥ ଓ ପର୍ଯ୍ୟଟକଙ୍କ ରହିବା ପାଇଁ ଘର; କୁନ୍ତି ମନ୍ଦିର ଠାରୁ ଲଳିତା ପୁଷ୍କରିଣୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଭଳି ଅନେକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଗଣମାଧ୍ୟମ ସୂଚନା ଅନୁସାରେ ମହେନ୍ଦ୍ରଗିରିରେ ଅବସ୍ଥାପିତ ପ୍ରାଚୀନ ପର୍ଶୁରାମ ମନ୍ଦିର ସମେତ ଅନେକ ମନ୍ଦିରକୁ ଭାଙ୍ଗି ଭବ୍ୟ ମନ୍ଦିରମାନ ନିର୍ମାଣ କରାଯିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆ ହୋଇ ସାରିଲାଣି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ନିଆଯାଉଛି, ଯେଉଁଥିପାଇଁ ପ୍ରାୟ ୦.୯ ହେକ୍ଟର ସଂରକ୍ଷିତ ଜଙ୍ଗଲ କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂତ୍ରରୁ ମିଳିଥିବା ସୂଚନା ସତ୍ୟ ହୋଇଥାଏ ତେବେ ଏଭଳି ବିକାଶମୂଳକ କାର୍ଯ୍ୟ କିଭଳି ସ୍ଥାନୀୟ ପରିସଂସ୍ଥାକୁ ପ୍ରଭାବିତ କରିବ ଟିକିନିଖି ଅନୁଧ୍ୟାନ କରିବା ଆବଶ୍ୟକ।

ସମ୍ପ୍ରତି ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ଲଦାଖ୍ ଅଞ୍ଚଳର ପ୍ରାକୃତିକ ଭଙ୍ଗୁର ପରିବେଶରେ ନକାରାତ୍ମକ ମାନବିକୃତ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନର ପରିଣାମରେ ବାରମ୍ବାର ଘଟୁଥିବା ବଦଳଫଟା ବର୍ଷା, ବନ୍ୟାର ପ୍ଲାବନ ଏବଂ ଭୂସ୍ଖଳନ ପରି ବିପର୍ଯ୍ୟୟର ତାଣ୍ଡବରୁ ଶିକ୍ଷାଲାଭ କରିବାର ଆବଶ୍ୟକତା ରହିଛି। ସେହିପରି କେରଳର ପଶ୍ଚିମଘାଟସ୍ଥିତ ୱାୟାନାଡ଼ରେ ୨୦୨୪ରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ହେଉଛି ମାନବକୃତ ବିପର୍ଯ୍ୟୟର ଅନ୍ୟ ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ। ପାର୍ବତ୍ୟାଞ୍ଚଳରେ ଭିତ୍ତିଭୂମି ବିକାଶ ସମୟରେ ଆମକୁ ପର୍ଯ୍ୟଟନ ଓ ଅର୍ଥନୀତି ଅପେକ୍ଷା ପରିସଂସ୍ଥାର ସୁରକ୍ଷା ଓ ପରିଚାଳନା ପ୍ରତି ସତର୍କ ନଜର ରଖିବା ଅତ୍ୟନ୍ତ ପ୍ରୟୋଜନ। କ୍ଷଣସ୍ଥାୟୀ ଲାଭର ବଶବର୍ତ୍ତୀ ନହୋଇ ପରିସଂସ୍ଥାର ମୂଲ୍ୟାଙ୍କନ ଏବଂ ପରିବେଶୀୟ ସୁରକ୍ଷା ତଥା ପ୍ରକୃତି-ଆଧାରିତ ସମାଧାନକୁ ପ୍ରାଥମିକତା ପ୍ରଦାନ ଆମ ବିଜ୍ଞତାର ପରିଚାୟକ ହେବ। ତୀକ୍ଷ୍ଣ ଗଡ଼ାଣିରେ ପରିପୂର୍ଣ୍ଣ ଅବକ୍ଷୟମୁଖୀ ମହେନ୍ଦ୍ରଗିରି ପର୍ବତମାଳା ଅଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ଅତ୍ୟନ୍ତ ସତର୍କତାର ସହ କାର୍ଯ୍ୟାନ୍ୱୟନ କରାଯିବା ବାଞ୍ଛନୀୟ। ଏଠାରେ ପର୍ଯ୍ୟଟନ ଭିତ୍ତିଭୂମିଜନିତ ବିକାଶ ପ୍ରକ୍ରିୟା ପ୍ରକୃତି ସଂରକ୍ଷଣଧର୍ମୀ ହେବା ଏକାନ୍ତ ଅପରିହାର୍ଯ୍ୟ। ଏପରି ମନୋରମ ଜୈବବିବିଧତାର ଗନ୍ତାଘରକୁ ସଂରକ୍ଷିତ ଜୈବମଣ୍ଡଳ ତଥା ଐତିହ୍ୟସ୍ଥଳୀର ମାନ୍ୟତା ପ୍ରଦାନ ହେବ ପ୍ରାକୃତିକ ବିଭବର ସୁରକ୍ଷା ପ୍ରତି ଆମ ଅଙ୍ଗୀକାରବଦ୍ଧତାର ଶ୍ରେଷ୍ଠ ନିଦର୍ଶନ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୪୩୭୧୯୦୪୭୦

# ଜୀବନହିତରେ ଶିକ୍ଷା, ରାଷ୍ଟ୍ରହିତରେ ଜୀବନ

**ଇଂ. ପ୍ରତ୍ୟୁଷ କୁମାର ବେହେରା**

ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା। କାରଖାନାରେ ଯନ୍ତ୍ରାଂଶ ଖରାପ ହେଲେ ଉତ୍ପାଦ ଖରାପ ହୁଏ। ସେହିଭଳି ଶିକ୍ଷାନୁଷ୍ଠାନର ବାତାବରଣ ବିଗିଡ଼ିଲେ ଅମଣିଷ ସୃଷ୍ଟି ହେବାର ଆଶଙ୍କା ବହୁଳ। ଆଜିର ବ୍ୟଭିଚାର ଓ ଅନାଚାର ବହୁଳ ସମାଜରେ ବିଦ୍ୟାର୍ଥୀଙ୍କ ଚରିତ୍ର ନିର୍ମାଣ ଚିନ୍ତା ନିତାନ୍ତ ଜରୁରୀ। ଛାତ୍ରାବସ୍ଥା ରୂପୀ ମାହେନ୍ଦ୍ର ମୁହୂର୍ତ୍ତରେ ଦିବ୍ୟଜ୍ଞାନ ରୂପୀ ଗଙ୍ଗାର ପବିତ୍ର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ ପଡ଼ିବ।

ବିଦ୍ୟା ମନୁଷ୍ୟକୁ ପ୍ରସ୍ଫୁଟିତ କରେ ଏବଂ ପ୍ରଗତିର ମାର୍ଗରେ ଅଗ୍ରସର କରାଇଥାଏ। 'ବିଦ୍ୟା ଦଦାତି ବିନୟମ୍, ବିନୟାତ୍ ଯାତି ପାତ୍ରତାମ୍ / ପାତ୍ରତ୍ୱାଦ ଧନମାପ୍ନୋତି ଧନାତ୍ ଧର୍ମଂ ତତଃ ସୁଖମ୍।' ପ୍ରକୃତ ଜ୍ଞାନ ନମ୍ରତା ପ୍ରଦାନ କରେ; ନମ୍ରତାଠାରୁ ମୂଲ୍ୟବୋଧ ଆସେ। ମୂଲ୍ୟବୋଧରୁ ଧନ ପ୍ରାପ୍ତ ହୁଏ; ଧନ ଜଣେ ବ୍ୟକ୍ତିଙ୍କୁ ଭଲ କାର୍ଯ୍ୟ କରିବାକୁ ସକ୍ଷମ କରେ, ଯାହାକି ଆନନ୍ଦ ଆଣିଥାଏ। ବିଦ୍ୟା ଆମକୁ ସଠିକ୍ ଓ ମୁକ୍ତିର ମାର୍ଗ ଦେଖାଏ।

ଚାକିରି ଆଶାରେ ଡିଗ୍ରୀ ହାସଲ କରିବା କେବଳ ଶିକ୍ଷାର ଲକ୍ଷ୍ୟ ନୁହେଁ। ମାନବୀୟ ମୂଲ୍ୟବୋଧର ଅନୁଶୀଳନ ହିଁ ପ୍ରକୃତ ଶିକ୍ଷା। କେବଳ ବିଦ୍ୟା ଆହରଣ ନୁହଁ, ଚେତନାର ଉତ୍ତରଣ ହେଉଛି ପ୍ରଜ୍ଞାର ବାସ୍ତବିକ୍ ଅର୍ଥ। ଆଜି ଯାହା ସମସ୍ତଙ୍କୁ ବିଚଳିତ କରୁଛି ତାହା ହେଲା ସମାଜରେ ବଢ଼ୁଥିବା ଆତ୍ମହତ୍ୟା ପ୍ରବଣତା। ବିଦ୍ୟାର୍ଥୀମାନେ ଶିକ୍ଷା ନାମରେ କୁଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ପରିବାର, ଶିକ୍ଷକ ସମାଜ ମଧ୍ୟ ସଚେତନ କରାଇବା ଆବଶ୍ୟକ ରହିଛି। ବିବେକାନନ୍ଦ, ବାଜିରାଉତ, ଧର୍ମପଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସଙ୍କ ପରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପ୍ରେରଣା ପ୍ରଦାନ କରିବା ଉଚିତ୍।

'ଶିକ୍ଷା ଜୀବନ ପାଇଁ, ଜୀବନ ରାଷ୍ଟ୍ର ପାଇଁ। ଏହା ସମସ୍ତେ ନିଜର ବ୍ରତ ଭାବେ ପାଳନ କରିବା ଉଚିତ୍। ଆମକୁ ନେଇ ସମାଜ। ଆମେମାନେ ହିଁ ସମାଜ ପରିବର୍ତ୍ତନର କର୍ଣ୍ଣଧାର ହୋଇପାରିବା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ରାଷ୍ଟ୍ରର ହିତସାଧନ ନିମନ୍ତେ କାର୍ଯ୍ୟ କରିବା। ପିଲାମାନଙ୍କୁ ନୀତିଶିକ୍ଷା ଦେବାର ସାମ୍ପ୍ରତିକ ସମୟର ଆହ୍ୱାନ। କଞ୍ଚା ମାଟିକୁ ସୁନ୍ଦର ମୂର୍ତ୍ତିର ରୂପ ଦେବାରେ ଶିଳ୍ପୀର ଭୂମିକା ପରି ଶିକ୍ଷକ ମଧ୍ୟ ଜଣେ ସାଧାରଣ ବିଦ୍ୟାର୍ଥୀକୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରିବାରେ ସକ୍ଷମ ହୁଅନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ବିଷୟ ଆଧାରିତ ଶିକ୍ଷା ସହ ବୌଦ୍ଧିକ, ସାଂସ୍କୃତିକ ଓ ସମାଜ ପ୍ରତି ନିଜର ଦାୟିତ୍ୱ କର୍ତ୍ତବ୍ୟ ବିଷୟରେ ଶିକ୍ଷା ଦେବା ଉଚିତ୍। ଇସ୍ରାଏଲ ପରି ଗୋଟେ ଦେଶର ବିଦ୍ୟାଳୟରୁ ହିଁ ଦେଶ ସେବା ପାଇଁ ପୂର୍ଣ୍ଣ ଭାବେ ତାଲିମ୍ ପ୍ରଦାନ କରାଯାଏ। ଜାପାନରେ ମଧ୍ୟ ସମାନ ଧରଣର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ଜଣେ କେମିତି ନିଜକୁ ସଠିକ୍ ଢଙ୍ଗରେ ଗଢ଼ି ତୋଳି ପାରିବ, ସବୁ ପରିସ୍ଥିତିରେ ନିଜର ବୁଦ୍ଧି ବିବେକ ସହିତ ସମାଜର କଲ୍ୟାଣ କରିପାରିବ, ନିଜ ପାଇଁ ନୁହେଁ ବରଂ ସମାଜ ପାଇଁ ଚିନ୍ତା କରିପାରିବ ସେ ବିଷୟରେ ଗୁରୁକୁଳମାନଙ୍କରେ ଶିକ୍ଷା ପ୍ରଦାନ କରାଯାଏ। ଏହା ପ୍ରମାଣିତ କରେ ଭାରତୀୟ ଗୁରୁ-ଶିଷ୍ୟର ପରମ୍ପରା କେତେ ମହାନ୍ ଓ ତତ୍ତ୍ୱ ଆଧାରିତ। ଏବେ ଆଧୁନିକତା ନାମରେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। କେଉଁଠି ଗୁରୁ ନିଜ ପଦ ମର୍ଯ୍ୟାଦା ଭୁଲି ଯାଉଛନ୍ତି ତ ଆଉ କେଉଁଠି ଶିଷ୍ୟମାନେ ସୀମା ଲଂଘୁଛନ୍ତି।

ଜୀବନ କେବଳ ଫୁଲର ଶଯ୍ୟା ନୁହେଁ, କଣ୍ଟକିତ ମଧ୍ୟ। ଗୋଲାପର ସ୍ନିଗ୍ଧତାକୁ ଅନୁଭବ କରିବାକୁ ହେଲେ କଣ୍ଟାର ଆଘାତ ସହିବାକୁ ମଧ୍ୟ ପଡ଼ିବ। ଦୁଃଖ ଏକପ୍ରକାର ଭଗବାନଙ୍କ ହାତରେ ହାତୁଡ଼ି, ଯାହାଦ୍ୱରା ମଣିଷ ଜୀବନ ସଜାଡ଼ି ହୋଇଯାଏ। ସେଥିପାଇଁ ପ୍ରତ୍ୟେକ କାର୍ଯ୍ୟ ପଛରେ ଭଗବାନଙ୍କ ମହତ୍ ଉଦ୍ଦେଶ୍ୟ ଅଛି ବୋଲି ବିଚାର କରି ଗଭୀର ଆତ୍ମବିଶ୍ୱାସ ସହିତ ପରିସ୍ଥିତିକୁ ସାମ୍ନା କରିବା ଉଚିତ୍। ଯଦି ଗୋଟେ ରାସ୍ତା ବନ୍ଦ ହୋଇଯାଏ ଭଗବାନ ଅନ୍ୟ ଏକ ରାସ୍ତା ଆମ ପାଇଁ ରଖିଥା'ନ୍ତି। ଅର୍ଥାତ୍ ପ୍ରତିଟି ସମସ୍ୟା ଭିତରେ ସମାଧାନ ଲୁଚି କରି ରହିଥାଏ। ଆମେ ଧୈର୍ଯ୍ୟର ସହିତ ମୁକାବିଲା କରିବା ଉଚିତ୍। ଏହି ଶିକ୍ଷା ଆମକୁ ଆମର ଆଦି ଗୁରୁ ମା' ଦେଇଥା'ନ୍ତି। ସମଗ୍ର ବିଶ୍ୱରେ ଏମିତି ଜଣେ କେହି ନାହାନ୍ତି, ଯେ କେବେ ବି ବିଫଳ ହୋଇନାହାନ୍ତି। ଅନେକ ବିଫଳତାକୁ ସାମ୍ନା କରି କରି ନିଜର ଦୃଢ଼ପଣ ଦ୍ୱାରା ଶେଷରେ ସେମାନେ ଜଣେ ଜଣେ ସଫଳ ବ୍ୟକ୍ତି ହୋଇପାରିଛନ୍ତି। ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ ତ ବହୁ ଝଡ଼ଝଞ୍ଜା ଦେଇ ଗତି କରିବାକୁ ପଡ଼ିଥାଏ। ସିଏ ହେଉଛି ବୁଦ୍ଧିମାନ, ଯିଏ ବର୍ଷାର ଆଶଙ୍କା ଦେଖିଲେ ଛତାଟିଏ ମନେ କରି ନେଇଥାଏ। ଏମିତି ଶିକ୍ଷା ପ୍ରତ୍ୟେକ ଘରୁ, ବିଦ୍ୟାଳୟରେ ଓ ଗୁରୁଜନମାନଙ୍କ ଦ୍ୱାରା ଆମ ସମସ୍ତଙ୍କୁ ପ୍ରଦାନ କରିବା ନିହାତି ଜରୁରୀ ●

ବାଲେଶ୍ୱର, ମୋ: ୭୫୦୪୦୮୧୮୬୩

# କଞ୍ଜୁର ଓ ତଞ୍ଜୁର

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ବତରେ ବୌଦ୍ଧ ବିହାରଗୁଡ଼ିକ ମୁଖ୍ୟତଃ ଶିକ୍ଷାକେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ବୌଦ୍ଧ ବିହାରରେ ଗ୍ରନ୍ଥାଗାର ରହିଥିଲା। ଏହି ଗ୍ରନ୍ଥାଗାରରେ 'କଞ୍ଜୁର' ଓ 'ତଞ୍ଜୁର' ଶ୍ରେଣୀର ଧର୍ମପୁସ୍ତକ ଏବଂ ଅନ୍ୟାନ୍ୟ ଶାସ୍ତ୍ର ବର୍ଗର ଗୋଟିଏ ଗୋଟିଏ ପୁରା ସେଟ୍ ଗ୍ରନ୍ଥ ରଖାଯାଉଥିଲା। 'କଞ୍ଜୁର' ଶ୍ରେଣୀରେ ସାତଗୋଟି ବିଭାଗର ୧୦୦ ଅଥବା ୧୦୮ ଭାଗ ଗ୍ରନ୍ଥ ରହୁଥିବା ବେଳେ 'ତଞ୍ଜୁର'ରେ ସତରଟି ବର୍ଗର ଦୁଇଗୋଟି ବିଭାଗର ୨୨୫ ଭାଗ ଗ୍ରନ୍ଥ ରଖାଯାଉଥିଲା। ଏହିଭଳି ଭାବେ ଉଭୟ 'କଞ୍ଜୁର' ଓ 'ତଞ୍ଜୁର' ସଂଗ୍ରହରେ ୪୫୬୬ ଗୋଟି ଗ୍ରନ୍ଥର ଭଣ୍ଡାର - 'କଞ୍ଜୁର'ରେ ୧୧୦୮ ଓ 'ତଞ୍ଜୁର'ରେ ୩୪୫୮ ଗ୍ରନ୍ଥ ସଂଗୃହୀତ ହୋଇ ରହୁଥିଲା। ଏହିସବୁ ଗ୍ରନ୍ଥ ମୁଖ୍ୟତଃ ମୂଳ ସଂସ୍କୃତ ଗ୍ରନ୍ଥର ଅନୁବାଦ ହିଁ ଥିଲା। ସମସ୍ତ ଗ୍ରନ୍ଥ କାଠ ତିଆରି ବ୍ଲକ ସାହାଯ୍ୟରେ ହାତ ତିଆରି କାଗଜରେ ଛପା ଯାଇ ପ୍ରସ୍ତୁତ ହେଉଥିଲା। ସମସ୍ତ ଗ୍ରନ୍ଥ ରେଶମ କପଡ଼ାରେ ଗୁଡ଼ାଯାଇ ଥାକମାନଙ୍କରେ ସାଇତା ହୋଇ ରଖାଯାଉଥିଲା।



ଶାକ୍ୟାପ ସଂପ୍ରଦାୟର ଅନୁଗାମୀ ବୁ୍ୟ-ଷ୍ଟନ୍ (ଖ୍ରୀ୧୨୯୦-୧୩୬୪) ଜଣେ ଖ୍ୟାତନାମା ତିବ୍ବତୀୟ ବୌଦ୍ଧ ତଥା ଇତିହାସକାର ମଧ୍ୟ। ତିବ୍ବତରେ ମହଜୁଦ ଥିବା ତିବ୍ବତୀୟ ଭାଷାରେ ଅନୂଦିତ ସମସ୍ତ ଧର୍ମଗ୍ରନ୍ଥକୁ ସେ ବ୍ୟବସ୍ଥିତ ଭାବେ ଦୁଇଗୋଟି ବିଭାଗରେ ତାଲିକାଭୁକ୍ତ କରିଥିଲେ। ବୁଦ୍ଧଙ୍କ ବାଣୀକୁ ନେଇ ପ୍ରସ୍ତୁତ ଗ୍ରନ୍ଥକୁ ପ୍ରଥମ ଭାଗରେ ରଖାଗଲା ଏବଂ ଏହାର ନାମ ହେଲା 'କଞ୍ଜୁର'। ଦ୍ୱିତୀୟ ଭାଗଟି ହେଲା 'ତଞ୍ଜୁର', ଯେଉଁଥିରେ

## ଦ୍ୱିତୀୟ-ବୁଦ୍ଧ କଥା

ମୁଖ୍ୟତଃ ଖ୍ୟାତନାମା ଗୁରୁମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଗ୍ରନ୍ଥର ଭାଷ୍ୟଗୁଡ଼ିକୁ ରଖାଗଲା। ଏହିଭଳି ଭାବେ ପ୍ରଥମ ଭାଗଟିରେ ମୂଳଗ୍ରନ୍ଥ ଓ ଦ୍ୱିତୀୟ ଭାଗଟିରେ ଭାଷ୍ୟ ଗ୍ରନ୍ଥଗୁଡ଼ିକ ସହ ଚିକିତ୍ସାଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ମୂଳକ ଗ୍ରନ୍ଥ, ବ୍ୟାକରଣ ଶାସ୍ତ୍ର, ନ୍ୟାୟଶାସ୍ତ୍ର, କାବ୍ୟକବିତାଦି ବିଭିନ୍ନ ଅନ୍ୟାନ୍ୟ ଗ୍ରନ୍ଥମାନ ରହିଲା। ଅନ୍ୟଭାଷାରୁ ଅନୂଦିତ ଗ୍ରନ୍ଥ ବ୍ୟତିରେକ ତିବ୍ବତୀୟ ଭାଷାର ମୂଳଗ୍ରନ୍ଥ, ଯେପରିକି ଇତିହାସମୂଳକ, ମୌଖିକ ପରମ୍ପରାମୂଳକ, ବୌଦ୍ଧଧର୍ମର ମୂଳଗ୍ରନ୍ଥ, ସାହସୀ ତଥା ବୀରୋଚିତ କାର୍ଯ୍ୟମୂଳକ, ଜୀବନ ବୃତ୍ତାନ୍ତ, ବିଭିନ୍ନ ପ୍ରକାର ଦଲିଲ୍ ଓ ତଥ୍ୟମୂଳକ, ପ୍ରାଚୀନ ଦସ୍ତାବିଜ୍, ଇତିବୃତ୍ତି ଆଦି ଗ୍ରନ୍ଥ ଓ ଦସ୍ତାବିଜ୍‌ମାନ ରଖାଗଲା।

**କଞ୍ଜୁର:** ଏଥିରେ ମୁଖ୍ୟତଃ ନଅ ଗୋଟି ବର୍ଗର ଗ୍ରନ୍ଥ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ବର୍ଗ ମଧ୍ୟରେ ଉପ-ବର୍ଗ ଶ୍ରେଣୀର ଗ୍ରନ୍ଥମାନ ରହିଛି। ନଅଗୋଟି ବର୍ଗ ହେଲା: (୧) ବିନୟ - ଏହି ବର୍ଗର ସାତଗୋଟି ଗ୍ରନ୍ଥ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କର ନୀତିନିୟମ ଓ ଆଚାର ସଂପର୍କୀୟ। ଏଥିରେ ବୌଦ୍ଧ ମହାସମ୍ମିଳନୀ ସଂପର୍କୀୟ ବିବରଣୀ ମଧ୍ୟ ରହିଛି। (୨) ପ୍ରଜ୍ଞାପାରମିତା- ଏହି ଗର୍ବ ମଧ୍ୟରେ ଛତିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୩) ଅବତଂଶକ - ଏହି ବର୍ଗରେ ମାତ୍ର ଗୋଟିଏ ଗ୍ରନ୍ଥ। (୪) ରତ୍ନକୂଟ - ଏଥିମଧ୍ୟରେ ନଅଗୋଟି ଗ୍ରନ୍ଥ ଅନ୍ତର୍ଭକ୍ତ। (୫) ସୂତ୍ରାନ୍ତ- ଏହି ବର୍ଗରେ ଦୁଇଶହ ଷାଠିଏ ଗୋଟି ଗ୍ରନ୍ଥ ରହିଛି। (୬) ତନ୍ତ୍ର- ତିବ୍ବତୀୟ ପରମ୍ପରା ମୁତାବକ ତନ୍ତ୍ର ହେଉଛି ବୁଦ୍ଧବଚନର ଅଂଶବିଶେଷ। ପଦ୍ମସମ୍ଭବ ହେଉଛନ୍ତି ତନ୍ତ୍ରର ମୁଖ୍ୟ ପ୍ରବର୍ତ୍ତକ। ତିବ୍ବତୀୟ ବୌଦ୍ଧଧର୍ମରେ ପଦ୍ମସମ୍ଭବ ହେଉଛନ୍ତି ତନ୍ତ୍ରର ବୁଦ୍ଧ। ଏହି ତନ୍ତ୍ର ଶ୍ରେଣୀରେ ଚାରିଶହ ଅଠଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୭) ପ୍ରାଚୀନ ତନ୍ତ୍ର- ଏଥିମଧ୍ୟରେ ସତର ଗୋଟି ଗ୍ରନ୍ଥ ରହିଛି ଏବଂ ଏଥିମଧ୍ୟରୁ କେତେକରେ ବୁଦ୍ଧଙ୍କ ପୂର୍ବକାଳର ପରମ୍ପରା ମଧ୍ୟ ଅନ୍ତର୍ଭୁକ୍ତ। (୮) କାଳଚକ୍ରତନ୍ତ୍ର - ଏହା କେବଳ ଗୋଟିଏ ମାତ୍ର ଶାସ୍ତ୍ର। (୯) ମନ୍ତ୍ର ସଂଗ୍ରହ - ଏହି ବର୍ଗରେ ଦୁଇଶହ ତେଷଠିଟି ଗ୍ରନ୍ଥ ରହିଛି ଏବଂ ଏହା ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ବିଶାଳ ମନ୍ତ୍ର ବର୍ଗର ସଂଗ୍ରହ। ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅର୍ଚ୍ଚନା ନାଗଙ୍କ ଘର ସିଲ୍ କଲା ଇଡି



ଭୁବନେଶ୍ୱର, ୧୨।୯ (ସମିସ): ଅର୍ଚ୍ଚନା ନାଗଙ୍କ ଭୁବନେଶ୍ୱର ସତ୍ୟବିହାରସ୍ଥିତ ଜି+୨ ଘର ସିଲ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଶୁକ୍ରବାର ମଞ୍ଚେଶ୍ୱର ପୁଲିସ ସହାୟତାରେ ଇଡିର ସ୍ୱତନ୍ତ୍ର ଟିମ୍ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ର ଯାଞ୍ଚ କରିବା ସହ କିଛି ସାମଗ୍ରୀକୁ ବାହାର କରିବା ପରେ ଆସବାବପତ୍ର ସହ ଘରକୁ ସିଲ୍ କରିଛି। ୨୦୦୨ ମନି ଲଣ୍ଡରିଂ ଆଇନ ଅନୁସାରେ ଗତ ୨୦୨୩ରେ ଅର୍ଚ୍ଚନାଙ୍କ ଘରକୁ ଇଡି ଆଟାଚ୍ କରିଥିଲା। ପୂର୍ବରୁ ଏହି ଘର ଛାଡ଼ିବା ପାଇ ଅଦାଲତ ଅର୍ଚ୍ଚନାଙ୍କୁ ନୋଟିସ୍ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଅର୍ଚ୍ଚନା ଘର ନ ଛାଡ଼ିବାରୁ ଇଡି ଆଜି ତାଙ୍କ ଘର ସିଲ୍ କରିଛି।

ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ବ୍ଲାକ୍‌ମେଲିଂ କରିବା ନେଇ ନୂଆପଲ୍ଲୀ ଏବଂ ପରେ ଖଣ୍ଡଗିରି ଥାନାରେ ମାମଲା ରୁଜୁ କରାଯାଇଥିଲା। ୨୦୨୨ ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ। ତାଙ୍କ ସମ୍ପତ୍ତି ଓ ଆୟ ସମ୍ପର୍କରେ ଇଡ଼ି ତଦନ୍ତ କରିଥିଲା। ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ ମଞ୍ଜୁର ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ଝାରପଡ଼ା ଜେଲରୁ ବାହାରି ଥିଲେ। ଆଜି ଇଡି ଅର୍ଚ୍ଚନାଙ୍କ ଘରକୁ ସିଲ୍ କରିବା ଘଟଣାକୁ ସମାଲୋଚନା କରିଛନ୍ତି ତାଙ୍କ ବାପା। ସେ କହିଛନ୍ତି ଯେ ଜମିବାଡ଼ି ବିକି ସେ ଘର କରିବାକୁ ଝିଅକୁ ଟଙ୍କା ଦେଇଥିଲେ। ତେଣୁ ଘର ନ ଖୋଲିବା ଯାଏ ସେମାନେ ଘରଆଗରେ ବସି ରହିବେ।

### ଭେନୁଗୋପାଳଙ୍କ ନେତୃତ୍ୱରେ ଓଡ଼ିଶାରେ ସଂସଦ ପବ୍ଲିକ୍ ଆକାଉଣ୍ଟସ କମିଟି

# ଶନିବାର ପୁରୀରେ ହେବ ଷ୍ଟାଣ୍ଡିଂ କମିଟି ବୈଠକ



ଭୁବନେଶ୍ୱର,୧୨।୯(ସମିସ): ସଂସଦର ପବ୍ଲିକ ଆକାଉଣ୍ଟ କମିଟି (ପିଏସି)ର ଅଧ୍ୟକ୍ଷ ତଥା ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଂଗଠନ ସମ୍ପାଦକ କେସି ଭେନୁଗୋପାଳ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଙ୍ଗ କମିଟି ମଧ୍ୟ ଓଡ଼ିଶା ଗସ୍ତରେ ଆସିଛି। ସଂସଦର ପିଏସି ବୈଠକ ଶନିବାର ପୁରୀରେ ହେବା ନେଇ ସ୍ଥିର ହୋଇଛି। ଏହି ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ବେଣୁଗୋପାଳ ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନରେ ମଧ ଦଳୀୟ ସମୀକ୍ଷା କାର୍ଯ୍ୟକ୍ରମ ରଖିଛନ୍ତି। ଆସନ୍ତା ୧୪ ତାରିଖ

**ପିଏସି ବୈଠକ ପରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ଭେନୁଗୋପାଳ**

ଅପରାହ୍ନ ୨ଟା ୩୦ରେ ସେ ପ୍ରଥମେ ଦଳର ରାଜନୈତିକ ବ୍ୟାପାର କମିଟି ଓ ପରେ ପିସିସି କର୍ମକର୍ତ୍ତା, ସୃଜନ ପର୍ଯ୍ୟବେକ୍ଷକ , ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ରାଜନୈତିକ ବ୍ୟାପାର କମିଟି ବୈଠକରେ ଦଳର ସାଂସଦ ଓ ସମସ୍ତ ବିଧାୟକ ମଧ ଯୋଗଦେବେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପରବର୍ତ୍ତୀ ବୈଠକରେ ସମସ୍ତ କର୍ମକର୍ତ୍ତା, ସମସ୍ତ ଛାମୁଆ ସଂଗଠନ-ବିଭାଗ-ପ୍ରକୋଷ୍ଠର ମୁଖ୍ୟ ତଥା ସଦ୍ୟ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ନିୟୋଜିତ ପ୍ରତି ଜିଲ୍ଲାର ୩ ପିସିସି ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ। ଆଜି ଶ୍ରୀ ବେଣୁଗୋପାଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ପିସିସି ସଭାପତି, ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଦଳର ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ବାହିନୀପତି, ଅରବିନ୍ଦ ଦାସଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

### କପାବାଡ଼ିରେ ବଜ୍ରପାତ

# ୩ ଶ୍ରମିକ ମୃତ, ୨ ଗୁରୁତର



ରାୟଗଡ଼,୧୨।୯(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପିତାମହଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଗୁଡା ଗାଁରେ ବଜ୍ରଘାତରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଆଜି ଅପରାହ୍ନରେ ବିଷ୍ଣୁଗୁଡା ଗାଁ ନିକଟରେ ଏକ କପା ବାଡ଼ିରେ ୫ଜଣ ଶ୍ରମିକ କାମ କରୁଥିଲେ। ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଗୁରୁତର ହୋଇଥିଲେ। ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ରାୟଗଡ଼ା ବ୍ଲକ ପୀତାମହଲ ପଞ୍ଚାୟତର ବିଷ୍ଣୁଗୁଡ଼ା ଗ୍ରାମର ସମ୍ବାରୀ ପିଡ଼ିକା(୪୫)ଙ୍କ କୁଡେଶୁ ଗାଁ ପାହାଡ଼ ତଳେ ଥିବା କପାବାଡ଼ରେ ଏହି ୫ ଶ୍ରମିକ କାମ କରୁଥିଲେ। ବଜ୍ରପାତରେ ମୃତକମାନେ ହେଲେ ସମ୍ବାରୀ ପିଡିକା, ଲେଖପୁଟ ଗାଁର ଏମେଲ ମିଣିଆକା, ଝୁମୁକା ଗାଁର ଗିରିଆ ମିଣିଆକା। ଏଥିରେ ସମ୍ବାରୀଙ୍କ ବଡ଼ଭଉଣୀ ପାଣ୍ଡେ ପିଡ଼ିକା ଓ ହରିପୁର ଗାଁର ତୁଳସୀ ପିଡିକା ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇ ଶେଷଖାଲ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଶେଷଖାଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

# ପ୍ରତି ବ୍ଲକ୍‌ରେ ଖୋଲିବ ଆଇଟିଆଇ

ଭୁବନେଶ୍ୱର, ୧୨।୯(ସମିସ): ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ମିଳିବ। ବୈଷୟିକ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭରଶୀଳ କରାଯିବ। ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟରେ ଅନେକ ଆଇଟିଆଇ ଖୋଲାଯିବ। ୨୦୪୭ ସୁଦ୍ଧା ରାଜ୍ୟର ପ୍ରତିଟି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଆଇଟିଆଇ ଖୋଲିବାକୁ ରାଜ୍ୟ ସରକାର ଲକ୍ଷ ଧାର୍ଯ୍ୟ କରିଛନ୍ତି। ସମ୍ପ୍ରତି ହାରାହାରି ୪ଟି ବ୍ଲକ୍‌ରେ ଗୋଟିଏ ଆଇଟିଆଇରେ ଛାତ୍ରଛାତ୍ରୀମାନେ ତାଲିମ୍ ନେଉଛନ୍ତି। ଏହାକୁ ୨୦୩୬ ସୁଦ୍ଧା ଦୁଇଗୁଣା କରାଯିବ। ଭିଜନ୍ ଓଡ଼ିଶା-୨୦୩୬କୁ ଆଖିରେ ରଖି ପ୍ରତି ଦୁଇଟି ବ୍ଲକରେ ଗୋଟିଏ ସରକାରୀ ଆଇଟିଆଇ ଖୋଲିବାକୁ ଯୋଜନା ରହିଛି।

ଅନୁରୂପ ଭାବେ ଭିଜନ୍ ଓଡ଼ିଶା-୨୦୪୭କୁ ଦୃଷ୍ଟିରେ ରଖି ପ୍ରତି ବ୍ଲକ୍‌ରେ ଆଇଟିଆଇ ଖୋଲିବାକୁ ଲକ୍ଷ ରହିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏନେଇ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକଙ୍କୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ବିଭିନ୍ନ ସମୟରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସରକାରୀ ଆଇଟିଆଇ ଖୋଲିବାକୁ ଅନୁରୋଧ କରିଛନ୍ତି।

# ବିଧାନସଭାରେ ସାଧାରଣ ଲୋକଙ୍କ ସ୍ୱର ପ୍ରତିଫଳିତ ହୁଏ: ସୁରମା



ଭୁବନେଶ୍ୱର,୧୨।୯(ସମିସ): କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆୟୋଜିତ ଏକାଦଶ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଭାରତୀୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ "ବିଧାନସଭା ଗୃହରେ ବିତର୍କ ଓ ଆଲୋଚନା: ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସଭାଜନରେ ସହାୟକ' ଶୀର୍ଷକ ଆଲୋଚନା ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଧାନସଭା ହେଉଛି ଗଣତନ୍ତ୍ରର ପବିତ୍ର ସ୍ଥାନ। ସେଠାରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା, ସମସ୍ୟାର ସମାଧାନ ଓ ଏହାର ନିରାକରଣ ସମ୍ଭବ ହୋଇଥାଏ। ବିତର୍କ ମାଧ୍ୟମରେ ସହମତି ପ୍ରକାଶ ପାଏ। ସାଧାରଣ ଲୋକଙ୍କର ସ୍ୱର ପ୍ରତିଫଳିତ ହୁଏ। ସଂସଦୀୟ ପରମ୍ପରାରେ ବିତର୍କ ଓ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ୧୧ରୁ ୧୩ ପର୍ଯ୍ୟନ୍ତ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା, ବାଚସ୍ପତି ୟୁ ଟି, ଖାଦେର ଫରିଦ୍, ବିଭିନ୍ନ ରାଜ୍ୟର ବାଚସ୍ପତି ଓ ଉପବାଚସ୍ପତି ଯୋଗ ଦେଇଛନ୍ତି।

# ୬ମାସ ବଢ଼ିଲା ପିଏମ୍ କିଷାନ ଅବଧି

ଭୁବନେଶ୍ୱର,୧୨।୯(ସମିସ): ପିଏମ୍ କିଷାନରୁ ବାଦ ପଡ଼ିଥିବା ଚାଷୀମାନଙ୍କ ପାଇଁ ପଞ୍ଜିକରଣ ଅବଧି ବୃଦ୍ଧି କଲେ କେନ୍ଦ୍ର ସରକାର। କେୱାଇସି ଅବଧିକୁ ଆଉ ୬ ମାସ ବୃଦ୍ଧି କରାଯାଇଛି। ୮ ସେପ୍ଟେମ୍ବରରୁ ଆଉ ୬ ମାସ ବୃଦ୍ଧି କରିଛନ୍ତି। ସିଏମ୍ କିଷାନ ପାଉଥିବା ହିତାଧିକାରୀ ପିଏମ୍ କିଷାନରେ କେୱାଇସି ଅପଡେଟ୍ କରି ସାମିଲ ହୋଇପାରିବେ। ଏବେ ସିଏମ କିଷାନରେ ୫୧ ଲକ୍ଷ ୫୪ ହଜାର ଥିବାବେଳେ ପିଏମ କିଷାନରେ ୩୪ ଲକ୍ଷ ୮୫ ହଜାର ହିତାଧିକାରୀ ସାମିଲ ଅଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଅଧିକ ୬ ଲକ୍ଷ ହିତାଧିକାରୀ ପିଏମ କିଷାନରେ ସାମିଲ ହୋଇଛନ୍ତି। ଅଧିକ ଚାଷୀଙ୍କୁ ଯୋଡିବାକୁ ସରକାର ଏହି ସ୍ୱତନ୍ତ୍ର ଅଭିଯାନ ଲାଗୁ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଥର ମହଙ୍ଗା...

କିଲୋ ପିଛା ହାରାହାରି ୮୦ ଟଙ୍କାରୁ କମ୍ ନାହିଁ। ସାଧାରଣ କଖାରୁ କିଲୋ ୪୦ ଟଙ୍କାରୁ ୫୦ ଟଙ୍କା ହୋଇଯାଇଛି। ପୋଟଳ, ବିନ୍ସ, ସଜନା ଛୁଇଁ, କ୍ୟାପ୍ସିକମ୍ ମୂଲ୍ୟ କିଲୋ ପିଛା ୧୦୦ ଉପରେ। ମୁଦ୍ରାସ୍ଫୀତି ବାସ୍କେଟରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରର ଯୋଗଦାନ ପ୍ରାୟ ୫୦%, ତେଣୁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ଜୁଲାଇ ମାସରେ ୧.୧୮% ରହିଥିବାବେଳେ ଅଗଷ୍ଟରେ ଏହା ୧.୬୯%କୁ ବୃଦ୍ଧି ପାଇଛି। ଅନୁସରୂପ ଭାବରେ ସହରାଞ୍ଚଳରେ ମୁଦ୍ରାସ୍ଫୀତି ୨.୧୦%ରୁ ୨.୪୭%କୁ ବୃଦ୍ଧି ପାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ଅଗଷ୍ଟ ମାସରେ ମୁଖ୍ୟ ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପଛରେ ମୁଖ୍ୟ କାରଣ ହେଉଛି ପନିପରିବା, ମାଂସ ,ମାଛ, ଅଣ୍ଡା ,ତେଲ ଏବଂ ପର୍ସନାଲ କେୟାର ଉତ୍ପାଦ ମୂଲ୍ୟରେ ଅହେତୁକ ବୃଦ୍ଧି। ଏହି ସାମଗ୍ରୀଗୁଡିକର ମୂଲ୍ୟରେ ତୀବ୍ର ବୃଦ୍ଧି ଗ୍ରାହକଙ୍କ ବଜେଟ୍‌କୁ ପ୍ରଭାବିତ କରିଛି। ଏହା ସହ ପାର୍ବଣ ସମୟରେ ଲୋକମାନେ ବ୍ୟବହାର କରୁଥିବା ଡ୍ରାଏଫ୍ରୁଟ୍ସ ମୂଲ୍ୟ ପୁଣି ବଢ଼ିଛି । କାଜୁ ବାଦାମ, କସ୍‌ମିସ୍ ଏବଂ କେସର ଭଳି ଡ୍ରାଏ ଫ୍ରୁଟ୍ ମୂଲ୍ୟ ମହଙ୍ଗା ହେବାରେ ଲାଗିଛି। କାଶ୍ମୀର କେଶର ମୂଲ୍ୟ କିଲୋ ପିଛା ୧.୫ରୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଗତ ବର୍ଷ ତୁଳନାରେ କେଶରର ବଜାର ୧୦-୧୫% ଅଧିକ ମହଙ୍ଗା ହୋଇଛି। ସେହିପରି କାଜୁ ବାଦାମ, ପିସ୍ତା ଏବଂ କିସ୍‌ମିସ୍‌ର ମୂଲ୍ୟ ୧୫-୨୦% ବୃଦ୍ଧି ପାଇଛି।

### ଘାରିଲାଣି ମିଛ...

ଏହି ସୁପାରିସ କମିଟି ବୈଠକରେ ସର୍ବସମ୍ମତକ୍ରମେ ଗୃହୀତ ହୋଇଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ସୂଚନା ଦେଇ ସେ ଏକ ମିଥ୍ୟା ଖବରର କ୍ଲିପ୍ ମଧ୍ୟ ଲଗାଇଛନ୍ତି, ଯେଉଁଥିରେ ମିଥ୍ୟା ଖବର ଜରିଆରେ ସରକାରୀ ଦଳକୁ ଟା ।।ର୍ଗେଟ କରାଯାଇଛି। ଏହାର ଉଦାହରଣ ଦେଇ ସେ କହିଛନ୍ତି ଯେ ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବାର ଆବଶ୍ୟକତା ରହିଛି। ଦୁବେ 'ଏକ୍ସ'ରେ କହିଛନ୍ତି ଆହୁରି ଯେ ଭାରତକୁ ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଥାଇଲାଣ୍ଡରେ ପରିଣତ ହେବାକୁ ଦିଆଯିବ ନାହିଁ। ଲୋକମାନଙ୍କୁ ବିଭ୍ରାନ୍ତ କରିବା ଲାଗି ଯେଉଁମାନେ ରାଷ୍ଟ୍ର-ବିରୋଧୀ ଏଜେଣ୍ଡା ଚଳାଇଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖବର ସତ୍ୟ ଉପରେ ଆଧାରିତ ହେବା ଜରୁରୀ।

ମିଳିଥିବା ରିପୋର୍ଟ ଅନୁଯାୟୀ ମିଥ୍ୟା ଖବର ପରିବେଶଣ କରୁଥିବା ଗଣମାଧ୍ୟମଗୁଡ଼ିକୁ ଏଥର ଜରିମାନା ଦେବାକୁ ହେବ। ଦେଶର ସମସ୍ତ ପ୍ରିଣ୍ଟ, ଇଲେକଟ୍ରୋନିକ ଏବଂ ଡିଜିଟାଲ ମିଡିଆ ପାଇଁ ଫାକ୍ଟ ଚେକିଂ ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବାକୁ ସୁପାରିସ କରାଯାଇଛି। ସଂପାଦକ ଏବଂ ସଂପାଦକୀୟ ବିଭାଗର କଣ୍ଟେଣ୍ଟ ହେଡ୍‌ଙ୍କୁ ମିଥ୍ୟା ଖବର ପାଇଁ ଉତ୍ତରଦାୟୀ କରିବା ଲାଗି ରିପୋର୍ଟରେ ସୁପାରିସ କରାଯାଇଛି। ବିଫଳତା ପାଇଁ ସଂସ୍ଥାର ମାଲିକ ଓ ପ୍ରକାଶକଙ୍କୁ ମଧ୍ୟ ଦାୟୀ କରାଯାଉ। ସମ୍ବାଦପତ୍ର ଓ ଇଲେକଟ୍ରୋନିକ ଗଣମଧ୍ୟମ ଉପରେ ନଜର ରଖିବା ଲାଗି ଆଇନରେ ଆବଶ୍ୟକ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପ୍ରସ୍ତୁତ କେଣ୍ଟେଣ୍ଟକୁ ରୋକିବା ମଧ୍ୟ ଜରୁରି। ତେବେ ଗଣମାଧ୍ୟମ ଓ ଅନ୍ୟ ସଂସ୍ଥା ସହିତ ବ୍ୟାପକ ବିଚାର ଆଲୋଚନା କରାଯାଇ ସହମତି ଭିତ୍ତିରେ ଏଭଳି କଟକଣା କରାଯାଉ ବୋଲି ରିପୋର୍ଟରେ କୁହାଯାଇଛି।

### ଆମଦାନୀ ଗୁଣ୍ଡ ଦୁଗ୍ଧରେ...

ଜାତୀୟ ସ୍ତରରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୪୪୪ ଗ୍ରାମ୍ ଥିବାବେଳେ ଓଡ଼ିଶାରେ ଏହା ମାତ୍ର ୧୪୪ ଗ୍ରାମ୍ ରହିଛି। ନାବାର୍ଡର ଏକ ରିପୋର୍ଟ ଅନୁସାରେ, ୨୦୨୩ ସୁଦ୍ଧା ଓଡ଼ିଶାର ଜନସଂଖ୍ୟା ୪.୭୯ କୋଟି ହେବ ବୋଲି ଆକଳନ କରାଯାଇଥିବା ବେଳେ ରାଜ୍ୟର ଆବଶ୍ୟକତା ପୂରଣ ଲାଗି ଆଇସିଏମ୍ଆର୍ ସୁପାରିସ ଅନୁସାରେ ୫.୨୫ ନିୟୁତ ଟନ୍ ଦୁଗ୍ଧ ଆବଶ୍ୟକ। କିନ୍ତୁ ୨୦୨୨-୨୩ରେ ୨.୪୮ ନିୟୁତ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଛି। ଏହା ମୋଟ ଆବଶ୍ୟକତାର ମାତ୍ର ୪୭.୨୩ ପ୍ରତିଶତ। ସେହିପରି ୨୦୩୩-୩୪ ସୁଦ୍ଧା ରାଜ୍ୟର ଜନସଂଖ୍ୟା ୫.୩୫ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବା ବେଳେ ସେହି ସମୟରେ ୪.୮୬ ନିୟୁତ ଟନ୍ ଦୁଗ୍ଧ ଆବଶ୍ୟକତ ହେବ। ସେହି ଲକ୍ଷ୍ୟ ହାସଲ କରିବା ଲାଗି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବାର୍ଷିକ ୮.୯୮ ପ୍ରତିଶତ ହାରରେ ଆଗକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ରାଜ୍ୟର କ୍ଷୀର ଚାହିଦାକୁ ମେଣ୍ଟାଇବା ପାଇଁ କିଛି ଘରୋଇ ଡାଏରୀ ଅନ୍ୟ ରାଜ୍ୟରୁ ଗୁଣ୍ଡ କ୍ଷୀର ଆଣି ତାହାକୁ ଅପମିଶ୍ରଣ କରୁଥିବା ଏବଂ ଅନ୍ୟ ରାଜ୍ୟରୁ ଆମଦାନୀ ହେଉଥିବା ଅପମିଶ୍ରିତ କ୍ଷୀର ଓଡ଼ିଶା ବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ବଜାରରେ ମିଳୁଥିବା ଅଧିକାଂଶ କ୍ଷୀରରେ ଟ୍ୟାପ୍ ପାଣି, ସୋଡିଅମ୍ ହାଇଡ୍ରକ୍ସାଇଡ, ଲୁଣ ଏବଂ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ମିଶ୍ରଣ କରାଯାଉଥିବା ଅଭିଯୋଗ ହେଉଛି। "ଫୁଡ୍ ସେଫ୍‌ଟି ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ'(ଏଫ୍ଏସ୍ଏସ୍ଏଆଇ)ର ନମୁନା ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଉତ୍ପାଦିତ ୪୧ ପ୍ରତିଶତ କ୍ଷୀରରେ ଶରୀର ଲାଗି ଆବଶ୍ୟକ ସ୍ନେହସାର ମଧ ନ ଥାଏ। ପାଖାପାଖି ୭ରୁ ୧୦ ପ୍ରତିଶତ କ୍ଷୀର ମଧ ଅପମିଶ୍ରିତ, ଯହିଁରେ ହାଇଡ୍ରୋଜେନ ପେରକ୍ସାଇଡ, ଡିଟରଜେଣ୍ଟ, ୟୁରିଆ ଇତ୍ୟାଦି ଭଳି ମାରାତ୍ମକ ରାସାୟନିକ ପଦାର୍ଥ ମଧ ମିଶାଯାଉଥିବା ଅଭିଯୋଗ ହୋଇଛି।

ଶରୀରକୁ କ୍ଷତି ପହଞ୍ଚାଇବା ଭଳି ସାମଗ୍ରୀରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥଗୁଡ଼ିକୁ ଚିହ୍ନଟ ପାଇଁ ନା ସରକାରଙ୍କର ଆନ୍ତରିକତା ଅଛି, ନା ସରକାରୀ ଅଧିକାରୀମାନେ ଏହାପ୍ରତି କେବେ ମନଯୋଗୀ ହୋଇ ପାରୁଛନ୍ତି। ଯାହାଫଳରେ ଓଡ଼ିଶାରେ କ୍ଷୀର ବଜାର କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ହେଉଛି ଏବଂ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ନାଗରିକ ଏହି ଅପମିଶ୍ରିତ କ୍ଷୀର ଖାଇ ରୋଗଗ୍ରସ୍ତ ହେଉଛନ୍ତି ଏବଂ ସାଧାରଣ ଉପଭୋକ୍ତା ମଧ୍ୟ ଠକେଇର ଶିକାର ହେଉଛନ୍ତି।

### ତହସିଲଦାର, ଶ୍ରମ ଅଧିକାରୀ...

ଦେବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଡ୍ରାଇଭର ପି.ପ୍ରବୀଣ ଏବଂ ତହସିଲଦାର ଅଶ୍ୱିନୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରି ଗିରଫ କରିଛି। ଏହାପରେ ତହସିଲଦାରଙ୍କ ଭୁବନେଶ୍ୱର ମେ' ଫେୟାର ରୋଡରେ ଥିବା ଘର ଏବଂ ଅଫିସ ଚାମ୍ବର ଯାଞ୍ଚ କରିବା ପରେ ୪ଲକ୍ଷ ୭୩ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଛି। ଅଶ୍ୱିନୀ ୨୦୧୯ ରେ ଓଡ଼ିଶା ସିଭିଲ ସର୍ଭିସେସ୍‌ରେ ଟପ୍ପର ହୋଇଥିଲେ। ଜଣେ ଟ୍ରେନିଂ ରିଜର୍ଭ ଅଫିସର (ଟିଆରଓ) ୨୦୨୧ ଡିସେମ୍ବର ୩୦ ତାରିଖରୁ ସରକାରୀ ଚାକିରି ଆରମ୍ଭ କରିଥିଲେ। ପରେ ୨୦୨୫ ଜୁଲାଇ ୧ ତାରିଖରେ ସେ ସମ୍ବଲପୁର ଜିଲ୍ଲା ବାମରାରେ ତହସିଲଦାର ଭାବେ ଯୋଗ ଦେଇଥିଲେ। ଯାଜପୁର ଧର୍ମଶାଳାର ଅଶ୍ୱିନୀ ପଣ୍ଡା ଇଞ୍ଜିନିୟର୍ ଡିଗ୍ରୀ ହାସଲ କରିବା ପରେ ଏଏସ୍ଓ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ୨୦୧୮ ମସିହା ଏଏସ୍ଓ ପରୀକ୍ଷାରେ ବିଫଳ ହେବା ପରେ ୨୦୧୯ ରେ ସେ ଓପିଏସ୍‌ସି ଟପ୍ପର ହୋଇଥିଲେ।

ସେହିପରି ୬ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଛନ୍ତି ଶ୍ରମ ଅଧିକାରୀ। ଶ୍ରମ କାର୍ଡ କରାଇଦେବା ପାଇଁ ନୟାଗଡ଼ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଲେଖାଏଁ ଲାଞ୍ଚ ମାଗିଥିଲେ। ଏହିପରି ୨୨ଟି ଶ୍ରମ କାର୍ଡ କରିବା ପାଇଁ ସେ ୬ ହଜାର ୬୦୦ ଟଙ୍କା ଦାବି କରିଥିଲେ। ସେ ଆଜି ୨୧ଟି କାର୍ଡ କରାଇଦେବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲା ନୟାଗଡ଼ ଭିଜିଲାନ୍ସ ଟିମ୍। ସେହିପରି ସରକାରୀ ଅର୍ଥ ହେରଫେର ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ବିଜାତୋଳା ବ୍ଲକ ଲୁହାଶିଳା ପଞ୍ଚାୟତର ପୂର୍ବତନ ପିଇଓ ପୁଷ୍ପିତା ମହାକୁଡ଼। ବାର୍ଦ୍ଧକ୍ୟ ଭତ୍ତା ବାବଦରେ ସେ ପ୍ରାୟ ୬ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏହାର ତଦନ୍ତ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବା ପରେ ତାଙ୍କୁ ଆଜି ଗିରଫ କରାଯାଇଛି।

**AFFIDAVIT**

I, Vinith Patnaik, S/o Malaya Ranjan Pattanayak, Resident of Plot no. 939/6710 Sidheswar Nagar Jagamara, Po/Ps Khandagiri, Dist- Khordha Pin-751030, Odisha declare by this affidavit No. 6672 dtd.- 07/02/2025 that now onwards I shall be known as **Vinith Pattnaik** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 12/09/2025. I, **Reeta Rana,** D/O- Satya Rana, resident of Village At/Po- Belgaon, PS-Saintala, Dist- Balangir, Odisha, PIN-767032. That, the deponent actual name is **Reeta Rana** as per her School Certificate issued by BSE, Odisha vide No. 1902007010, Roll No. 030EG0042, but in the Aadhar Card vide No- 7834 3461 6335 her name has been wrongly mentioned as **Rita Rana.** Henceforth, **Reeta Rana** and **Rita Rana** is same and one person in the locality and I shall be known as **Reeta Rana** (new name), D/O- Satya Rana for all future purposes.

**Reeta Rana**

**AFFIDAVIT**

I, SMT. SASMITA KUMARI PANDA, W/o: Sujit Kumar Panigrahy, At: Puruna Post Office Sahi, Purushottampur, Po/P.S.: Purushottampur, Dist. Ganjam, declares by virtue of an affidavit Sl. No- 585. dated 03.09.2025 before Executive Magistrate, Purushottampur that in my Passport No: V7234959, in which my SPOUSE's name wrongly recorded as Sujit Panigrahy instead of SUJIT KUMAR PANIGRAHY. I need to be correct this. This is to be produced before the concerned authority.

**Notice**
**(Above 18 years of age)**

By virtue of an affidavit sworn before the Executive Magistrate, Udala, Mayurbhnaj, dated 04.09.2025 I, Sukulmani Soren, Address At- Andiatikira, Po-Dengam, Ps- Khunta, Dist-Mayurbhanj, Pin- 757104 declare that I have changed my name Srimati Sukulmani Soren to Sukulmani Soren . Henceforth I shall be known as **Thibu Murmu** for all purposes.

**Sukulmani Soren**

**AFFIDAVIT**

By virtue of an affidavit No. 5113 sworn before the Executive Magistrate, Champua on date-21/08/2025. I **KAMA NAIK,** resident of Vill/Po- Kashipal, Ps- Baria, Dist- Keonjhar, Odisha, Pin-758044 declare that I have changed my name from **Kamadev Naik** (old name) to **Kama Naik** (new name). Henceforth I shall be known as **Kama Naik,** S/o- Bana Naik for all future purpose.

**Sd/- KAMA NAIK**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 12.09.2025, I Aditya Singh, Address At-Sarbeswarpur, Po-Chandanpur, Ps-Badasahi, Dist-Mayurbhanj, State-Odisha, Pin-757017 declare that I have changed my name from Bapu Singh to Aditya Singh. Henceforth, I shall be known as **Aditya Singh** for all purposes.

**Aditya Singh**

**AFFIDAVIT**

I, Kandhu Khara, S/o- Late Miluku Khara resident of Vill.- Daba, Po.- Kasandi, Ps.- Nandapur, Dist.-Koraput, Odisha, Pin-764037 vide affidavit no.-82, dtd.12.09.2025 state that I have changed my name from **Kandhu Gayel** to **Kandhu Khara**. Henceforth I shall be known as **Kandhu Khara** for all purposes.

**AFFIDAVIT**

By virtue of an affidavit (CF No. 06) sworn before the Executive Magistrate, Padampur on dated- 11/09/2025. I, **Sunil Kumar Behera,** S/o Late Gunanidhi Behera, permanent resident of At- Padampur, PO-Padampur, Dist- Bargarh, PIN-768036, Odisha declare that I have changed my minor son's name from **Animesh Behera** (old name) to **Animesh Kumar Behera** (new name). Henceforth, I shall be known as **Animesh Kumar Behera** (new name) for all purposes.

**Sunil Kumar Behera**

L-63

**OFFICE OF THE EXECUTIVE ENGINEER (AGRIL.), AGRIL. ENGG. DIVISION, KEONJHAR**
AT/PO: MACHAPUR, DISTRICT: KEONJHAR-758001
E-mail ID: eeagril.kjr@gmail.com
**e-Procurement Notice: Dated 12.09.2025**
**Bid Identification No. EE(AGRIL)Keonjhar Division-01/2025-26**

The Executive Engineer (Agril.), Agril. Engg. Division, Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website www.tendersodisha.gov.in, for civil works/buildings in the district of Keonjhar as detailed below:

| Sl. No. | Nos of the work/nature of work for which Tender invited | Approximate Estimated cost put to Tender (Excluding G.S. T) (Rs.lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 03Nos (Three nos) Building works / Civil construction works/ PH Sanitary & Electrical works | Vary from Rs.11.87 lakh to Rs.15.01 lakh | Rs.6000.00 | 1% Of the Amount Put to Tender | C&D | 120Days |

1. Date & Time of availability of bid document in the portal :15.09.2025 at 10.00 AM to 22.09.2025, 5.30 PM
2. Last date / Time for receipt of bids in the portal :22.09.2025 upto 5.30 PM
3. Date of submission of original bid documents in Tender Box :15.09.2025,10.00 AM to 23.09.2025 up to 1.00 PM
4. Date & Time of opening of original Documents, Verification& Online bids– 24.09.2025 at 11.00 AM onwards

The Bidders have to participate in **ONLINE bidding only** in the e- Procurement website: https://tendersodisha.gov.inwith matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website.Authority reserve the right to reject/accept any or all of the tenders ,increase/decrease the quantities of works without assigning any reasons thereof.

Sd/- Executive Engineer (Agril.)
Agril. Engg. Division, Keonjhar

OIPR-01460/11/0007/2526

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ରେ: ନଂ: ୫୧/ ଏସ୍.ଏମ୍. ତା ୨୬/୦୬/୧୯୫୬
ବିଜ୍ଞପ୍ତି ସଂଖ୍ୟା ୨୮୫୨ / ତାରିଖ ୧୦.୦୯.୨୦୨୫

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୭ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା:୨୬.୦୯.୨୦୨୫ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବରଗଡ଼ର ରେଳୱେ ଷ୍ଟେସନ ରୋଡ଼, ଆର୍.ଏମ.ସି ମାର୍କେଟ ନିକଟସ୍ଥ "ଯଦୁମଣି ପ୍ରଧାନ ଅଡ଼ିଟୋରିୟମ୍" ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି: ଦ୍ର: - ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ବାଚଣର ଅବିକଳ ନକଲ ସଙ୍ଗରେ ଆଣିବାକୁ ଅନୁରୋଧ।

କାର୍ଯ୍ୟସୂଚୀ

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୪-୨୫ ବର୍ଷର ଅଡ଼ିଟ ରିପୋର୍ଟ ପଠନ ଓ ଗ୍ରହଣ।
୪. ୨୦୨୪-୨୫ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୫. ୨୦୨୫-୨୬ ବର୍ଷର ବଜେଟ୍ ଅଟକଳ ଅନୁମୋଦନ।
୬. ୩୧.୦୮.୨୦୨୫ ପର୍ଯ୍ୟନ୍ତ ବ୍ୟାଙ୍କର ଆୟ ଓ ବ୍ୟୟର ଅନୁମୋଦନ।
୭. ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)।

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
ସ୍ୱା/-
ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ

● କୋଠାରେ ସୀମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ର

## ବର୍ଷେ ହେଲା କାର୍ଯ୍ୟକ୍ଷମ ହୋଇପାରୁନି



ବୌଦ୍ଧ,୧୨।୯ (ସମିସ): ଗ୍ରାମାଞ୍ଚଳରେ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ପାଇଁ ୧୯ ୯୦ ମସିହାରେ ଜହ୍ନାପଙ୍କରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ କରାଯାଇଛି। ସେତେବେଳେ ଆଖ ପାଖରେ ଚିକିତ୍ସା ପାଇଁ କୌଣସି ସ୍ୱାସ୍ଥ୍ୟକେନ୍ଦ୍ର ନ ଥିଲା। ଖୁଣ୍ଟବନ୍ଧ, ତେଲିବନ୍ଧ ପଞ୍ଚାୟତର ଲୋକମାନେ ଏଠାକୁ ଚିକିତ୍ସା ପାଇଁ ଆସୁଥିଲେ। ଏହି କୋଠାଟି ୨୦୨୦ ମସିହାରୁ ବିପଦସଂକୁଳ ହେବାରୁ ଏହା ବ୍ୟବହାର ଉପଯୋଗୀ ହେଲାନାହିଁ। ୨୦୨୩ରେ ନୂତନ କୋଠା ନିର୍ମାଣ ପାଇଁ ବୁରକଟା ଗ୍ରାମର ଗଦବସା ପଡିଆରେ ଏଥିପାଇଁ ଜମି ଚିହ୍ନଟ ସହ କୋଠା ନିର୍ମାଣ ମଧ୍ୟ ହୋଇଥିଲା। ଏହି ନିର୍ମାଣ କାର୍ଯ୍ୟ ଶେଷ ଦେବାର ଏକ ବର୍ଷ ବିତି ଗଲାଣି; ହେଲେ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିନି। ଫାଟକରେ ତାଲା ଝୁଲୁଥିବା ବେଳେ ଅବ୍ୟବହୃତ କୋଠାଟି ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଖୁଣ୍ଟବନ୍ଧ ଓ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନରେ ଛୋଟ ବଡ଼ ୨୪ଟି ଗାଁ ରହିଛି। ପଞ୍ଚାୟତର ସଦର ମହକୁମାରେ ଏହି ସ୍ୱାସ୍ଥ୍ୟ ଉପ କେନ୍ଦ୍ର ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା; କିନ୍ତୁ ଏହା କେବଳ କୋଠା ନିର୍ମାଣରେ ସୀମିତ ରହିଛି। ସ୍ୱାସ୍ଥ୍ୟ ଉପ କେନ୍ଦ୍ରର ସୁପରିଚଳନା ପାଇଁ ଆବଶ୍ୟକ ଆନୁଷଙ୍ଗିକ ସୁବିଧା ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନାହିଁ। ତେବେ କାର୍ଯ୍ୟକ୍ଷମ ହୋଇ ପାରି ନ ଥିବାରୁ ଭଡା ଘରେ ସ୍ୱାସ୍ଥ୍ୟ ଉପ କେନ୍ଦ୍ର ଚାଲିଛି।

● ଏନ୍ଏସି ଦାବିରେ ୧୨ଘଣ୍ଟିଆ ସିନ୍ଧେକେଲା ବନ୍ଦ

## 'ସିନ୍ଧେକେଲାକୁ ଏନ୍ଏସି କର, ଅଞ୍ଚଳର ଉନ୍ନତି ସୁନିଶ୍ଚିତ କର'



ବଙ୍ଗୋମୁଣ୍ଡା,୧୨।୯ (ସମିସ): ବିଜେଡ଼ି ସରକାର ସିନ୍ଧେକେଲାକୁ ଏନ୍ଏସି ଘୋଷଣା କରିଥିଲେ; କିନ୍ତୁ ସରକାର ପରିବର୍ତ୍ତନ ହେବାପରେ ତାହା ସଫଳ ରୂପାୟନ ହୋଇନାହିଁ। ସିନ୍ଧେକେଲାକୁ ଏନ୍ଏସି ଘୋଣେ କରିବାରେ ବର୍ତ୍ତମାନର ବିଜେପି ସରକାର ବଞ୍ଚିତ କରିଛି। ଏଣୁ ସିନ୍ଧେକେଲାକୁ ଏନ୍ଏସି ଘୋଷଣା କରିବା ଦାବି ନେଇ ଶୁକ୍ରବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସ୍ଥାନୀୟ ସିନ୍ଧେକେଲା ନାଗରିକ ମଞ୍ଚ ତରଫରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ବିଭିନ୍ନ ସାମାଜିକ ସଂଗଠନ, ବ୍ୟବସାୟୀ ଏହି ବନ୍ଦକୁ ସମର୍ଥନ କରିଛନ୍ତି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ହୋଇଥିଲା। ବନ୍ଦ ସମୟରେ ଅତିଜରୁରି ସେବାକୁ ଛାଡ଼ି ସମସ୍ତ ବ୍ୟବସାୟିକ ସଂସ୍ଥା, ବଜାର, ଶିକ୍ଷାନୁଷ୍ଠାନ, ସ୍ଥାନୀୟ ହାଟବଜାର ସହିତ ସାଧାରଣ ପରିବହନ ପ୍ରାୟ ବନ୍ଦ ରହିଥିଲା ଆନ୍ଦୋଳନକାରୀ 'ସିନ୍ଧେକେଲାକୁ ଏନ୍ଏସି କର, ଅଞ୍ଚଳର ଉନ୍ନତି ସୁନିଶ୍ଚିତ କର' ସ୍ଲୋଗାନ୍ ଦେଇଥିଲେ। ଆନ୍ଦୋଳନକାରୀଙ୍କ କହିବା ଅନୁସାରେ, ସିନ୍ଧେକେଲାରେ ଜନସଂଖ୍ୟା ବୃଦ୍ଧି, ବ୍ୟାପକ ବଜାର, ଶିକ୍ଷାନୁଷ୍ଠାନ ଓ ବ୍ୟାବସାୟିକ କ୍ଷେତ୍ର ବିକଶିତ ହେଲେ ମଧ୍ୟ ଏଠାରେ ଏନଏସି ସ୍ଥାପିତ ହୋଇନାହିଁ। ଏହାଫଳରେ ଅଞ୍ଚଳର ନିୟମିତ ସୁବିଧା, ସହରୀ ସେବା, ପାନୀୟ ଜଳ, ରାସ୍ତା, ଆଲୋକ, ପରିଷ୍କାର ପରିଚ୍ଛନ୍ନ ଭଳି ପ୍ରାଥମିକ ଆବଶ୍ୟକତା ଅପୂର୍ଣ୍ଣ ରହିଛି। ସିନ୍ଧେକେଲାକୁ ଏନ୍ଏସି ଘୋଷଣା ଦାବିରେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକଙ୍କ ଜରିଆରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆନ୍ଦୋଳନରେ ପୂର୍ବତନ ସୈନିକ ତଥା ବିଜେଡ଼ି ନେତା ଗୀରିରାଜ୍ ସିଂ ମାଝୀ, ନାଗରିକ ସଂଘର ସଭାପତି ଅମିତ ସାହୁ, ସୁରେଶ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଅଭିମୁଖୀକରଣ




ଭବାନୀପାଟଣା,୧୨।୯ (ସମିସ): ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ। ମହାବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ମୁଣ୍ଡ ସ୍ୱେଚ୍ଛାସେବୀ ମାନଙ୍କୁ ଦେଶର ପ୍ରଗତିରେ ଜାତୀୟ ସେବା ଯୋଜନାର ଭାଗିଦାରୀତା ବିଷୟରେ ଆଲୋକପାତ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଏହାର ଇତିହାସଲକ୍ଷ୍ୟ, ଉଦ୍ଦେଶ୍ୟ, ଅଭିମୁଖ୍ୟ ଓ ପରିସର ବିଷୟରେ ଆଲୋଚନା କରିଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ ଓ ମିକୁ ମିଶ୍ର ନିଆଲ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମୁଦାୟ ୧୭୫ ଜଣ ଛାତ୍ରଚାତ୍ରୀ ଏହି ଅବିମୁଖୀକରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହା ଏନ୍ଏସ୍ଏସ୍ ବ୍ୟୁରୋ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ ଯାହାକି ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍ଏସ୍ଏସ୍ ଭୁବନେଶ୍ୱରର ପରିସରଭୁକ୍ତ। ଏହାର ସଫଳତା ପାଇଁ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଛନ୍ତି।

# ଉଦ୍ୟାନ ବିଭାଗ ଖରିଫ ହଳଦୀ ଚାଷରେ ଅନିୟମିତତା

## ଚାଷୀ ଅଂଶ ଧନ ମୋ ପାଖରେ ଅଛି:ଓଭରସିଅର

## କାଗଜ କଲମରେ ଚାଲିଛି ଚାଷ

ମ.ରାମପୁର,୧୨।୯ (ସମିସ)

ଚାଷୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସରକାର ବିଭିନ୍ନ ଯୋଜନାମାନ ପ୍ରଣୟନ କରିଛନ୍ତି। ସବୁଯୋଜନାରେ ଉପଯୁକ୍ତ ହିତାଧିକାରୀ ଚୟନ ସହିତ ଉପଯୁକ୍ତ ସୁବିଧା ସୁଯୋଗ ଦିଆଯିବାର ନିୟମ ରହିଛି। ତେବେ ଏହି ସବୁ ଯୋଜନାରେ ଅନେକ ତ୍ରୁଟି ଓ ବିଚ୍ୟୁତି ଦେଖାଯାଉଛି। କିଛି ମୁନାଫାଖୋର୍ ଅଧିକାରୀଙ୍କ ପାଇଁ ଯୋଜନାର ସଫଳ ରୁପାୟନ ହୋଇପାରୁନି। ଉପଯୁକ୍ତ ହିତାଧିକାରୀ ଚୟନ କରିବା ବଦଳରେ କାଗଜ କଲମରେ ଚୟନ କରି କାଗଜପତ୍ରରେ ଚାଷ କରାଯାଉଥିବା ଦେଖାଯାଉଛି। ମ.ରାମପୁର ଉଦ୍ୟାନ ବିଭାଗରେ ଏବେ ହଳଦୀ ଚାଷରେ ବ୍ୟାପକ ଅନିୟମିତତା ଗନ୍ଧ ବାରିହେଇ ପଡୁଛି।ଗତ ମେ',ଜୁନ୍ ମାସରେ ହଳଦୀ ଚାଷ ପାଇଁ ତାଲିକା ପ୍ରସ୍ତୁତ କରାଯିବା ସହିତ ଚାଷୀମାନଙ୍କୁ ଚୟନ କରାଯାଇ ହଳଦୀ ବିହନ ଦିଆଯିବାର ପ୍ରକ୍ରିୟା ଆରମ୍ଭ ହେଇଥିଲା। କେଜି ପ୍ରତି ୧୯ ଟଙ୍କା ୫୦ ପଇସା ରହିଥିବା ବେଳେ ୧୬୦କେଜି ହଳଦୀ ବିହନ ସହିତ ଫାର୍ମର୍ ସେଆର୍ ୩୧୨୫ ଟଙ୍କା ରହିଛି ଏବଂ ଉକ୍ତ ଚାଷୀଙ୍କୁ ସବ୍‌ସିଡ ଆକାରରେ ୬୩୯୨ଟଙ୍କା ଜଣେ ଚାଷୀ ପିଛା ଓ ୨୮୦କେଜି ହଳଦୀ ଦେବା ସହିତ ଫାର୍ମର ସେଆର ୬୩୯୨ ରହିଥିବାବେଳେ ଚାଷୀଙ୍କୁ ୧୧୧୦୯ଟଙ୍କା ସବ୍‌ସିଡ ଦେବାର ନିୟମ ରହିଛି। ଚଳିତ ବର୍ଷ ମୋହନଗିରୀ, ମଦନପୁର, ଉର୍ଲାଦାନୀ, ମାଣିକେରା,ମ.ରାମପୁର ପଞ୍ଚାୟତ ଗୁଡିକରେ ଚାଷୀମାନଙ୍କୁ ହଳଦୀ ବିହନ ଯୋଗାଇ ଦିଆଯାଇଥିବାର କୁହାଯାଉଛି। ସେଥିମଧ୍ୟରୁ କେତେ ପ୍ରତିଶତ ଅସଲି ଚାଷୀ ଓ କେତେ ପ୍ରତିଶତ ସଂପୂର୍ଣ୍ଣ ନକଲି ଚାଷୀ ତାହା ସଂପୂର୍ଣ୍ଣ ଭାବରେ ତଦନ୍ତ ସାପେକ୍ଷ। ଉର୍ଲାଦାନୀ ପଞ୍ଚାୟତର ଜୁରାଖମନ ଗ୍ରାମର ଜଣେ ଚାଷୀ ଭିକାରୀ ମାଝୀଙ୍କ ପାଖକୁ ଯାଇ ତାଙ୍କରି ହଳଦୀ ଚାଷ ଦେଖି ଆସିଥିଲୁ,ସେ ଗତବର୍ଷ ଲଗାଇଥିବା ହଳଦୀ ଗଛ ପାଖରେ ଏଥର ହଳଦୀ ଚାଷ କରିଛନ୍ତି । ମାସେ ତଳେ ସମସ୍ତ କାଗଜପତ୍ର ସହିତ ଫଟୋ ଏବଂ ଚାଷୀ ଅଂଶଧନ ଦେଇ ସାରି,ସବସିଡ ଟଙ୍କାକୁ ଅପେକ୍ଷା କରିଛନ୍ତି।କାରଣ ବର୍ତ୍ତମାନ ସମୟରେ ଚାଷୀଟିଏ ନିଜର ସମସ୍ତ ଟଙ୍କା ନିଜ ଚାଷରେ ବିନିଯୋଗ କରୁଛି। ଏହି ସମୟରେ ସବସିଡ ମିଳିଲେ କିଛି କାମରେ ଆସି ପାରିବ ବୋଲି ସେ କହିଛନ୍ତି। ଓଭରସିଅରଙ୍କ କହିବା ମୁତାବକ ୧୦/୧୨ ବ୍ୟାଗର ହଳଦୀ ବଳକା ଥିଲା,ଯାହାକୁ ଫାର୍ମରେ ଚାଷ କରାଯାଇଛି, ସେହି ବିହନକୁ ନେଇ ଯୋଉ ଚାଷୀଙ୍କ ନାମରେ କାଗଜପତ୍ର ପ୍ରସ୍ତୁତ ହେଇଛି,ସେମାନେ କେତେ ଅସଲି ଚାଷୀ ତାହା ସହଜରେ ଅନୁମାନ କରାଯାଇପାରେ। ଚଳିତ ବର୍ଷ ୪୩ ଜଣ ହିତାଧିକାରୀଙ୍କଠାରୁ କାଗଜପତ୍ର ସହିତ ଚାଷୀ ଅଂଶଧନ ଆଦାୟ କରାଯାଇ ସାରିଛି,ଯାହାର ମୂଲ୍ୟ ପ୍ରାୟ ପାଞ୍ଚ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଉକ୍ତ ଟଙ୍କା ଚାଷୀଙ୍କ ପାଖରୁ ଆଣି ଜିଲ୍ଲା ଉଦ୍ୟାନ ବିଭାଗରେ ଜମା କରିବାର ନିୟମ ରହିଥିଲେ ହେଁ ବର୍ତ୍ତମାନ ଯାଏଁ ଟଙ୍କାଟିଏ ମଧ୍ୟ ଜମା ଦିଆ ନ ଯାଇ,କୃଷି ଓଭରସିଅର୍ କେମିତି ନିଜ ପାଖରେ ରଖିଛନ୍ତି ତଦନ୍ତ ସାପେକ୍ଷ। କେବଳ ଏତିକି ନୁହେଁ , ଗତ ଏକ ମାସ ତଳେ ସମସ୍ତ ଚାଷୀଙ୍କ ପାଖରୁ ହଳଦୀ ଚାଷର ସଫଳ ରୂପାୟନ ପାଇଁ ଆବଶ୍ୟକ ଫଟୋ,କାଗଜପତ୍ର(ଆଧାରକାର୍ଡ, ବ୍ୟାଙ୍କ ପାଶ୍ ବହି) ଆଦି ଅଣାଯାଇ ସାରିଛି ଏହାର ତୁରନ୍ତ ଜିଲ୍ଲା କାର୍ଯ୍ୟାଳୟରେ ଜମା ଦେଲେ ଚାଷୀମାନେ ସବ୍‌ସିଡ ଟଙ୍କା ପାଇବାରେ ସହାୟକ ହେବ,କିନ୍ତୁ ଉକ୍ତ ରିପୋର୍ଟ କାଗଜକଲମରେ ପ୍ରସ୍ତୁତ ହେଇ ସାରିଥିଲେ ମଧ୍ୟ ଏଯାବତ୍ ତାହା ଜିଲ୍ଲାକୁ ପଠାଯାଇ ନାହିଁ। ହୁଏତ ଏହି ଖବର ପ୍ରକାଶ ପାଇବା ପରେ ଚାଷୀ ତାଲିକାରେ ପରିବର୍ତ୍ତନ ହେଇପାରେ,କିନ୍ତୁ ପରେ ମଧ୍ୟ ଚାଷୀ ତାଲିକା ସୂଚନା ଅଧିକାର ଆଇନ୍ ବଳରେ ଅଣାଯାଇ,ତାହାର ସତ୍ୟତାକୁ ଯାଞ୍ଚ କରାଯାଇପାରିବ ବୋଲି ଚାଷୀମାନେ କହିଛନ୍ତି। ଏନେଇ କୃଷି ଓଭର ସିଅର୍ ନରେଶ ତାଣ୍ଡି ଆମେ ଉପଯୁକ୍ତ ଚାଷୀଙ୍କୁ ହଳଦୀ ଦେଇଛୁ,ହଳଦୀ କୋଉଠି ନଷ୍ଟ କରି ନାହୁଁ,ପ୍ରାୟ ୧୦/୧୨ବ୍ୟାଗ୍ ହଳଦୀ ରହି ଯାଇଥିଲା,ତାହାକୁ ଆମ ଫାର୍ମରେ ଲଗେଇଛୁ ଏବଂ ଫାର୍ମର ସେଆର ମୋ ପାଖରେ ଅଛି। କଳାହାଣ୍ଡି ଜିଲ୍ଲା ଅନ୍ୟ କୋଉ ବ୍ଲକ୍ ମଧ୍ୟ ଏହି ଟଙ୍କା ଜମା ଦେଇ ନାହାନ୍ତି,ଆମେ ଏହି ଚାଷ ଅମଳ ପୂର୍ବରୁ ଚାଷୀଙ୍କୁ ସବସିଡ୍ ପ୍ରଦାନ କରିବୁ ବୋଲି କହିଛନ୍ତି।

● ୭ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ

## ବ୍ଲକ୍ ପ୍ରଶାସନର ଦୟାକୁ ଅନେଇ ବସିଛନ୍ତି ଦୟା



ବୌଦ୍ଧ,୧୨।୯ (ସମିସ): ଗରିବ, ଅସହାୟ, ବିଧବା, ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ପ୍ରତି ମାସର ୧୫ ତାରିଖରେ ରାଜ୍ୟ ଓ କେନ୍ଦ୍ର ସରକାର ଭତ୍ତା ପ୍ରଦାନ କରୁଛନ୍ତି। ଏହା ଦ୍ୱାରା ସେମାନେ ନିଜର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସହ ପରିବାରର ଅଭାବକୁ କିଛି ମାତ୍ରାରେ ପୂରଣ କରି ପାରୁଛନ୍ତି; କିନ୍ତୁ ବ୍ଲକ୍ ପ୍ରଶାସନର ଭୁଲ୍ ପାଇଁ ଏମାନଙ୍କୁ ଦଣ୍ଡ ଭୋଗିବାକୁ ପଡୁଛି। ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଦୟା ପ୍ରଧାନ (୬୫) ନାମକ ଜଣେ ବ୍ୟକ୍ତି ଏଭଳି ଶିକିର ହୋଇଛନ୍ତି। ସେ ସ୍ତ୍ରୀଙ୍କ ସହ ରହୁଛନ୍ତି। ୨ ପୁଅ ବାହାରେ କାମ କରୁଛନ୍ତି। ତେବେ ଦୟା ୭ ମାସ ହେଲା ଭତ୍ତା ପାଇ ନାହାନ୍ତି। ଏଣୁ କଷ୍ଟରେ ଜୀବନ ଯାପନ କରୁଛନ୍ତି। ସେ ଜଣେ ଉଚ୍ଚ ରକ୍ତଚାପ ରୋଗୀ। ହାତରେ କିଛି ଟଙ୍କା ନ ଥିବାରୁ ନିୟମିତ ଔଷଧ କିଣି ଖାଇ ପାରୁନାହାନ୍ତି। ବୟସ ହେତୁ କୌଣସି କାମ କରିପାରୁନାହାନ୍ତି। ଜବ୍‌କାର୍ଡ ଥିଲେ ମଧ୍ୟ ତାଙ୍କ ସ୍ତ୍ରୀଙ୍କୁ ପଞ୍ଚାୟତରେ ମନରେଗା ଯୋଜନାରେ କାମ ମିଳୁନାହିଁ। ଏହାଫଳରେ ଚାଷ ବେଳେ ସେ ମୁଲ ଲାଗନ୍ତି। ବର୍ତ୍ତମାନ କୌଣସି କାମ ମିଳୁନାହିଁ। ପଞ୍ଚାୟତରୁ ମିଳୁଥିବା ୨୦ କେଜି ଚାଉଳ ଓ ମାସକୁ ପାଉଥିବା ଭତ୍ତା ହିଁ ଏମାନଙ୍କ ସାହା ଭରସା; କିନ୍ତୁ ୭ ମାସ ହେଲା ଭତ୍ତା ମିଳୁ ନ ଥିବାରୁ ଭାରି କଷ୍ଟରେ ଚଳୁଥିବା ଦୟା କହନ୍ତି। ତେବେ କାହିଁକି ଭତ୍ତା ବନ୍ଦ ହୋଇଛି ବୋଲି ଖବର ନେବାରୁ ଜାନୁଆରୀ ମାସରେ ମଞ୍ଜୁରୀ ନ ହୋଇ ୧୨ ଶହ ଟଙ୍କା ପାଇଥିବାରୁ ସେଥିପାଇଁ ଭତ୍ତା ହୋଲ୍ଡ କରାଯାଇଛି ବୋଲି ବ୍ଲକ୍ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଭୁଲ୍ କରିବ କିଏ ଆଉ ଦଣ୍ଡ ଭୋଗିବ କିଏ? ପଞ୍ଚାୟତରେ ଦୟାଙ୍କ ଭଳି ଅନେକ ବୃଦ୍ଧବୃଦ୍ଧା ଏହି ସମସ୍ୟାରେ ପଡ଼ିଛନ୍ତି; ହେଲେ ଏ ନେଇ ସେମାନେ କାହାକୁ ଗୁହାରି କରିବେ ଜାଣି ପାରୁନାହାନ୍ତି।

## ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ



କଣ୍ଟାବାଞ୍ଜି,୧୨।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ରାମନଗରପଡ଼ା ଯିବା ରାସ୍ତା ଉପରେ ଏକ ବିଦ୍ୟୁତ୍ ଖୁଣ୍ଟ ଦୀର୍ଘ ବର୍ଷ ଧରି ରାସ୍ତା ଉପରେ ରହିଛି। ଏଥିଯୋଗୁଁ ସେହି ରାସ୍ତା ଦେଇ ଯାତାୟତ କରିବା ସମୟରେ ପଡ଼ା ବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଲୋକ ବିଦ୍ୟୁତ୍ ଖୁଣ୍ଟ ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅନେକ ଥର ଲୋକେ କଣ୍ଟାବାଞ୍ଜି ବିଦ୍ୟୁତ୍ ବିଭାଗକୁ ଜଣାଇଲେ ମଧ୍ୟ ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ହଟା ଯାଉନି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଯଦି ଶୀଘ୍ର ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ହଟା ନ ଯାଏ ତେବେ ସେମାନେ କଣ୍ଟାବାଞ୍ଜି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

● ଚାଷୀଙ୍କୁ କନ୍ଦାଉଛି ୟୁରିଆ

## କଳାବଜାର କରି ବ୍ୟବସାୟୀ ମାଲାମାଲ

ଟିଟିଲାଗଡ଼,୧୨।୯ (ସମିସ): ଆଜ୍ଞା ୟୁରିଆ ବସ୍ତେ ହେଲେ କରିଦେଉନ। ଆଜ୍ଞା କେନେ ୟୁରିଆ ଅଛେ। ହଜାରେ ଟଙ୍କା ହେଲେ ବି ଦେମୁ। ବର୍ତ୍ତମାନ ଟିଟିଲାଗଡ଼ ଅଞ୍ଚଳର ଚାଷୀ ୟୁରିଆ ସାର ପାଇଁ ଏଭଳି କାକୁତି ମିନତୀ ହେଉଛନ୍ତି; ହେଲେ ଏନେଇ ଟିଟିଲାଗଡ଼ କୃଷି ଜିଲା ଅଧିକାରୀ ତଥା ବ୍ଲକ କୃଷି ଅଧିକାରୀ ସଭିଏଁ ନିରବ। ଚାଷୀଙ୍କ ପ୍ରଶ୍ନର କୌଣସି ଉତ୍ତର ନାହିଁ। ସରକାରୀ ଭାବେ ୨୬୫ ଟଙ୍କା ଦର ଧାର୍ଯ୍ୟ ଥିବା ୟୁରିଆ ସାର ବର୍ତ୍ତମାନ ୧୨୦୦ ଟଙ୍କା ପର୍ଯ୍ୟନ୍ତ କଳାବଜାରରେ ବେଧଡକ ବିକ୍ରି ଚାଲିଛି।

ଟିଟିଲାଗଡ଼ ସହରରେ ଥିବା ଦୁଇ ଖୁଚୁରା ବିକ୍ରେତା ସେମାନଙ୍କ ହୋଲସେଲରେ ବିକ୍ରି କରିବା ଲାଇସେନ୍ସ ମଧ୍ୟ ଥିବା ଦର୍ଶାଇ ଚାଷୀଙ୍କୁ ସିଧାସଳଖ ସାର ବିକ୍ରୟ କରୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ହୋଲସେଲର କେଉଁ ଡିଲରକୁ କେତେ ବସ୍ତା ୟୁରିଆ ସାର ଦେବେ ସେ ନେଇ ବୋଲଚାଲ, ନିଲାମୀ ଚାଲିଥିବା ମଧ୍ୟ ଆଲୋଚନା ହୋଇଛି। ଡିଲର ଗୁପ୍ତରେ ୟୁରିଆ ସାର ନେଇ ଚାଷୀଙ୍କଠାରୁ ଯାଇଚ୍ଛା ତାହା ଦର କଷି ଗୁପ୍ତରେ ବିକ୍ରି ଚାଲିଛି। ଦେଖ ବାବୁ ମୋର ଠାନେ ନେଇନ। ତୋର ଲାଗି ଆର ଗୁଟେ ଠାନୁ ଆନି ଦେମି। ବାକି ଏତକି ଟଙ୍କା ପଡ଼ବା। ମୁଇଁ ଆନି ଦେଲି ବୋଲି କାରନେ ଫୁଟବୁ ନେଇ। ଏମିତି ବୋଲଚାଲ ହୋଇ ୟୁରିଆ କଳାବଜାର ଚାଲିଛି; ହେଲେ ଏନେଇ ଉପଖଣ୍ଡ ପ୍ରଶାସନ ଚୁପ୍। ଚାଷୀ ଫୋନ୍ କଲେ କୃଷି ଅଧିକାରୀ ଫୋନ୍ ଉଠାଉନାହାନ୍ତି। ପ୍ରାରମ୍ଭରୁ ୟୁରିଆ ସାର ଅଭାବକୁ ନେଇ ଏଭଳି ଅବ୍ୟବସ୍ଥା ଲାଗି ରହିଛି। ଗତ ମାସ ୨୫ରେ ଟିଟିଲାଗଡ଼ ସହରର ହିନ୍ଦୁସ୍ତାନ ସିଡ୍ସ ସାର ଦୋକାନରେ ଭୋରରୁ ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଚାଷୀ ସମବେତ ହୋଇଥିଲେ। ଏନେଇ ଠେଲାପେଲାରେ ମହିଳା ଚାଷୀ ତଳେ ଗଡି ଚୁଡ଼ି ଭାଙ୍ଗିଲା। ଅନେକଙ୍କ ସାର୍ଟ ଚିରିଲା। ରାସ୍ତାରୋକ ପର୍ଯ୍ୟନ୍ତ କଥା ଗଲା; ହେଲେ ଏହାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ।

ତେବେ ଏ ନେଇ ଟିଟିଲାଗଡ଼ ବିଧାୟକ ନବୀନ ଜୈନ କହିଛନ୍ତି ଯେ, ସରକାର ସାର କଳାବଜାର ସମ୍ପୂର୍ଣ୍ଣ ଦମନ ପାଇଁ କେବଳ ସମବାୟ ସମିତି ଜରିଆରେ ହିଁ ବିକ୍ରି ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସମବାୟ ସମିତିକୁ ସାର ପହଞ୍ଚିନି। ଅନ୍ୟପକ୍ଷେ ସରକାରଙ୍କ ନୂତନ ନିର୍ଦ୍ଦେଶ ଅନୁଯାୟୀ ଖୁବ୍ ଶୀଘ୍ର ସମବାୟ ସମିତି ଜରିଆରେ ସାର ବିକ୍ରି ଆରମ୍ଭ ହେବ ବୋଲି ଟିଟିଲାଗଡ଼ ସହକାରୀ କୃଷି ଅଧିକାରୀ ରୀତିକ ରାୟ କହିଛନ୍ତି।

## ଆଧାର କାର୍ଡରେ ବୟସ ଭୁଲ୍; ମିଳୁନି ଶ୍ରମିକ କାର୍ଡ



ଶଗଡା,୧୨।୯ (ସମିସ): କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରୀବେଙ୍ଗେସ ଗ୍ରାମର ଅନୁରୀ କର୍ମୀଙ୍କ ଆଧାର କାର୍ଡରେ ବୟସ ଭୁଲ୍ ଯୋଗୁଁ ସେ ଶ୍ରମିକ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନୁରୀଙ୍କ ସ୍ୱାମୀ ଜଣେ ଗରିବ ଦିନ ମଜୁରିଆ। ତାଙ୍କର କୌଣସି ଜମି ବାଡ଼ି ନାହିଁ। ଶ୍ରମିକ ଭାବେ କାମ କରି ପରିବାର ପୋଷୁଛନ୍ତି। ଅନୁରୀଙ୍କ ଆଧାର କାର୍ଡରେ ୬୦ ବର୍ଷ ହୋଇଥିବାରୁ ସେ ଶ୍ରମିକ କାର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ତାଙ୍କର ପ୍ରକୃତ ବୟସ ୪୩ବର୍ଷ; ଯାହାକି ତାଙ୍କ ଭୋଟ ପରିଚୟ ପତ୍ରରେ ଉଲ୍ଲେଖ ରହିଛି। ଆଧାର କାର୍ଡରେ ବୟସ ସଂଶୋଧନ ପାଇଁ ସେ ଆଧାର କେନ୍ଦ୍ରକୁ ଯାଇଥିଲେ; ହେଲେ ସେଠାରେ ତାଙ୍କର ଜନ୍ମ ପ୍ରମାଣ ପତ୍ର କିମ୍ବା ଦଶମ ପାସ୍ ସାର୍ଟିଫିକେଟ ଆଣିବାକୁ କହୁଛନ୍ତି। ତେବେ ସେହି ସମୟରେ ଅଙ୍ଗନବାଡ଼ି କେନ୍ଦ୍ର ନ ଥିଲା କି ଅନୁରୀ ପାଠ ପଢି ନ ଥିବାରୁ ସେ ଜନ୍ମ ପ୍ରମାଣ ପତ୍ର ଦେଇ ପାରୁ ନାହାଁନ୍ତି। ତେଣୁ ତାଙ୍କ ଆଧାରକାର୍ଡରେ ବୟସ ସଂଶୋଧନ ହୋଇପାରୁ ନାହିଁ।

## ସନରାଇଜ କ୍ଲବ୍ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



ଭବାନୀପାଟଣା,୧୨।୯ (ସମିସ): ଭବାନୀପାଟଣା ସହରର ପୁରାତନ ସାମାଜିକ କ୍ଲବ୍ ସନରାଇଜ ବିଗତ ନବେ ଦଶକରେ ଅନେକ ସାମାଜିକ,ସାଂସ୍କୃତିକ ଓ ସଂଗଠନ ମୂଳକ କାର୍ଯ୍ୟକ୍ରମ ଗଣେଶ ପୂଜା, ସରସ୍ୱତୀ ପୂଜା, କାର୍ତ୍ତିକ ପୂର୍ଣ୍ଣିମା ଡ଼ଙ୍ଗା ଭସାଣି, ସ୍ୱେଚ୍ଛାକୃତ ରକ୍ତଦାନ, ବୃକ୍ଷ ରୋପଣ, ହସ୍ପିଟାଲ ସଫେଇ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରି ସରକାରୀ ତଥା ବେସରକାରୀସ୍ତରରେ ପ୍ରଶଂସା ପାଉଥିଲେ। କିନ୍ତୁ ଗତ କିଛି ବର୍ଷ ହେବ କ୍ଲବ୍ ସୁପ୍ତ ହୋଇ ପଡ଼ିରହିଥିବାରୁ କ୍ଲବ୍‌ର ପୂର୍ବତନ ସଭାପତି ଓ ବରିଷ୍ଠ ସଦସ୍ୟ ନୂଆଖାଇ ପରେ ଭେଟ୍‌ଘାଟ କାର୍ଯ୍ୟକ୍ରମ କରି ପୁଣି ଥରେ କ୍ଲବ୍‌ର ସମସ୍ତ ସଦସ୍ୟଙ୍କୁ ଏକତ୍ରିତ କରି ଆଉଥରେ ବିଭିନ୍ନ ସେବାମୂଳକ ସାମାଜିକ,ସାଂସ୍କୃତିକ ତଥା ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ମତ ରଖିଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍‌ର ସଭାପତି ମଧୁସୁଦନ ଶର୍ମା ସଭାପତିତ୍ୱ କରିଥିବା ବେଳେ କ୍ଲବ୍‌ର ସଦସ୍ୟମାନେ ନିଜ ନିଜ ରଖି ଆଗାମୀଦିନରେ ସମସ୍ତେ ଏକତ୍ରିତ ସମାଜ ପାଇଁ କାମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିରେ ବରିଷ୍ଠ ସଦସ୍ୟ ନିମାଞ୍ଚଳ ନାଏକ, ରାଜୀବ ଶତପଥୀ, ଗଣପତି ନାଏକ, ଟୁଟୁ ପଟ୍ଟନାୟକ,ବାବୁଲି ମଲ୍ଲିକ, ଦୀପକ ମହାଖୁଡ଼, କାଉନସିଲର ମହେନ୍ଦ୍ର ରାଉତ, ମନୋଜ କୁମାର ନାଏକ ପ୍ରମୁଖ ମତ ରଖିଥିଲେ। ଶେଷରେ ମନୋଜ କୁମାର ପଣ୍ଡା କ୍ଲବ୍‌ର ପୂର୍ବତନ ସଭାପତିଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କ ହାତରେ ବାଇକ୍, କାର

# ଦୁର୍ଘଟଣା ଆଶଙ୍କାରେ ଲୋକେ ଭୟଭୀତ

ବୌଦ୍ଧ,୧୨।୯ ।(ସମିସ)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ଅଞ୍ଚଳରେ ନାବାଳକ ତଥା ସ୍କୁଲ ଝିଅପୁଅଙ୍କ ମଧ୍ୟରେ ବାଇକ୍ ଓ କାର ଚଳାଇବା ନିଶା ବେଶ୍ ଘାରିଛି। ଏହାଦ୍ୱାର ଦୁର୍ଘଟଣା ଆଶଙ୍କାରେ ଲୋକେ ଭୟଭୀତ ହେବାରେ ଲାଗିଛନ୍ତି। ୧୪ ବର୍ଷରୁ କମ୍ ପିଲାଙ୍କୁ ସେମାନଙ୍କ ଅଭିଭାବକମାନେ ଖୋଲାଖୋଲି ବାଇକ୍ ଓ କାର ଚାବି ଦେବା ଫଳରେ ପିଲାମାନେ ଆଉ କାହାକୁ ମାନୁନାହାନ୍ତି। ଭିଡ ରାସ୍ତାରେ ମଧ୍ୟ ଦ୍ରୁତଗତିରେ ଗାଡି ଚଳାଇ ଏପରି ଯାଉଛନ୍ତି ଯେ, ଟିକିଏ ଅସାବଧାନ ହେଲେ ଭୟଙ୍କର ଦୁର୍ଘଟଣାର ରୂପ ନେବ। ସଡକ ନିରାପତ୍ତା ଆଇନ ଅନୁଯାୟୀ ନାବାଳକମାନଙ୍କ ପାଇଁ ବାଇକ୍ ଓ କାର ଚଳାଇବା ମନା ଥିବାବେଳେ ଏହି କଟକଣାକୁ କିନ୍ତୁ କେହି ମାନିବାକୁ ରାଜିନାହାନ୍ତି। ଏପରିକି ଅଭିଭାବକମାନେ ସେମାନଙ୍କ ନାବାଳକ ପିଲାଙ୍କ ପାଇଁ ବାଇକ୍, ସ୍କୁଟିର ଚାବି ଦେଇ ଭିଡ ରାସ୍ତାରେ ଚଳାଇବାକୁ ପ୍ରୋସାହିତ କରୁଥିବା ଦେଖାଯାଉଛି। ଏମିତିକି ସ୍କୁଲରୁ ଫେରିବା ପରେ ଝିଅପୁଅମାନେ ସ୍କୁଟି ଓ ବାଇକ୍ ଧରି ଭିଡ ରାସ୍ତାରେ ଏକ ପ୍ରକାର ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳୁଛି।

ଜହ୍ନାପଙ୍କ ବସ୍ତି ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥରେ ସାଧାରଣତଃ ଗାଡି ମୋଟର ଭିଡ଼ ଥିବା ସତ୍ତ୍ୱେ ଏହି ପିଲାମାନେ କିଛି ନ ମାନି ଯେପରି ଭାବରେ ବାଇକ୍ ଓ ସ୍କୁଟି ଚଳାଇଥାନ୍ତି ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ। ଏହି ଘଟଣା ନିକଟସ୍ଥ ବ୍ୟବସାୟିକ ବସ୍ତି ନାରାୟଣନଗରରେ ବେଶୀ ଦେଖିବାକୁ ମିଳୁଛି। ଧନୀ ବ୍ୟବସାୟୀମାନେ ସେମାନଙ୍କ ସ୍କୁଲ ଓ କଲେଜ ପଢୁଆ ପୁଅ ଝିଅଙ୍କ ପାଇଁ ବାଇକ ଓ ସ୍କୁଟି ଦେଇ ନିଜ ପାରିବା ପଣିଆ ଦେଖାଇ ହେଉଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ଏହି ନାବାଳକଙ୍କ ବିପଦ ପୂର୍ଣ୍ଣ ବାଇକ ଚାଳନା ଦେଖିଲେ ଯେକେହିବି ଭୟଭୀତ ହେବା ସ୍ୱାଭାବିକ। ନାବାଳକ ନାବାଳିକା ଗ୍ରାମାଞ୍ଚଳରୁ ବାହାରି ଜହ୍ନାପଙ୍କ ଦେଇ ସାଲୁଙ୍କି ନଦୀ ପର୍ଯ୍ୟନ୍ତ ଏବଂ ତଲିବନ୍ଧ ଦେଇ ସାହାଜପାଲ ପର୍ଯ୍ୟନ୍ତ ଦ୍ରୁତ ଗତିରେ ଯାଇ ମଜା କରୁଥିବା ଦୃଶ୍ୟ ପଥଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି। ସେହିପରି ନାବାଳକମାନେ ୬୦ରୁ ୮୦ ସ୍ପିଡ୍‌ରେ ବସ୍ତି ମଧ୍ୟରେ ବାଇକ୍ ଚଳାଇବା ଏକ ସାଧାରଣ ଘଟଣା ହେଲାଣି। ତେବେ କଥା କେବଳ ସେତିକିରେ ଅଟକି ନାହିଁ। ଧନୀ ବାପାଙ୍କ କିଛି ନାବାଳକ ଝିଅପୁଅ ସେମାନଙ୍କ ଘରେ ଥିବା ସୌଖୀନ କାର ମଧ୍ୟ ଚଳାଇବା ଆରମ୍ଭ କଲେଣି। ବାଇକ, ସ୍କୁଟି ଏବଂ କାର ଚଳାଇବାରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଏହି ନାବାଳକ ଗାଡିଚାଳନାର କୌଣସି ନିୟମକାନୁନ ଜାଣି ନ ଥିବା ବେଳେ ସେମାନଙ୍କ ଏହି ବେପାରୁଆ ଗାଡିଚାଳନା କେତେ ଭୟଙ୍କର ଦୁର୍ଘଟଣା ଘଟାଇପାରେ ତାହା ମଧ୍ୟ ସେମାନେ ଜାଣିନାହାନ୍ତି। ତେବେ ସବୁଠୁ ଦୁଃଖର କଥା ହେଲା ଏହି ପିଲାଙ୍କୁ ବାଇକ, କାର ଚଳାଇବାକୁ ସେମାନଙ୍କ ଅଭିଭାବକମାନେ ଆକଟ କରିବା ପରିବର୍ତ୍ତେ ବରଂ ଖୋଲାଖୋଲି ପ୍ରୋତ୍ସାହିତ କରୁଛନ୍ତି। ନାବାଳକଙ୍କ ଦ୍ୱାରା ଏହି ବେପରୁଆ ଗାଡିଚଳନା ଯୋଗୁ ଏହି ୨ ମାସ ମଧ୍ୟରେ ଅନେକ ଦୁର୍ଘଟଣା ହେବାର ସ୍ଥିତି ଉପୁଜି ସାରିଛି। ତେବେ ନାବାଳକଙ୍କ ଏହି ବେପରୁଆ ଗାଡି ଚାଳନାକୁ ରୋକିବା ଏବଂ ସେମାନଙ୍କ ଅଭିଭାବକଙ୍କୁ ସମ୍ପର୍କରେ ସଚେତନ କରି ବାକୁ ଜହ୍ନାପଙ୍କ ପୋଲିସ ପାଖରେ ଅଞ୍ଚଳର କେତେଜଣ ସଚେତନ ଯୁବକ ଏବଂ ଗଣମାଧ୍ୟମ ପ୍ରତିନିଧ ଅଭିଯୋଗ କରିଥିଲେ। ଅଭିଯୋଗ କରାଯିବା ପରେ ଜହ୍ନାପଙ୍କ ଫାଣ୍ଡିର ତତ୍କାଳୀନ ଅଧିକାରୀ ସୁବାସ ଚନ୍ଦ୍ର ମିଶ୍ର ଘଟଣାର ଗମ୍ଭୀରତା ବୁଝି ଏମିତି କୌଣସି ପିଲା ଗାଡି ଚଳାଉଥିବା ଦେଖିଲେ ତାଙ୍କୁ ସେଇଠି ଅଟକ ରଖି ପୋଲିସକୁ ଖବର ଦେବାକୁ କହିଥିଲେ। ପିଲାମାନଙ୍କୁ ଧରି ଆବଶ୍ୟକ ସ୍ଥଳେ ଗାଡିକୁ ଜବତ କରି ଜରିମାନା କାଟିବାକୁ ପୋଲିସ ପଦକ୍ଷେପ ନେବ ବୋଲି ସେ କହିଥିଲେ।

ପ୍ରକାଶ ଯେ ଦୁର୍ଘଟଣା ରୋକିବାକୁ ପୋଲିସ ପକ୍ଷରୁ ଜାନୁଆରୀ ପହିଲାରୁ ନୋ ହେଲମେଟ ନୋ ପେଟ୍ରୋଲ ନିୟମ କାର୍ଯ୍ୟକାରୀ କରାଯାଇଥିବାବେଳେ ଏହାକୁ ପେଟ୍ରୋଲ ମାଲିକ ମାନେ ମାନୁନାହାନ୍ତି। ନୂତନ ଭାବେ ଯୋଗ ଦେଇଥିବା ଫାଣ୍ଡି ଅଧିକାରୀ ନାବାଳିକା ନାବାଳକଙ୍କ ଗାଡ଼ି ଚାଳନାରେ ରୋକ ଲଗାଇବାକୁ ସଚେତନତା କରିବାର ଆବଶ୍ୟକତା ରହିଛି।

## ଫରେଷ୍ଟର ସେକ୍ସନ ଅଫିସରେ ତାଲା



ତୁଷୁରା,୧୨।୯ (ସମିସ): ବଲାଙ୍ଗିର ଜିଲ୍ଲା ଗୁଡଭେଲା ସ୍ଥିତ ଜଙ୍ଗଲ ବିଭାଗର ଫରେଷ୍ଟର ସେକ୍ସନ କାର୍ଯ୍ୟାଳୟରେ ପ୍ରାୟ ସମୟରେ ତାଲା ଝୁଲୁଛି। ଏପରିକି କାର୍ଯ୍ୟାଳୟର ସାଇନ ବୋର୍ଡ ମଧ୍ୟ ନ ଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟାଳୟର ଅଧିକାରୀ ଫରେଷ୍ଟର ଚନ୍ଦ୍ର ଶେଖର ଦାସ ମାସକୁ କୁଆଡେ ମାତ୍ର ୫/୬ ଦିନ ଅଫିସକୁ ଆସୁଥିବା ଅଭିଯୋଗ ହେଉଛି। ଏଥି ଯୋଗୁଁ ତଳସ୍ତର କର୍ମଚାରୀମାନେ ମଧ୍ୟ ଠିକ ଭାବେ କାର୍ଯ୍ୟ କରୁନାହାନ୍ତି। ଏହି ସେକ୍ସନରେ ହାତୀ ଓ ଭାଲୁ ଉପଦ୍ରବ ଲାଗି ରହିଥିବା ବେଳେ ଫରେଷ୍ଟରଙ୍କ ଦେଖା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଜଙ୍ଗଲ ମାଫିଆମାନେ ମନଇଚ୍ଛା ଜଙ୍ଗଲ ନଷ୍ଟ କରିବାରେ ଲାଗି ପଡିଛନ୍ତି। ଏ ନେଇ ଗୁଡଭେଲା ଫରେଷ୍ଟର ସେକସନ କାର୍ଯ୍ୟାଳୟର ଫରେଷ୍ଟରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ଯୋଗାଯୋଗ ସମ୍ଭବ ହୋଇ ପରିନାହିଁ। ଏନେଇ ଦେଓଗାଁ ରେଞ୍ଜର ଯୁଧିଷ୍ଠିର ଜାଲଙ୍କୁ ପଚାରିବାରୁ ଅଫିସ ଖୋଲା ଯିବା କଥା। ଫରେଷ୍ଟର ସବୁ ଦିନ ଆସିବା କଥା। ଯଦି ଏମିତି କିଛି ରହିଛି ତେବେ ଏହାର ତଦନ୍ତ କରାଯିବ ବୋଲି ଶ୍ରୀ ଜାଲ ପ୍ରତିକ୍ରିୟାରେ କହିଛନ୍ତି।

### ବୀରମହାରାଜପୁରରେ ବଢୁଛି ଅବାଧ ମଦ ବିକ୍ରି

## ଅବକାରୀ ବିଭାଗ ଓ ପୁଲିସ ନିରବଦ୍ରଷ୍ଟା

**ବୀରମହାରାଜପୁର, ୧୨।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ଅବାଧ ମଦ କାରବାର ଦିନକୁ ବଢ଼ିବାକୁ ଲାଗିଛି। ଗତ କିଛି ବର୍ଷ ହେବ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଏହି ମଦ କାରବାର ବଢ଼ି ଚାଲିଥିଲେ ମଧ୍ୟ ଏ ଦିଗରେ ଅବକାରୀ ଓ ପୁଲିସ ବିଭାଗ ନୀରବଦ୍ରଷ୍ଟା ପାଲଟିଥିବା ଅଭିଯୋଗ ହୋଇଛି। କେବଳ ବୀରମହାରାଜପୁର ଓ ସୁବଳୟା ( ଟିକ୍ରାପଡ଼ା) ରେ ଦୁଇଟି ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ସୀମିତ ସଂଖ୍ୟାରେ ଥିବା ବେଳେ ଗ୍ରାମାଞ୍ଚଳରେ ଯେକୌଣସି ସ୍ଥାନରେ କୁଚିଆ ବ୍ୟବସାୟୀମାନେ ପାନ ଦୋକାନ ଓ ଅନେକ କାଠଗୁଡ଼ାରେ ଅବାଧରେ ମଦ କାରବାର ଚଳାଉଥିବା ଦେଖିବାକୁ ମିଳିଛି। ବ୍ଲକର ସଦର ବୀରମହାରାଜପୁର ସମେତ ସୁବଳୟା, ପିତାମହୁଲ, କମିରା, ଖଣ୍ଡହତା, ମୁର୍ଷୁଣ୍ଡୀ, ଘିଚାପାଲି (ମେଟାକାନି ଛକ), ଗୌଡଗାଡ, ସାଗଯୋରୀ, ଦୁର୍ଜନତୈଲା, କୁଞ୍ଜାପାଲି, କର୍ଡାପାଲ, ଘଣ୍ଟପାଲି, କଦଳିପାଲି, ବଲିପାଲି, ଚଉକା, ଖଇରମାଲ, ଅମାତ ପାଲି, ବଡ଼ଖମାର, ତେନ୍ତୁଲିମହଦା, ପାଇଁପୁର ଆଦି ଅନେକ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ବହୁଳ ପରିମାଣରେ ମିଳୁଛି। ଖଣ୍ଡହତା ପଞ୍ଚାୟତର ଚୁବୁକା ଦାଦାର, ପୁଇପାନ, ପିତାମହୁଲ, ଡୁଲେଶ୍ୱର, ଖଇରମାଳ, ଗୌଡଗାଡ, ସାଗଯୋରୀ, ମସିଣାପାଲି, ସଂଗ୍ରାମପୁର ଆଦି ସ୍ଥାନରେ ପ୍ରତ୍ୟହ ମଦ ପ୍ରସ୍ତୁତି କରାଯାଇ ସେଠାରୁ ଜିଲ୍ଲା ଓ ଜିଲ୍ଲା ବାହାରକୁ ପଠାଯାଉଥିବା ସାଧାଣରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ଦେଶୀ ବିଦେଶୀ ମଦ କୁଚିଆ ବେପାରୀଙ୍କ ମାଧ୍ୟମରେ ପ୍ରାୟ ସବୁ ଗ୍ରାମରେ ମଦ ମିଳୁଥିବାରୁ ଗ୍ରାମର କମ୍ ବୟସର ପିଲାମାନେ ମଦ୍ୟପାନ କରି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏହାକୁ କେନ୍ଦ୍ର କରି ପରିବାରରେ ଅଶାନ୍ତି ଲାଗି ରହୁଥିବା ଦେଖିବାକୁ ମିଳିଛି। ଏଥିସହ ମଦ୍ୟପଙ୍କ ଯୋଗୁଁ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ମଦ କାରବାରକୁ ବନ୍ଦ କରିବାକୁ ଜନସାଧାରଣରେ ଦାବି ହୋଇଛି।

# ଅଜିତ ଖଣ୍ଡଗିରୀ ହତ୍ୟା ଘଟଣାରେ ୩ ଗିରଫ

### ଜେଜେବିରେ ନାବାଳକ ହାଜର

### ଦାମ୍ପତ୍ୟ ଗଣ୍ଡଗୋଳରେ ହସ୍ତକ୍ଷେପ କରିବାରୁ ହତ୍ୟା



**ବୀରମହାରାଜପୁର, ୧୨।୯ (ସମିସ)**

ନିଜ ବନ୍ଧୁଙ୍କ ଦାମ୍ପତ୍ୟ ଗଣ୍ଡଗୋଳରେ ହସ୍ତକ୍ଷେପ ଯୋଗୁଁ ବାଘମାରି ଗ୍ରାମର ଅଜିତ ଖଣ୍ଡଗିରୀଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ପାତ୍ରଙ୍କ ସହ ଅନ୍ୟ ୨ ଜଣଙ୍କୁ ବୀରମହାରାଜପୁର ପୁଲିସ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଥିବା ଜଣେ ନାବାଳକ ମଧ୍ୟ ଧରାପଡ଼ିଛନ୍ତି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯାଇଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ମୋବାଇଲ୍ ଓ ମୋଟସାଇକେଲକୁ ବୀରମହାରାଜପୁର ପୁଲିସ୍ ଜବତ କରିଛି। ଘଟଣାରେ ସଂଶ୍ଳିଷ୍ଟ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଜି ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ହେମନ୍ତ ରାଓ ଓ ତଦନ୍ତ ଅଧିକାରୀ ସାରଙ୍ଗଧର ପାଣିଗ୍ରାହିଙ୍କ ଉପସ୍ଥିତିରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ. ହରିପ୍ରସାଦ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପିଙ୍କ ସୂଚନା ଅନୁସାରେ, ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ପାତ୍ରଙ୍କ ଭଉଣୀଙ୍କୁ ଜଟେସିଂହା ଗ୍ରାମର ବଡ ଖମାର (ଛନ୍ଦ ସାହି) ର କିଶୋର ଓ ତାଙ୍କ ସ୍ତ୍ରୀ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଅଧିକାଂଶ ସମୟରେ ସେମାନଙ୍କ ମଧ୍ୟରେ ଘରୋଇ ହିଂସା ଦେଖାଯାଇଥିଲା। ଏହି କାରଣରୁ କିଶୋରଙ୍କ ସ୍ତ୍ରୀ ନିଜ ବାପ ଘର ମେଣ୍ଡାମାଲରେ ରହି ଆସୁଥିଲେ। ମୃତ ଅଜିତ୍ ଖଣ୍ଡଗିରୀ ଓ କିଶୋର ଦୁଇ ବନ୍ଧୁ ଥିବାରୁ ଅଜିତ୍ ସେମାନଙ୍କ ଗଣ୍ଡଗୋଳର ସମାଧାନ ପାଇଁ ହସ୍ତକ୍ଷେପ କରିଥିଲେ। ମାତ୍ର ଘଟଣା ଦିନ ଅର୍ଥାତ୍ ଗତ ଆଗଷ୍ଟ ମାସ ୨୯ ତାରିଖ ସନ୍ଧ୍ୟାରେ ଦେବେନ୍ଦ୍ର ଓ ଅଜିତ୍‌ଙ୍କ ମଧ୍ୟରେ ଫୋନ୍‌ରେ ଏହାକୁ ନେଇ ଯୁକ୍ତି ତର୍କ ହୋଇଥିଲା। ରାତ୍ରି ପ୍ରାୟ ୯ଟା ୩୦ମିନିଟ୍ ସମୟରେ ଅଜିତ୍ ଖଣ୍ଡଗିରି ଓ ତାଙ୍କ ସାଙ୍ଗ ଚମ୍ପାମଲ୍ ଗ୍ରାମର ସୂର୍ଯ୍ୟ ପଧାନ, କିଶୋର ଛନ୍ଦଙ୍କ ସହ ମେଣ୍ଡାମାଲ ଗ୍ରାମକୁ ଯାଇଥିଲେ। ଏହି ସମୟରେ ଗାଁ ମୁଣ୍ଡ ଶିବ ମନ୍ଦିର ଆଗରେ ମାରଣାସ୍ତ୍ର ଧରି ସଜାଗ ହୋଇ ରହିଥିବା ଦେବେନ୍ଦ୍ର ପାତ୍ର ଓ ତାଙ୍କ ସହଯୋଗୀମାନେ ଦଳବଦ୍ଧ ଭାବେ ଅଜିତ୍ ଓ ସୂର୍ଯ୍ୟଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଅଜିତ୍‌ଙ୍କ ମୃତ୍ୟୁ ଘଟିଥିବା ବେଳେ ସୂର୍ଯ୍ୟ ଗୁରୁତର ଆହତ ହୋଇଥିଲେ। ଖବରପାଇ ବୀରମହାରାଜପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜବତ କରିଥିଲା। ପୁଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ପାତ୍ର ପରେ କୋର୍ଟରେ ଆତ୍ମସମର୍ପଣ କରିଥିବା ବେଳେ ଲକ୍ଷ୍ମଣ ପାତ୍ର, ସୁରେଶ ମହାକୁରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂଚାଇଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରରେ ଆଣି ତଦନ୍ତ କରିବା ସମୟରେ ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ପାତ୍ର ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ସିନ ରିକ୍ରିଏସନ୍ ବେଳେ ହତ୍ୟାର ବ୍ୟବହୃତ ଟାଙ୍ଗିଆ ସମ୍ପର୍କରେ ଅଭିଯୁକ୍ତ କହିବା ପରେ ଏକ୍‌ଜୀକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାଁ ପୋଖରୀରୁ ଟାଙ୍ଗିଆକୁ ପୁଲିସ ଉଦ୍ଧାର କରିଥିଲା। ତେବେ ଏହି ଘଟଣାରେ ଅନ୍ୟଜଣେ ଫେରାର ଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପଞ୍ଚାୟତ ପରିଦର୍ଶନ




**ବୌଦ୍ଧ/ଶଗଡ଼ା, ୧୨।୯ (ସମିସ):** ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା ଶୁକ୍ରବାର ବୌଦ୍ଧ ଜିଲ୍ଲା ସଦର ବ୍ଲକ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ଗ୍ରାମ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ସେ ସେଠାରେ ଚାଲିଥିବା ଏକ ପେଡ ମା’ କେ ନାମ କାର୍ଯ୍ୟକ୍ରମ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ପ୍ରଥମେ ମନୁପାଲି, ଖଲିଆପାଲି, ରକ୍ସା ଓ କସୁରବନ୍ଧ ଗ୍ରାମ ପଞ୍ଚାୟତରେ ଏକ ପେଡ ମା’ କେ ନାମ୍ ଅଭିଯାନର ଚାରାରୋପଣ ପାଇଁ ଚାଲିଥିବା ଗାତ ଖୋଳା ଓ ଅନ୍ୟାନ୍ୟ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ସମୟରେ ଅନ୍ୟାନ୍ୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚମାନେ ଉପସ୍ଥିତ ଥିଲେ।

## ବୀରମହାରାଜପୁରରେ ସାର କଳାବଜାର ଅଭିଯୋଗ

**ବୀରମହାରାଜପୁର, ୧୨।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାପୁର ବ୍ଲକ ଅଞ୍ଚଳରେ ୟୁରିଆ ସାରର କଳାବାଜାର ହେଉଥିବା ଅଭିଯୋଗ ହୋଇଛି। ବ୍ଲକରେ ସାର ଅଭାବ ଦେଖାଦେଇଥିବା ବେଳେ ସାର ପାଇବା ପାଇଁ ଚାଷୀ ମାନେ ବାରଦୁଆର ସୁଣ୍ଡିପିଣ୍ଡା ହେଉଛନ୍ତି। ଏଭଳି ସ୍ଥିତିରେ ଚଢ଼ାଦରାରେ ବିକ୍ରି କରି ମଫିଆମାନେ ମାଲେମାଲ୍ ହେଉଥିବା ଅଭିଯୋଗ ହୋଇଛି। ବୀରମହାରାଜପୁର ବ୍ଲକରେ ଆରଏମସି କାର୍ଯ୍ୟାଳୟ ତରଫରୁ ଚାଷୀମାନଙ୍କୁ ସାର ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ମାତ୍ର ଚଳିତ ବର୍ଷ ଚାଷ ପ୍ରାୟ ଶେଷ ଅବସ୍ଥାରେ ପହଞ୍ଚି ଥିବାବେଳେ ସରକାରଙ୍କ ତରଫରୁ ଯୋଗାଇଦିଆଯାଇଥିବା ୟୁରିଆ ସାର ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ଫଳରେ ଠିକ୍ ସମୟରେ ୟୁରିଆ ସାର ନ ପାଇ ଚାଷୀମାନେ ହତାଶ ହୋଇଥିବା ନଜରକୁ ଆସୁଛି। ବର୍ତ୍ତମାନ ଧାନଚାଷ ପାଇଁ ୟୁରିଆ ସାରର ଆବଶ୍ୟକତା ଥିବାବେଳେ ଯଦି ଧାନ ବିଲରେ ୟୁରିଆ ସାର ପ୍ରୟୋଗ କରା ନ ଯାଏ ତାହେଲେ ଧାନ ଅମଳ କମି ଯିବାର ଆଶଙ୍କା ରହିଛି। କିଛିଦିନ ତଳେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଥିବାରୁ ଚାଷୀମାନେ ରାସ୍ତା ରୋକ୍ କରିଥିଲେ। ଫଳରେ ସଂଗେସଂଗେ ଚାଷୀମାନଙ୍କୁ ସାର ଯୋଗାଇ ଦିଆଯାଇଥିଲା। ମାତ୍ର କିଛି ଦିନ ପରେ ପୁଣି ସାରର ଘୋର ଅଭାବ ଦେଖାଦେଇଥିବାରୁ ଏହି ଘଟଣା ଚାଷୀମାନେ ହଜମ କରିପାରିନାହାନ୍ତି। ସମବାୟ ସମିତିରେ ସାର ପାଇଁ ଲମ୍ବା ଧାଡ଼ି ଲାଗୁଛି। ସରକାର ପର୍ଯ୍ୟାପ୍ତ ସାର ଥିବା କଥା କହୁଥିବା ବେଳେ ଚାଷୀ ପାଇଲା ବେଳକୁ ହଟହଟା ହେବାକୁ ପଡୁଛି। ଅନ୍ୟପଟେ ସାର କଳାବଜାର ହେଉଥିବା ମଧ୍ୟ ନଜରକୁ ଅସୁଛି। ଲ୍ୟାମ୍ପସରେ ସାର ୩ ଶହ ଟଙ୍କା ଥିବାବେଳେ ବଜାରରେ ୧ ହାଜର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଗରିବ ଚାଷୀମାନେ ୟୁରିଆ ସାର ଉଚ୍ଚ ଦରରେ ବିକ୍ରି ହେଉଥିବାରୁ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଏ ଦିଗରେ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ ଚାଷୀଙ୍କ ସାର ସମସ୍ୟା ଦୂର କରିବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

## ଜିଲ୍ଲାପାଳଙ୍କ ବିଭିନ୍ନ ପଞ୍ଚାୟତ ପରିଦର୍ଶନ



**ବୌଦ୍ଧ, ୧୨।୯ (ସମିସ):** ବୌଦ୍ଧ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ ଅଞ୍ଚଳ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ। ଶ୍ରୀ ନାୟକ ବୌଦ୍ଧ ବ୍ଲକର ଲକ୍ଷ୍ମୀ ପ୍ରସାଦ, ତେଲିବନ୍ଧ, ବହିରା, ଗୋଛାପଡ଼ା, ଗୁନ୍ଦୁଲିଆ, ଶଗଡ଼ା ଆଦି ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ଏକ ପେଡ ମା’ କେ ନାମ କାର୍ଯ୍ୟକ୍ରମ ପାଇଁ ଚାଲିଥିବା ବିଭିନ୍ନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

**ଡୁଙ୍ଗୁରିପାଲି, ୧୨।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ଅନ୍ତର୍ଗତ ମାୟାବରା ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ମୁକେଶ ଚିରଗୁଣ( ୨୭) ବୋଲି ସୂଚନା ମିଳିଛି। ଦୁର୍ଘଟଣା ପରେ ଅନ୍ୟ ଏକ ବାଇକ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଅଗ୍ନିଶମ ବାହନୀ ଘଟଣା ସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ରାମପୁର ପୁଲିସ ତଦନ୍ତ ଜାରି ରଖିଛି।

## ମହାଦେବପାଲି ଦୁର୍ଗା ପୂଜା ପାଇଁ କଳାକାର ବରଣ



**ବିନିକା, ୧୨।୯ (ସମିସ):** ବିନିକା ବ୍ଲକ ମହାଦେବପାଲି ରଘୁନାଥ ଯୁବକ ସଂଘ ଆନୁକୂଲ୍ୟରେ ପାଳିତ ହୋଇ ଆସୁଥିବା ଦୁର୍ଗାଙ୍କ ଶାରଦୀୟ ପୂଜା ମହୋତ୍ସବ ଚଳିତ ବର୍ଷ ୫୩ବର୍ଷରେ ପଦାର୍ପଣ କରିଛି। ପୂଜା ଉତ୍ସବକୁ ଆକର୍ଷଣୀୟ କରିବା ସାଙ୍ଗକୁ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦର୍ଶକଙ୍କ ମନୋରଞ୍ଜନ ସକାଶେ ରାବଣରାଜ ଚଳିତ ମାସ ୨୯ ରୁ ଚାରିଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ଆଜି ସଂଘ ପକ୍ଷରୁ କଳାକାର ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୁର୍ଗା ପୂଜା କୋର କମିଟି ସଭାପତି ସଂଗ୍ରାମ କେଶରୀ ନାୟକଙ୍କ ନେତୃତ୍ୱରେ ୭୦ ଜଣିଆ ପ୍ରତିନିଧି ଦଳ ମା’ ଦୁର୍ଗାଙ୍କ ପୀଠରେ ପୁଜାର୍ଚ୍ଚନା କରି ମଟରସାଇକଲ ଶୋଭାଯାତ୍ରାରେ ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସାରସମାଲ ଗ୍ରାମକୁ ଯାଇଥିଲେ। ସେଠାରେ ରାବଣ ଭୂମିକାରେ ଅଭିନୟ କରୁଥିବା ମନୋରଞ୍ଜନ ଚିରଗୁନଙ୍କୁ ବରଣ କରାଯାଇଥିଲା। ଯଥାବିଧି ପୁଜାର୍ଚ୍ଚନା କରାଯାଇ ମନୋରଞ୍ଜନଙ୍କୁ ରାବଣ ଚରିତ୍ରରେ ଅଭିନୟ ପାଇଁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ବରଣ କରାଯାଇଥିଲା। ଯୁବକ ସଂଘ ସଭାପତି ସଂଗ୍ରାମକେଶରୀ ନାୟକ, ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ନାୟକ, ଶ୍ରୀନିବାସ ପୂଜାହାରୀ, ପବିତ୍ର ମୋହନ ନାୟକ, ଆସାମ ରାଇଫଲର ଭାରତୀୟ ତଟବାହିନୀ ଯବାନ ସତ୍ୟନାରାୟଣ ଥାଟି, ବିନିକା ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ପଣ୍ଡା, ଭାଗିରଥି ବଗର୍ତ୍ତୀ, ଗୌରିଶଙ୍କର ନାଏକ ପ୍ରମୁଖଙ୍କ ସମେତ ଦୁର୍ଗା ପୂଜା କୋର କମିଟି ଏବଂ ଯୁବକ ସଂଘର ସମସ୍ତ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

## ନୂଆଁପାଲିରେ ୪୦୦ ଚାରାରୋପଣ

**ବୌଦ୍ଧ, ୧୨।୯ (ସମିସ):** ଏକ ପେଡ ମା’ କେ ନାମ ଅଭିଜାନ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ପରିଚାଳିତ ଗ୍ରୀନ ମେମୋରୀ କ୍ୟାମ୍ପେନ ମାଧ୍ୟମରେ ବୌଦ୍ଧ ଜିଲ୍ଲା ବଘିଆପଡ଼ା ଗ୍ରାମ ପଞ୍ଚାୟତର ନୂଆଁପାଲିଠାରେ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗ୍ରୀନ ମେମୋରୀ କ୍ୟାମ୍ପେନ ତରଫରୁ ଏକ ପେଡ ମା’କେ ନାମ ଅଭିଜାନ ପାଇଁ ୪୦୦ ଚାରାରୋପଣ କରାଯାଇଥିଲା। ବଘିଆପଡ଼ା ଗ୍ରାମ ପଞ୍ଚାୟତର ନୂଆଁପାଲି ଗ୍ରାମର ଏକ ସର୍ବସାଧାରଣ ଜମିରେ ଗ୍ରାମବାସୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ, ସେବକର କର୍ମକର୍ତ୍ତା, କୃଷକ ଉତ୍ପାଦକ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପାଲ, ସମାପିକା ଦଲେଇ, ନାବାର୍ଡ ଡିଡିଏମ୍ ସତ୍ୟ ସ୍ୱରୂପ ବିଦାନ୍ତ ଯୋଗଦେଇଥିଲେ। ଗନ୍ଧରାଡି କୃଷକ ଉତ୍ପାଦକ ସଂସ୍ଥାର ବିଶିକେଶନ ପ୍ରଧାନ, ସ୍ୱାଧୀନ ବାରିକ ଓ କର୍ମକର୍ତ୍ତା, ଗୌଡ ଦେଇ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୋପାଳ ଅମାତ, ସନସରା ଅମାତ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସେବକର ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର ରଞ୍ଜନ କୁମାର ଭୋକ୍ତା ପରିଚାଳନା କରିଥିଲେ। ଅଭିଯାନର ପ୍ରତିଷ୍ଠାତା ଦିଗାମ୍ବର ଉପାଧ୍ୟାୟ ଉପସ୍ଥିତ ରହି ଗଛ ଲଗାଇବା, ସ୍ମୃତି ଗଢ଼ିବା ସହିତ ପରିବେଶ ସୁରକ୍ଷା କରିବାକୁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ।

## ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ



**ଶଗଡ଼ା, ୧୨।୯ (ସମିସ):** ଗତ ଜୁଲାଇ ୭ତାରିଖରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା - କଣ୍ଟାମାଳ ରାଜ୍ୟ ରାଜପଥ ନଂ ୪୧ ର ସୁଲିଆ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବଡ଼କୁସଙ୍ଗ ଗ୍ରାମର ଦୟାନିଧି ରଣାଙ୍କ ମୃତ୍ୟୁ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଥିଲା। ଉକ୍ତ ସହାୟତା ରାଶି ଆଜି ପ୍ରଦାନ କରାଯାଇଛି। ଆଜି କଣ୍ଟାମାଳ ବିଧାୟକ କହ୍ନେଇଁ ଚରଣ ଡାଙ୍ଗ ଓ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ପୀଡିତ ପରିବାରକୁ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

## ଗଜଲକ୍ଷ୍ମୀ ପୂଜା ପାଇଁ ମୁରାସୁର ବରଣ



**ବୀରମହାରାଜପୁର, ୧୨।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ ୪୩ତମ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ମୁରାସୁର ଦରବାର ଅନୁଷ୍ଠିତ ହେବ। ଏହା ଆସନ୍ତା ଅକ୍ଟୋବର ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଉପଲକ୍ଷେ ମୁରାସୁର ଭୂମିକାରେ ଅଭିନୟ କରିବା ପାଇଁ ଯାତ୍ରା କମିଟିର ସଭାପତି ଲବକୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାକାର ଗୋପାଳ ପଣ୍ଡାଙ୍କୁ ଗୁଆ, ନଡ଼ିଆ ଓ ଉପଢ଼ୌକନ ସହ ବରଣ କରିଛନ୍ତି। ଏହି ପ୍ରତିନିଧି ଦଳରେ ସଭାପତି ଲବ କୁମାର ସାହୁ, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, କୋଷାଧ୍ୟକ୍ଷ ସତ୍ୟ ମୋହନ ବେଦପାଣି, ଉପସଭାପତି ଧନଞ୍ଜୟ ସାହୁ, ସଦସ୍ୟ ବଳରାମ ପ୍ରଧାନ, ସନତ ସିଂ, ଆଦିତ୍ୟ ସାହୁ, ପଦ୍ମନାଭ ପ୍ରଧାନ, ଉତ୍ତର ନାଏକ ପ୍ରମୁଖ ରହିଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଓ ଆଇସିଡିଏସ ବୈଠକ




**ବୌଦ୍ଧ, ୧୨।୯ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସ୍ୱାସ୍ଥ୍ୟ ଓ ଆଇସିଡିଏସ ସମ୍ପର୍କିତ ଜିଲ୍ଲାସ୍ତରୀୟ ଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଉକ୍ତ ବୈଠକରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଂଘମିତ୍ରା ପଣ୍ଡା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅମିତାଭ ଦାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଓ ଅନ୍ୟ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜରମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଉପଲବ୍ଧ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରସ୍ତରରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶିବିରମାନ ଆୟୋଜନ ପାଇଁ ଆଲୋଚନା କରାଯାଇଥିଲା।

### ଉପାନ୍ତରେ ବାଟବଣା ସ୍ୱାସ୍ଥ୍ୟ ସେବା

# ବର୍ଷେ ପରେ ବି କାର୍ଯ୍ୟକ୍ଷମ ହେଉନି ସ୍ୱାସ୍ଥ୍ୟ ଉପକେନ୍ଦ୍ର

**ଶଗଡ଼ା, ୧୨।୯ (ସମିସ)**



ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବାକୁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁଁ ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ବାଟବଣା ହୋଇଥିବା ଦେଖିବାକୁ ମିଳିଛି। ଏହାର ଏକ ଚିତ୍ର ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଉପାନ୍ତଅଞ୍ଚଳ ଉମା ପଞ୍ଚାୟତସଦର ଗ୍ରାମରେ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଉମା ପଞ୍ଚାୟତସଦର ଗ୍ରାମରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କରାଯାଇଥିଲା। ହେଲେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପାଖାପାଖି ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ବହୁ ଦୂରକୁ ଯିବାକୁ ପଡୁଛି। ଅନେକ କ୍ଷେତ୍ରରେ ଲୋକେ କ୍ୱାକ ମାଧ୍ୟମରେ ଚିକିତ୍ସିତ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟପଟରେ ନୂତନ ଭାବେ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର କୋଠା ବର୍ତ୍ତମାନ ଅସାମାଜିକ ଲୋକଙ୍କ ଆଡ୍ଡା ପାଲଟିବା ସହ ଭୁତକୋଠିରେ ପରିଣତ ହୋଇଛି। ଏହାକୁ କାର୍ଯ୍ୟକ୍ଷମ ନେଇ ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରସାଶନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଉପାନ୍ତ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରଶାସନ ଖୁବଶୀଘ୍ର ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଲିଜାରାଣୀ ମହାକୁଳଙ୍କୁ ପଚାରିବାରୁ ପାଣି ବ୍ୟବସ୍ଥା କରିବା ସହ ପୁନଃରଙ୍ଗ କାର୍ଯ୍ୟ ସରିବା ପରେ ଖୁବ୍‌ଶୀଘ୍ର ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

## ଲଟାବୁଦାରେ ବିଦ୍ୟୁତ ଟ୍ରାନ୍ସଫର୍ମର



**ଶଗଡ଼ା, ୧୨।୯ (ସମିସ):** ସରକାର ନିରବଚ୍ଛିନ୍ନ ଓ ବିପଦମୁକ୍ତ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱ ଦେବା ସହ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁଁ ଅନେକ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇ ପାରୁ ନ ଥିବା ଦେଖିବାକୁ ମିଳିଛି। ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏଭଳି ବିଭାଗର ଏକ ଅବହେଳାର ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଗରିଆପାଲି ଗ୍ରାମରେ। ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅନାବନା ଲତା ଓ ଗଛରେ ଛନ୍ଦି ହୋଇଯାଇଛି। ତାହା ଆଦୌ ବାହାରକୁ ଦେଖା ଯାଉନାହିଁ। ଅନ୍ୟପଟେ ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମର ଗାଁ ମୁଣ୍ଡରେ ଥିବା ବେଳେ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସାଧାରଣ ଲୋକଙ୍କ ସହ ଅନେକ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି। ଏହାର ସମାଧାନ ପାଇଁ ଅଞ୍ଚଳବାସୀ ବିଦ୍ୟୁତ୍ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛି ଅଘଟଣ ଘଟିବା ପୂର୍ବରୁ ଉକ୍ତ ବିଦ୍ୟୁତ ଟ୍ରାନ୍ସଫର୍ମରରୁ ଅନାବନା ଗଛ ଲତାକୁ ସଫା କରିବା ସହ ତାହାର ଚାରିପାଖରେ ପାଚେରି ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଉପଜିଲ୍ଲାପାଳଙ୍କ ଅଫିସ ଘେରିଲା ବିଜେଡି

# ସରକାର ବିରୋଧୀ ନାରାରେ କମ୍ପିଲା ପାଟଣାଗଡ଼

**ପାଟଣାଗଡ଼, ୧୨।୯ (ସମିସ)**

ପାଟଣାଗଡ଼ ଏନଏସିକୁ ମ୍ୟୁନିସିପାଲିଟି କରାଯାଉ। ଚାଷୀଙ୍କୁ ଯଥେଷ୍ଟ ପରିମାଣରେ ଓ ଉଚିତ ମୂଲ୍ୟରେ ୟୁରିଆ ସାର ବଣ୍ଟନ କରାଯାଉ। ଏଭଳି ଦାବି ନେଇ ଶୁକ୍ରବାର ପାଟଣାଗଡ଼ ବିଜେଡି ପକ୍ଷରୁ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଛି। ସ୍ଥାନୀୟ ବ୍ରହ୍ମପୁରାଠାରେ ଅଞ୍ଚଳର ବିଜେଡି କର୍ମୀ ଓ ଚାଷୀମାନେ ଏକତ୍ରିତ ହୋଇଥିଲେ। ସମସ୍ତେ ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସହର ପରିକ୍ରମା ସମୟରେ ସମସ୍ତେ ସରକାର ବିରୋଧୀ ବିଭିନ୍ନ ନାରା ନେଇଥିଲେ। ଡବଲ ଇଞ୍ଜିନ ସରକାର ହାଏ ହାଏ, କଳାବଜାର ବନ୍ଦ, ପିସି ନେବା ବନ୍ଦ ହେଉ ଆଦି ନାରା ଦେଇ ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ପାଟଣାଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ସରୋଜ ମେହେର ରାଜ୍ୟ ସରକାର ଓ କୃଷି ମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ ପାଟଣାଗଡ଼ ଏନଏସି ବହୁତ ପୁରାତନ ହୋଇଥିଲେ ମଧ୍ୟ ମ୍ୟୁନିସିପାଲଟି ଘୋଷଣା କରାଯାଇନାହିଁ। ପୂର୍ବରୁ ବିଜେଡି ସରକାର ସମୟରେ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ ବିଜେପି ସରକାର ଏନଏସି ଘୋଷଣା କରିନାହିଁ। ପାଟଣାଗଡ଼ ଉପଖଣ୍ଡର ବେଲପଡ଼ା ଓ ଲାଠୋରକୁ ଏନଏସି ପାଇଁ ବିଜେଡି ସରକାର ପ୍ରକ୍ରିୟା ଆରମ୍ଭ କରିଥିଲା; କିନ୍ତୁ ତାହା ଘୋଷଣା କରାଗଲା ନାହିଁ। ଦୁଃଖର କଥା ବିଜେଡି ସରକାର ସମୟରେ ଯାହା ଘୋଷଣା କରାଯାଇଥିଲା ତାହା ହୋଇପାରିଲାନାହିଁ। ଅନ୍ୟପଟେ ଚାଷୀ ୟୁରିଆ ସାର ପାଇଁ ଦହଗଞ୍ଜ ହେଉଛନ୍ତି। ୟୁରିଆ ସାରର ସରକାରୀ ମୂଲ୍ୟ ୨୬୬ ଟଙ୍କା ରହିଥିଲେ ହେଁ ୮ଶହରୁ ୧୨ଶହ ଟଙ୍କାରେ କଳାବଜାର ହେଉଛି। ବିଭିନ୍ନ ପେକ୍ସରେ ହଜାର ହଜାର ଚାଷୀ ୟୁରିଆ ସାର ପାଇଁ ଲମ୍ବା ଲାଇନ ଲଗାଉଛନ୍ତି। ତଥାପି ସାର ମିଳୁନାହିଁ। ବିଜେପି ସରକାର ବିଭିନ୍ନ ରାଇସ୍ ମିଲ୍, ଛତୁଆ, ପେଟ୍ରୋଲପମ୍ପ, ଠିକାମରୁ ପିସି ଯୋଗାଡ଼ରେ ବ୍ୟସ୍ତ; କିନ୍ତୁ ଚାଷୀଙ୍କୁ ଠିକ ସମୟରେ ଉପଯୁକ୍ତ ସାର ଯୋଗାଇ ପାରୁନାହାନ୍ତି। ସ୍ଥାନୀୟ ବିଧାୟକ କୃଷି ମନ୍ତ୍ରୀ ହୋଇଥିଲେ ସୁଦ୍ଧା ଅଞ୍ଚଳର ଚାଷୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେ କୃଷି ମନ୍ତ୍ରୀ ନୁହେଁ ପିସି ମନ୍ତ୍ରୀ ବୋଲି କଟାକ୍ଷ ମଧ୍ୟ କରିଥିଲେ। ଉପସ୍ଥିତ ବିଜେଡି କର୍ମୀମାନେ ନିଜ ନିଜ ଅଭିଭାଷଣ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମେନଫିଲ କେରକେଟାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଘେରଉରେ ଏନଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ପ୍ରଦୀପ ମେହେର, ସମିତି ସଭ୍ୟ ସଙ୍ଘ ସଭାପତି ଗୋବିନ୍ଦ ମେହେର, ହିମାଞ୍ଚଳ ପଧାନ, ସୁକୁମାର ବାରିକ, ସୁଜିତ ମେହେର, ଜୟନ୍ତ କୁମ୍ଭାରଙ୍କ ସହ ୫ ଶହରୁ ଅଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।






**ପାଟଣାଗଡ଼ ଏନଏସିକୁ ମ୍ୟୁନିସିପାଲିଟି ଓ ଉଚିତ ମୂଲ୍ୟରେ ସାର ପାଇଁ ଦାବି**

**ରାଜ୍ୟ ସରକାର ଓ କୃଷିମନ୍ତ୍ରୀଙ୍କ ଉପରେ ବର୍ଷିଲେ ପୂର୍ବତନ ବିଧାୟକ**

**ସ୍ଥାନୀୟ ବିଧାୟକ କୃଷିମନ୍ତ୍ରୀ ହୋଇଥିଲେ ସୁଦ୍ଧା ଅଞ୍ଚଳର ଚାଷୀ ଅସୁବିଧାର ସମ୍ମୁଖୀନ**

## ଗାଁକୁ ନିଶାମୁକ୍ତ ପାଇଁ ପଣ କରିଛନ୍ତି ମହିଳା

**କୁତ୍ରା, ୧୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁରୁଙ୍ଗା ଗ୍ରାମକୁ ମଦମୁକ୍ତ କରିବା ପାଇଁ ଏସ୍‌ଏଚ୍‌ଜି ମା'ମାନେ ପଣ କରିଛନ୍ତି। ବର୍ତ୍ତମାନର ସମାଜରେ ଅଧିକାଂଶ ଯୁବକ ଯୁବତୀ ନିଶା ସେବନ କରି ବିପଥଗାମୀ ହୋଇଯାଉଥିବାବେଳେ ଏହାର ନିରାକରଣ ପାଇଁ ମହିଳାଙ୍କ ଏହି ଉଦ୍ୟମ ବେଶ୍ ପ୍ରଶଂସନୀୟ।

ଗାଁମାନଙ୍କରେ ହାଣ୍ଡିଆ ଓ ମହୁଲି ଭଳି ନିଶାଦ୍ରବ୍ୟ ଅତି କମ୍ ଦାମ୍‌ରେ ଓ ସହଜରେ ମିଳୁଥିବାରୁ ଅଧିକାଂଶ ଯୁବକ ଯୁବତୀ ଶିକାର ହେଉଛନ୍ତି। ଏହାଦ୍ୱାରା ସମାଜରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଘରେ ଘରେ କଳି ଝଗଡ଼ା ହେଉଛି। ପାରିବାରିକ ଜୀବନ ଦୁଃଖମୟ ହୋଇପଡୁଛି। କୁରୁଙ୍ଗା ଗାଁରେ ମଧ୍ୟ ଏହାର ପ୍ରଭାବ ପଡୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର କୁରୁଙ୍ଗା ଗ୍ରାମ କିଶାନ ବସ୍ତିରେ ଗାଁକୁ ମଦମୁକ୍ତ କରିବା ନେଇ ଏସ୍‌ଏଚ୍‌ଜି ମା'ମାନେ ଏକ ସଭାର ଆୟୋଜନ କରିଥିଲେ। ସଭାର ନିଷ୍ପତ୍ତି ଅନୁଯାୟୀ ଗ୍ରାମର ଯେଉଁ ଘରେ ମଦ ବିକ୍ରି କରାଯିବ ତା' ସେ ପରିବାର ଉପରେ ୫୦ହଜାର ଟଙ୍କାର ଜରିମାନା କରାଯିବ। ଯିଏ ଏ ବିଷୟରେ ଖବର ଦେବ ତାକୁ ୧୦ହଜାର ଟଙ୍କା ପୁରସ୍କାର ଦିଆଯିବ। ମହିଳାମାନଙ୍କ ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ଚୋରକୁ ଛେଚିଲେ ଲୋକେ

**ରାଉରକେଲା, ୧୨।୯ (ସମିସ):** ଦୋକାନରୁ ଟଙ୍କା ଚୋରି କରୁଥିବା ବେଳେ ଧରା ପଡ଼ି ମାଡ଼ ଖାଇଛି ଚୋର। ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଡିଏଭି ଅଟୋ ଷ୍ଟାଣ୍ଡ ଛକ ନିକଟରେ ଶୁକ୍ରବାର ଅପରାହ୍ନ ସମୟରେ ଏହି ଘଟଣା ଘଟିଥିଲା। ସୂଚନା ମୁତାବକ, ଉକ୍ତ ଛକ ଠାରେ ଏକ ଭେରାଇଟି ଦୋକାନ ରହିଛି। ଅପରାହ୍ନ ବେଳେ ହଠାତ୍ ବର୍ଷା ହୋଇଥିଲା। ଫଳରେ ପ୍ରାୟ ୩ ଜଣ ଯୁବକ ଉକ୍ତ ଦୋକାନ ଛାତ ତଳେ ଆଶ୍ରୟ ନେଇଥିଲେ। ଦୋକାନ ମାଲିକ ଅନ୍ୟ କାମରେ ବ୍ୟସ୍ତ ଥିବା ବେଳେ ଜଣେ ଦୁର୍ବୃତ୍ତ କ୍ୟାସ କାଉଣ୍ଟର ଖୋଲି ଟଙ୍କା ବାହାର କରିଥିଲା। ଶବ୍ଦ ଶୁଣି ମାଲିକ ଦେଖିବା ବେଳକୁ ଦୁର୍ବୃତ୍ତ ଜଣକ ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ସ୍ଥାନୀୟ ଲୋକେ ଓ ମାଲିକ ତାକୁ ମାଡ ମାରି ଛାଡ଼ି ଦେଇଥିବା ସୂଚନା ମିଳିଛି।

## ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱର ବିକାଶ କର୍ମଶାଳା ଉଦ୍‌ଘାଟିତ



**ନୂଆପଡ଼ା/ଖଡ଼ିଆଲ, ୧୨।୯ (ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡ଼ିଶା ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ୩ ଦିନ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶ ଜନିତ ପ୍ରମାଣପତ୍ର କର୍ମଶାଳା ଉଦ୍‌ଘାଟିତ ହୋଇଛି। ଆହ୍ଲାଦିନି ଶବର, ମନସ୍ୱିନୀ ଦାଶ, ବିଲାସିନୀ ଭୁଇଁଆ, ଅଶ୍ୱିନୀ ଦୀପ, ମନୀଷା ରାଣୀ ମେହେର ଏବଂ ସୁଜାତା ନାଏକ ଆବାହନି ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବାସ୍ଥଳେ ଜିଲ୍ଲା ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନର ସଭାପତି ନଟବର କ୍ଷତ୍ରି ଉଦ୍‌ଘାଟନୀ ମନ୍ତବ୍ୟ ପ୍ରଦାନ କରିଥିଲେ। ଡ଼. ଅଶୋକ କୁମାର ହୋତା ଆଧୁନିକ ଯୁଗରେ ବ୍ୟକ୍ତିତ୍ୱର ବିକାଶ, ମାନବ ଜୀବନରେ ୩ଏଚ୍‌ଏସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଭଞ୍ଜନଗରରୁ ଆସିଥିବା ଉକ୍ତ ଅନୁଷ୍ଠାନର ଗଞ୍ଜାମ ଜିଲ୍ଲା ଅଧିକାରୀ ପ୍ରତାପ ସ୍ୱାଇଁ ବ୍ୟକ୍ତିତ୍ୱର ପଞ୍ଚ ବିକାଶର ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ବିଜୟଲକ୍ଷ୍ମୀ ଶତପଥୀ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ସଭାପତି ସତ୍ୟ ସାଇଙ୍କ ଉପରେ ଆଧାରିତ ପୁସ୍ତକ ମହାବିଦ୍ୟାଳୟର ପାଠାଗାର ନିମନ୍ତେ ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିବାବେଳେ ବିଷୟ ସଂଯୋଜକ ଡ. ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାୟ ୧୫୦ଜଣ ଛାତ୍ରଛାତ୍ରୀ ଯୋଗଦେଇଥିବାବେଳେ ଅଧ୍ୟାପକ ଡ.ତରୁଣ କୁମାର ପ୍ରଧାନ, ଅଧ୍ୟାପକ ସୁନିଲ କୁମାର ପାଢ଼ୀ, ଅଧ୍ୟାପିକା ରୀତା ଦାଶ, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା ସଂନ୍ତୋଷୀ ଶର୍ମା, ଅଧ୍ୟାପିକା କାଜଲ ମେହେର, ଅଧ୍ୟାପିକା ରାଜେଶ୍ୱରୀ କରୁଁଆ, ଅଧ୍ୟାପିକା ତନୁଜା ସାହୁ, ଅଧ୍ୟାପିକା ପାୟଲ ପ୍ରଧାନ ମୁଖ୍ୟକିରାଣି ଅକ୍ଷୟ ଦାଶ, ଗିରିଧାରୀ ନାୟକ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ




**ଶଗଡ଼ା, ୧୨।୯ (ସମିସ):** କନ୍ଧମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ଶ୍ରୀନିବାସ ଭିବି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ଏମ୍‌ପି ନକୁଳ ନାୟକ, ଆକବର ଖାନ, ପ୍ରମୋଦ କୁମାର ଜେନା, ନବ କୁମାର ମିଶ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ପର୍ଯ୍ୟବେକ୍ଷକ ଶ୍ରୀ ଭିବି ତୃଣମୂଳ ସ୍ତରରୁ କିଭଳି ସଂଗଠନକୁ ସୁଦୃଢ଼ କରି ହେବ ସେନେଇ ଉପସ୍ଥିତ କର୍ମୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ, କନ୍ଧମାଳ ଓ ହରଭଙ୍ଗା ବ୍ଲକର ସମସ୍ତ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## କାଉନସିଲରଙ୍କ ସହ ଥାନା ଅଧିକାରୀଙ୍କ ଆଲୋଚନା



**ବୌଦ୍ଧ, ୧୨।୯ (ସମିସ):** ଆଜି ବୌଦ୍ଧ ଆଦର୍ଶ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ନଳିନୀ କାନ୍ତ ଦାସ ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲରମାନଙ୍କ ଆଲୋଚନା କରିଛନ୍ତି। ସେ ସହର ତଥା ବିଭିନ୍ନ ୱାର୍ଡରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ କାଉନସିଲରଙ୍କ ସହଯୋଗ କାମନା କରିଥିଲେ। ଏଥିସହ ସହରର ରାସ୍ତା କିମ୍ବା ପଡ଼ିଆରେ ବସି ମଦ ପିଇବା ସମ୍ପୂର୍ଣ୍ଣ ମନା ଏବଂ ଯାତ୍ରା ପର୍ବରେ ଡିଜେ ବଜାଇବା ମଧ୍ୟ ମନା କରିଥିବା ଜଣାପଡ଼ିଛି।

## ଗ୍ୟାରେଜରେ ପଶିଗଲା ମିନିଟ୍ରକ୍

**କଣ୍ଟାବାଞ୍ଜି, ୧୨।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲବାହାଲି ଧରୁଆ ଗ୍ୟାରେଜ ଭିତରକୁ ଭାରସାମ୍ୟ ହରାଇ ଏକ ମିନିଟ୍ରକ୍ ପଶି ଯାଇଛି। ଗାଡିଟି ତୁରେକେଲାରୁ କଣ୍ଟାବାଞ୍ଜି ଯାଉଥିଲା। ତେବେ ଏହାଦ୍ୱାରା ଅନେକ କ୍ଷୟକ୍ଷତି ହୋଇଛି। ତୁରେକେଲା ପୋଲିସ ପହଞ୍ଚି ଡ୍ରାଇଭରକୁ ଥାନାରେ ଅଟକ ରଖିଛି।

## ଟ୍ରାନ୍ସଫର୍ମରରେ ଲାଗିଲା ନିଆଁ

**ଗୋଲାମୁଣ୍ଡା, ୧୨।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମରରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଥିଲେ। ଶୁକ୍ରବାର ଅପରାହ୍ନରେ ଏହି ଘଟଣା ଘଟିଥିଲା। ଏନେଇ ସମାଜସେବୀ ଆଲୋକ ଅଗ୍ରୱାଲ ବିଦ୍ୟୁତ ବିଭାଗକୁ ଯୋଗାଯୋଗ କରିଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମରାମତି କରିଥିଲେ।

## 'ଆଦି କର୍ମଯୋଗୀ' ଅଭିଯାନର ପ୍ରୟୋଗଶାଳା ଉଦ୍‌ଯାପିତ



**ଥୁଆମୂଳ ରାମପୁର, ୧୨।୯ (ସମିସ):** ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର ଦ୍ୱାରା ଆୟୋଜିତ 'ଆଦି କର୍ମ ଯୋଗୀ' ଅଭିଯାନ ଆନୁକୂଲ୍ୟରେ ୩ ଦିନିଆ ପ୍ରୟୋଗଶାଳା ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉପସ୍ଥିତ ରହି ଆଗାମୀ ଦିନରେ କିଭଳି ଭାବେ ଆଦିବାସୀ ବହୁଳ ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ତଥା ପ୍ରତ୍ୟେକ ପରିବାରକୁ ବିଭିନ୍ନ ବିଭାଗରୁ ଆସୁଥିବା ସୁବିଧା ସୁଯୋଗ ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ସେନେଇ ଜିଲ୍ଲା ଏବଂ ବ୍ଲକସ୍ତରରୁ ଏହି ପ୍ରୟୋଗଶାଳାରେ ଯୋଗ ଦେଇଥିବା ଅଧିକାରୀ, କର୍ମଚାରୀଙ୍କୁ ବୁଝାଇଥିଲେ। ଏଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର ପ୍ରଶିକ୍ଷିତ ହେଇଥିବା ଅଧିକାରୀଙ୍କୁ କିଭଳି ତୃଣମୂଳସ୍ତରରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ମାନସିକସ୍ତରରେ ପ୍ରସ୍ତୁତ କରିବେ ସେନେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଥୁଆମଭଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ସାମର୍ଥ୍ୟ ଶିବିର ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ

**କଳମପୁର, ୧୨।୯ (ସମିସ)** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସମେତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କଳମପୁର ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବ୍ଲକ ସହକାରୀ ଯନ୍ତ୍ରୀ କିରଣ କୁମାର ଷଣ୍ଢ, ଗୋଷ୍ଠୀ ଅର୍ଥ ପରାମର୍ଶଦାତା ନିଖିଳେସ ପାତ୍ର, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ବିଧାୟକ ପ୍ରତିନିଧି ସୁଶାନ୍ତ ରାଉତ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଘନଶ୍ୟାମ ନାଏକ, ବିଜମରା ପଞ୍ଚାୟତ ସରପଞ୍ଚ ବାଳକୃଷ୍ଣ ଧଙ୍ଗଡ଼ାମାଝୀ, ବନ୍ଧକନା ପଞ୍ଚାୟତ ସରପଞ୍ଚ ହିମାଦ୍ରି ବାଗ, ସମିତିସଭ୍ୟ ରିନା ମାଝୀ, କୋଟାଗାଁ ସରପଞ୍ଚ ଚନ୍ଦନ ପଣ୍ଡା, ମଣ୍ଡଳ ସରପଞ୍ଚ ତ୍ରୟମ୍ବକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ଲକର ୧୧ଟି ପଞ୍ଚାୟତରୁ ଆସିଥିବା ୩୮୮ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୨୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଅସ୍ଥିଶଲ୍ୟ ବିଭାଗ ପଞ୍ଜିକରଣ ୧୦୫, ମାନସିକ ବିଭାଗ ୩୧, କର୍ଣ୍ଣ ଓ ଗଳା ବିଭାଗ ୯୫, ଚକ୍ଷୁ ବିଭାଗ ୫୯ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ୯୮ ଜଣ ପଞ୍ଜିକରଣ କରିଥିବାବେଳେ ୩୦ ଜଣଙ୍କୁ ବସ୍ ପାସ, ୨୭ ଜଣଙ୍କୁ ଟ୍ରେନ୍ ପାସ ଏବଂ ଟ୍ରାଇ ସାଇକେଲ ପାଇଁ ୫ଜଣ ଆବେଦନ କରିଥିଲେ। ଏଥିସହିତ ଡିଆରଆଇ ଲୋନ୍ ପାଇଁ ୩ ଜଣ, ଚଷମା ପାଇଁ ୭ଜଣ, ଘର ପାଇବା ପାଇଁ ୫ଜଣ ଆବେଦନ କରିଥିଲେ। ମଧୁବାବୁ ଭତ୍ତା ୫୦ ଜଣଙ୍କୁ ଏବଂ ଇନ୍ଦିରାଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ୫୧ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ମିଶନ ଶକ୍ତି ବିଭାଗରୁ ୧୫ଟି ସ୍ୱୟଂସହାୟକ ଗୋଷ୍ଠୀକୁ ଆବର୍ତ୍ତନ ପାଣ୍ଠି ଦିଆଯାଇ ଥିଲା, କଳମପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧୦ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପ୍ରମୋତେସ କଶ୍ୟପ ପଣ୍ଡା, ଚକ୍ଷୁ ବିଭାଗର ନିବେଦିତା ମହାରଣା, ମାନସିକ ବିଭାଗ ଅନନ୍ତଚରଣ ମେହେର, କର୍ଣ୍ଣ ଓ ଗଳା ବିଭାଗ ଶ୍ରିଧାର୍ଥ ଜେନା, ମାନସିକ କର୍ମୀ ଅନାୟତ ମହମ୍ମଦ, ଶ୍ରବଣ ବିଦ୍ ଆରାଧନା ବେହେରୁକ, ଟେଲି ମେଡିସିନ ନିବେଦିତା ସାହୁ, ଏମଆଇ ନିବାସ ଚନ୍ଦ୍ର ସାହୁ, ଭୌତିକ ଚିକିତ୍ସକ ସମ୍ବିତ ସ୍ୱରୂପ ପଣ୍ଡା, ପିଏଣ୍ଡଓ ମନୋଜ କୁମାର ସେଠୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଲକ୍ଷପତି ପୁଝାରୀ, କନିଷ୍ଠ ସହାୟକ ରବୀନ୍ଦ୍ର ବେହେରା, ଡାଟାଏଣ୍ଟ୍ରି ଅପ୍ରେଟର ଆଶୁତୋଷ ପ୍ରଧାନ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଜିତେନ୍ଦ୍ର କୁମାର ମଞ୍ଚ ପରିଚାଳନା କରିଥିଲେ।



## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ରାଉରକେଲା, ୧୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ପୁରୁଣାପାଣି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତକାଲି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମନି ଟୁଡୁ ଯୋଗ ଦେଇ ବ୍ଲକସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ବ୍ଲକର ଗୌରବ ଆଣିବେ ବୋଲି କହିଥିଲେ। ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲରୁ ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରୁଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନାରାଣୀ ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟୋପ୍ନୋ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ, ଗୋଲାପ ଚନ୍ଦ୍ର ପଟେଲ, ସୁଫଳ ସୁରିନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଆଜି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଯୋଗ ଦେଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମନି ଟୁଡୁ, ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନାରାଣୀ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଓଡ଼ିଆରେ ନାମ ଫଳକ ଲେଖିବା ନେଇ ସଚେତନତା ପଦଯାତ୍ରା

**ରାଉରକେଲା, ୧୨।୯ (ସମିସ)**

ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ନାମ ଫଳକକୁ ଓଡ଼ିଆରେ ଲେଖିବା ନେଇ ରାଉରକେଲାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା।

ସୂଚନାଯୋଗ୍ୟ ଯେ ଓଡ଼ିଶା ସରକାରଙ୍କ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ-୧୯୫୬ ଧାରା ୩୮ ଏବଂ ସରକାରଙ୍କ ୧୯୫୬ ଆଇନର ସଂଶୋଧିତ ରାଜପତ୍ର ୨୦୧୮ ପରିଚ୍ଛେଦ ୩୫ରେ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ ଓଡ଼ିଶାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମ ଫଳକ ଏବଂ ନଥିପତ୍ରରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ ଅନୁଧ୍ୟାନ ଏବଂ ପାଳନ କରାଯାଉ ନଥିବା ବେଳେ ଏହି ସରକାରୀ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଙ୍ଘନ। ଏହି ନିୟମରେ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡିତ କରାଯିବାର ଆଇନରେ ବ୍ୟବସ୍ଥା କରାଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ସରକାରଙ୍କ ଶ୍ରମ ବିଭାଗ, ସଂସ୍କୃତି ବିଭାଗ, ନଗର ଉନ୍ନୟନ ବିଭାଗ ସର୍ବୋପରି ଉତ୍କଳ ସମ୍ମିଳନୀର ରାଉରକେଲା ଶାଖା ତରଫରୁ ବିଭିନ୍ନ ସମୟରେ ନିବେଦନ କରାଯାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ। ଏହା ମଧ୍ୟ ପ୍ରତୀତ ହେଉଛି ଯେ, କେତେକ ଦୋକାନ ଏବଂ ପ୍ରତିଷ୍ଠାନ ନାମ ଫଳକ ବଡ଼ ବଡ଼ ଅକ୍ଷରରେ ନିର୍ଭୁଲ ଭାବରେ ନଲେଖିବା ସରକାରଙ୍କ ନିର୍ଦ୍ଦେଶର ଅବମାନନା। ଆଜି ଉତ୍କଳ ସମ୍ମିଳନୀ, ରାଉରକେଲା ଶାଖା ପକ୍ଷରୁ ବିର୍ଶ୍ରା ଛକ ଠାରୁ ଏକ ବିଶାଳ ପଦଯାତ୍ରା ବାହାରିଥିଲା। ଏହି ଅବସରରେ ରାଉରକେଲାର ସମସ୍ତ ପ୍ରତିଷ୍ଠାନକୁ ଓଡ଼ିଆରେ ନାମ ଫଳକ ଲେଖିବାକୁ ଅନୁରୋଧ କରାଯାଇଥିଲା। ଏହି ନାମ ଫଳକ ଓଡିଆରେ ଲେଖିବାକୁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ଗୋଟିଏ ମାସ ସମୟ ଦିଆଯାଇଥିଲା। ଏଥିପାଇଁ ଏକ ସଚେତନତା ଶୋଭାଯାତ୍ରା ବିର୍ସା ଛକରୁ ଆରମ୍ଭ ହୋଇ ମୁଖ୍ୟ ରାସ୍ତାରେ ବିଭିନ୍ନ ସ୍ଲୋଗାନ ଦେଇ ଉଦିତନଗର ଆମ୍ବେଦକର ଛକରେ ପହଞ୍ଚିଥିଲା। ଏହି ସଚେତନତା ରାଲିରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ସମେତ ଉତ୍କଳ ସମ୍ମିଳନୀ ଧାମରା ସଂଘ, ସ୍ୱାଭିମାନୀ ଓଡ଼ିଆ ସଂଘ, ଜୟ ଜଗନ୍ନାଥ ରାଉରକେଲା ଶାଖା ସହିତ ବିଭିନ୍ନ ସଂଗଠନ ଏବଂ ବିଭିନ୍ନ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ଆମ୍ବେଦକର ଛକରେ ପହଞ୍ଚିବା ପରେ, ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ଲୋଗାନ ଦିଆଯାଇଥିଲା। ଉତ୍କଳ ସମ୍ମିଳନୀ ରାଉରକେଲା ଶାଖାର ସଭାପତି ସୁଦାମ ଦାସ, ସାଧାରଣ ସମ୍ପାଦକ ଅକ୍ଷୟ ଦାସ, କୋଷାଧ୍ୟକ୍ଷ ଭଗବାନ୍ ମହାପାତ୍ର, ଉପସଭାପତି ଚିତ୍ତରଞ୍ଜନ ଦାସ, ବ୍ରିଜମୋହନ ଅଗ୍ରୱାଲ, ନବଘନ ପାଣି, ଶୈଳେନ୍ଦ୍ର ମହାନ୍ତି, ଡାକ୍ତର କିଶୋରୀ ଦାସ, ଗଗନ ପଣ୍ଡା, ଆଶିଷ ମୋହିତୀ, ବିନୋଦ ସିଂହଙ୍କ ସମେତ ସ୍କୁଲ ଓ କଲେଜର ହଜାର ହଜାର ଛାତ୍ରଛାତ୍ରୀ ତଥା ସହରର ବିଶିଷ୍ଟ ବ୍ୟକ୍ତିମାନେ ଏହି ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନେବାକୁ ଭୁଲନ୍ତୁନି। ଦୀର୍ଘ ଦିନର ଆଶା ପୂରଣ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ।

**ବୃଷ:** ବ୍ୟବସାୟଜଡ଼ିତ କଥାକୁ ଗୋପନୀୟ ରଖନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ସାମାନ୍ୟ ବିତର୍କ ହୋଇପାରେ। ଦୂର ଯାତ୍ରା ଯୋଗ ଅଛି। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନୂତନ ପ୍ରୋଜେକ୍ଟରେ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ସ୍ୱପ୍ନ ସାକାର କରିବାକୁ କଠିନ ପରିଶ୍ରମ କରିବେ। ଅଚାନକ ଦୁଃଖଦ ଖବର ମିଳିପାରେ। ମନକୁ ସ୍ଥିର ରଖିବା ଭଲ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ଅଟକିଥିବା କାର୍ଯ୍ୟ ପୂରା ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଘରେ ସୁଖ ଶାନ୍ତି ମାହୋଲ ରହିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ବିଛା:** ବ୍ୟକ୍ତିଗତ ମାମଲାକୁ ନେଇ ଚିନ୍ତିତ ରହିପାରନ୍ତି। ବିବାଦୀୟ ମାମଲାରୁ ଦୂରେଇ ରହିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ।

**ଧନୁ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରିବା ଭଲ। ଲୋକ ସମ୍ପର୍କ ବଢ଼ିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଅତିଥି ସତ୍କାର କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**ମକର:** କଠିନ ପରିଶ୍ରମ କରିବାକୁ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଧୈର୍ଯ୍ୟ ଧରନ୍ତୁ। ଉଚ୍ଚଶିକ୍ଷାପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଘରେ ଶୁଖ ଶାନ୍ତି ବଜାୟ ରଖିବେ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ବୈବାହିକ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ।

**ମୀନ:** ମନ ଖୁସି ରହିବ। ପରିବାର ସହିତ ଅଧିକ ସମୟ ବିତାଇବେ। କୋର୍ଟ କଚେରୀ ମାମଲାର ସମାଧାନ ହେବ। ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେଇପାରେ।

## ଆଜି ଇତିହାସ

- ୧୯୪୦- ଇଟାଲୀ ମିଶର ଉପରେ ଆକ୍ରମଣ କଲା।
- ୧୯୪୫- ଭିଏତ୍‌ନାମରେ ଯୁଦ୍ଧ ଆରମ୍ଭ ହେଲା।
- ୧୯୭୧- ବିଶ୍ୱ ହକି ସଂଘର ଗଠନ କରାଗଲା।
- ୨୦୦୨- ଇସ୍ରାଏଲ୍ ଗାଜା ପଟ୍ଟି ଉପରେ ଆକ୍ରମଣ କଲା।
- ୨୦୦୮ - ଦିଲ୍ଲୀର ବିଭିନ୍ନ ସ୍ଥାନରେ ପାଞ୍ଚଥର ବିସ୍ଫୋରଣ ଯୋଗୁଁ ପାଖାପାଖି ୩୦ ଲୋକଙ୍କ ମୃତ୍ୟୁ, ଶହେରୁ ଅଧିକ ଆହତ।

# ଇମ୍ରାନ୍‌ଙ୍କ ନାୟିକା ହେବେ ଦିଶା



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଏବେ ତାଙ୍କ ଆଗାମୀ ଫିଲ୍ମ 'ଓଜି'ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। କିଛି ଦିନ ପୂର୍ବରୁ ଏହି ଫିଲ୍ମରେ ଇମ୍ରାନ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା, ଯାହାକୁ ଦେଖି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ଇମ୍ରାନ୍‌ଙ୍କ ଆଉ ଏକ ଫିଲ୍ମକୁ ନେଇ ଖବର ଆସିଛି। ଇମ୍ରାନ୍‌ଙ୍କ ଆଗାମୀ ଫିଲ୍ମ 'ଆୱାରାପନ୍ ୨'ର ନାୟିକା ଫାଇନାଲ ହୋଇ ଯାଇଛନ୍ତି। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ଦେଖାଯିବେ। ଇମ୍ରାନ୍‌ଙ୍କ ଜନ୍ମଦିନରେ 'ଆୱାରାପନ୍-୨' ବିଷୟରେ ଘୋଷଣା କରାଯାଇଥିଲା। ଏଥିରେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଗୀତ ରହିବ ବୋଲି ଇମ୍ରାନ୍ କହିଥିଲେ। ୨୦୦୭ରେ ମୋହିତ୍ ସୂରୀଙ୍କ ନିର୍ଦ୍ଦେଶିତ 'ଆୱାରାପନ୍' ଆସିଥିଲା। ଏଥିରେ ଇମ୍ରାନ୍ ହାସ୍‌ମୀ, ଶ୍ରିୟା ସରନ୍, ମୃଣାଳିନୀ ଶର୍ମା, ଆଶୁତୋଷ ରାଣା ନଜର ଆସିଥିଲେ। ତେବେ 'ଆୱାରାପନ୍ ୨' ମୂଳ ଫିଲ୍ମ 'ଆୱାରାପନ୍'ର ସିକ୍ୱେଲ। ଏହି ଫିଲ୍ମ ମାଧ୍ୟମରେ ଇମ୍ରାନ୍ ପୁଣି ଥରେ ଶିବମ୍ ପଣ୍ଡିତ ଭୂମିକାରେ ପରଦାକୁ ଫେରିବେ। ନିତିନ୍ କକ୍କଡ଼ ଏହାର ନିର୍ଦ୍ଦେଶନା ଦେବେ। ଏହାର ସୁଟିଂ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏପ୍ରିଲ୍ ୩, ୨୦୨୬ରେ ଏହା ରିଲିଜ୍ ହେବ। ତେବେ ପ୍ରଥମ ଥର ପାଇଁ ଇମ୍ରାନ୍ ଓ ଦିଶା ଏହି ଫିଲ୍ମ ମାଧ୍ୟମରେ ଏକାଠି ବଡ଼ ପରଦାରେ ନଜର ଆସିବେ।



# ମହାକାଶରେ ପୋଷାକ ସଫା କରିବ ୱାଶିଂ ମେସିନ୍

ୱାଶିଂମେସିନ୍ ମହିଳାମାନଙ୍କ ପୋଷାକ ଧୁଆ କାମକୁ ବେଶ୍ ସହଜ କରି ଦେଇଛି। ଏଥିରେ ବହୁତଗୁଡ଼ିଏ ପୋଷାକ ଖୁବ୍ କମ୍ ସମୟ ମଧ୍ୟରେ ସଫା ହୋଇଯାଏ। ୱାଶିଂ ମେସିନ୍‌ରେ ପୋଷାକ ସଫା କରିବା ସମୟରେ ଡିଟରଜେଣ୍ଟ ଆବଶ୍ୟକ ହୋଇଥାଏ। ହେଲେ ଏବେ ବିନା ଡିଷ୍ଟରଜେଣ୍ଟରେ ବି ୱାଶିଂମେସିନ୍‌ରେ ପୋଷାକ ସଫା ହୋଇପାରିବ। ତେବେ ଏହି ୱାଶିଂ ମେସିନ୍ ମହାକାଶଚାରୀଙ୍କ ଉଦ୍ଦେଶ୍ୟରେ ତିଆରି କରାଯାଇଛି। ଚୀନ୍‌ର 'ଆଷ୍ଟ୍ରୋନଟ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର' ଏମିତି ଏକ ନିଆରା ୱାଶିଂ ମେସିନ୍ ତିଆରି କରିଛି। ଏହା ମହାକାଶରେ ମହାକାଶଚାରୀଙ୍କ ପୋଷାକ ଧୋଇବା ପାଇଁ ବ୍ୟବହାର କରାଯିବ। ଏହି ୱାଶିଂ ମେସିନ୍ ସୁଟ୍‌କେସ୍ ଆକୃତିର ହୋଇଥିବାବେଳେ ଏହାର ଓଜନ ୧୨ କେଜି। ଏହା ଡିଟରଜେଣ୍ଟ ବଦଳରେ ଜଳୀୟ ବାଷ୍ପ ଓ ଓଜୋନ୍ ଗ୍ୟାସ୍‌ର ବ୍ୟବହାର କରିଥାଏ। ମହାକାଶରେ ପୋଷାକ ଧୋଇବାରେ ପାଣି କମ୍ ବ୍ୟବହାର କରିବା ଉଦ୍ଦେଶ୍ୟରେ ଏହାକୁ ଡିଜାଇନ୍ କରାଯାଇଛି। ଏହି ମେସିନ୍ ଥରକରେ ୮୦୦ ଗ୍ରାମ୍ ପୋଷାକ ଧୋଇପାରିବ। ଏଥିପାଇଁ ୪୦୦ ମିଲିଲିଟର(ଏକ ଛୋଟ ଗ୍ଲାସ୍‌ରୁ କମ୍) ପାଣିର ଆବଶ୍ୟକତା ରହିଛି। ଏଥିରେ ପ୍ରଥମେ ପୋଷାକରେ ପାଣିକୁ ବାଷ୍ପ ଭଳି ସ୍ପ୍ରେ କରାଯାଏ। ଏହାପରେ ଏହି ମେସିନ୍ ୟୁଭି ଲାଇଟ୍ ଦ୍ୱାରା ଓଜୋନ ଗ୍ୟାସ୍ ତିଆରି କରିଥାଏ। ଏହି ଗ୍ୟାସ୍ ପୋଷାକରୁ ଧୂଳି, ମଳି ଜୀବାଣୁ ସଫା କରିଦିଏ। ଏହାପରେ ଗରମ ହାୱା ପୋଷାକକୁ ଶୁଖାଇଦିଏ। ମୋଟାମୋଟି ୩୦ ମିନିଟ୍‌ରେ ଏହି ପ୍ରକ୍ରିୟାରେ ପୋଷାକ ସଫା ହୋଇଯାଏ। ସବୁଠୁ ବଡ଼ କଥା ହେଲା ଏହି ମେସିନ୍‌ରେ ସଫା ହେବା ପରେ ପୋଷାକକୁ ଅନ୍ତତଃ ପାଞ୍ଚଥର ନ ଧୋଇ ପିନ୍ଧି ହେବ। ତେବେ ମେସିନ୍‌ରୁ ଗ୍ୟାସ୍ ନ ଲିକ୍ ହେବା ପାଇଁ ସ୍ୱତନ୍ତ୍ର ସେନସର୍ ଲାଗିଛି। ସ୍ପେଶ୍ ମିଶନ ପାଇଁ ଏହି ୱାଶିଂ ମେସିନ୍ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

ଘରେ ହୋମ ଯଜ୍ଞ ଆଦି କରିବା ସମୟରେ ପରିବେଶ ଧୂଆଁମୟ ହୋଇଯାଏ। ଏହି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ପୋଡ଼ାଜଳା ହୁଏ। ଏପରିକି ଆଖିରୁ ଲୁହ ବୁହେ ଏବଂ ମୁହଁ ବି ନିଆଁ ତାତିର ସଂସ୍ପର୍ଶରେ ଆସିଥାଏ। ଅବଶ୍ୟ ଏହାକୁ ଲୋକେ କଷ୍ଟେମଷ୍ଟେ ସହ୍ୟ କରିଥାନ୍ତି। ଏହି କ୍ରମରେ ଜଣେ ବାଳକ ଏହାର ସ୍ମାର୍ଟ ସମାଧାନ ବାହାର କରିଛନ୍ତି ଯାହାକି ଏବେ



ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତେବେ ଏହି ଘଟଣାଟି ହେଉଛି ଗଣେଶ ପୂଜା ସମୟର। ଘରେ ଗଣେଶ ପୂଜା ହେବା ବେଳେ ବାଳକ ଜଣକ ପରିବାର ଲୋକଙ୍କ ସହିତ ପୂଜାରେ ବସିଛନ୍ତି। ସେହିପରି ସମସ୍ତଙ୍କ ଧ୍ୟାନ ହୋମ ଉପରେ ହିଁ ରହିଛି। ଘିଅ ଓ ନିଆଁରେ ହୋମ କାଠ ଜଳି ସେଥିରୁ ଧୂଆଁ ବାହାରୁଛି। ହେଲେ ବାଳକ ଜଣକ ନିଆଁ ତାତି ଓ ଧୂଆଁକୁ ସାମ୍ନା ନ କରିବା ଲାଗି ମୁହଁରେ ଆଇରନ ମ୍ୟାନ୍ ମାସ୍କ ପିନ୍ଧିଛନ୍ତି। ସେ ହଳଦିଆ କୁର୍ତ୍ତା ପିନ୍ଧିଥିବା ବେଳେ ଧୂଆଁ ଏବଂ ତାତିରୁ ନିଜ ମୁହଁକୁ ରକ୍ଷା କରିବା ଲାଗି ସେ ଏହି ସୁପରମ୍ୟାନ୍ ମାସ୍କ ପିନ୍ଧିଛନ୍ତି। ତା'ସହ ଏହାକୁ ପିନ୍ଧି ସେ ଶାନ୍ତିରେ ପରିବାର ସହିତ ପୂଜା କରୁଥିବା ଦେଖାଯାଇଛି। ସେହିପରି ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ମଜାଦାର ପ୍ରତିକ୍ରିୟା ଦେବା ସହ ବାଳକର ବୁଦ୍ଧିକୁ ବି ପ୍ରଶଂସା କରିବାକୁ ପଛାଇ ନାହାନ୍ତି। କିଛି ଲୋକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ଜେନ୍ ଆଲ୍‌ଫା ଏବେବି ଅପରାଜିତ। ସେହିପରି ଆଉ କିଛି ଜଣ ଲେଖିଛନ୍ତି, 'ଏହି ପିଢ଼ି ଅଲଗା ପ୍ରକାରେ ତିଆରି ହୋଇଛନ୍ତି।'

# ଶିଳ୍ପୀ ବିଶ୍ୱକର୍ମା



କନ୍ୟା ସଂକ୍ରାନ୍ତିରେ ଶିଳ୍ପୀ ବିଶ୍ୱକର୍ମା
ହୋଇଥିଲେ ଆବିର୍ଭୁତ-
ମାତା ଯୋଗସିଦ୍ଧା ପିତା ପ୍ରଭାସଙ୍କ
ଥିଲେ ସେ ସୁଯୋଗ୍ୟ ସୁତ,
ବ୍ରହ୍ମାଙ୍କର ନାଭି କମଳୁ ସେ ଯାତ
କହିଥାନ୍ତି କେହି କେହି-
ତାଙ୍କ ନିରିଦେଶେ ସାରା ଜଗତକୁ
ହାତେ ଗଢ଼ିଛନ୍ତି ସେହି,
ଶିଳ୍ପୀମାନଙ୍କର କୂଳ ଦେବତା ସେ
ସକଳ ଶିଳ୍ପର ସ୍ରଷ୍ଟା-
ଦୁନିଆ ଆଖିରେ ଅଟନ୍ତି ତ ସିଏ
ନବ ନିର୍ମାଣର ଦ୍ରଷ୍ଟା,
ସେ ନବ କିଶୋର ଅତୀବ ସୁନ୍ଦର
ନୁହଁନ୍ତି କେ ତାଙ୍କ ପରି-
କନ୍ଦର୍ପଙ୍କ ସମ ତାଙ୍କ ଅଙ୍ଗେ ଥିଲା
ଦିବ୍ୟ ଆକର୍ଷଣ ଭରି,
ତିନି ହାତେ ତାଙ୍କ ବଟାଳି ମାର୍ତ୍ତୁଲି
ଚକ୍ର ଆଦି ଶୋଭାପାଏ-
ଡାହାଣ ହାତଟି ଜଗତ ଜନଙ୍କୁ
ଆଶିଷ ପ୍ରଦାନୀ ଥାଏ,
ସର୍ବ ଶିଳ୍ପକଳା ତାଙ୍କ ପାଶେ ଠୁଳ
କେ ନୁହେଁ ତ ତାଙ୍କ ସରି-
ସରଗଧାମର ଅମରାବତୀ ଯେ
ତାଙ୍କ ଶ୍ରେଷ୍ଠ କାରିଗରୀ,
ଦେବଦେବୀଙ୍କର ଅସ୍ତ୍ର ଶସ୍ତ୍ର ସାଥେ
ରହିଛି ଯେତେ ବିମାନ-
ସେସବୁ ଅଟଇ ତାଙ୍କ ସୃଜନର
ଅନୁପମ ଉପାଦାନ,
ଗଜ ବାହନରେ କରନ୍ତି ଗମନ
ହୋଇ ସେତ ସଜବାଜ-
ତାଙ୍କ ଦରଶନେ ସନ୍ତୋଷ ପ୍ରକାଶ
କରିଥାନ୍ତି ଦେବରାଜ,
ତାଙ୍କୁ ଭକତିରେ ପୂଜିବା ସଭିଏଁ
ଦେଇ ଧୂପ ଦୀପ ଭୋଗ-
ଜୀବନରେ ଆମ ପଡ଼ିବ ନିଶ୍ଚୟ
ପବିତ୍ର ମାହେନ୍ଦ୍ରଯୋଗ। ■

କଣ୍ଟାବଣିଆ, ପ୍ରୀତିପୁର, ଯାଜପୁର



ପ୍ରଦୀପ୍ତ କୁମାର ଦାସ

# ଏକରୁ ଦଶ ପର୍ଯ୍ୟନ୍ତ ଗଣନ ଶିକ୍ଷା



ଭୋଜରାଜ ବୁଢ଼େକ

ସୂର୍ଯ୍ୟ ଏକ ଚନ୍ଦ୍ର ଏକ ଏକ ଧ୍ରୁବତାରା,
ପିତା ଏକ ମାତା ଏକ ଏକ ପ୍ରଭୁ ପରା।
ଦୁଇ ଆଖି ଦୁଇ କାନ ଦୁଇ ଆମ ହାତ,
ଦୁଇ ଗୋଡ଼େ ଠିଆ ଆମେ ହେଉ ଆତଯାତ
ତିନି ଦିଅଁ ତିନି ରଥେ ଶ୍ରୀଗୁଣ୍ଡିଚା ଦିନ
ତିନି ଭୁବନ ଦେଖିବାକୁ ମନ ଛନଛନ।
ଚାରିବେଦ ଚାରିଯୁଗ ଚାରି ଆମ ଧାମ,
ଚାରିଗୋଡ଼ିଆ କୁକୁର ଛୁଆ ଜଗେ ଘରଆମ
ପାଞ୍ଚ ଆଙ୍ଗୁଠି ପ୍ରତି ହାତରେ ପ୍ରତି
ପ୍ରତି ଗୋଡ଼ରେ ପାଞ୍ଚ,
ପାଞ୍ଚରେ ପାଞ୍ଚ ମିଶିଲେ ଦଶ
ହେବ କି ମନେ ପାଞ୍ଚ।
ଛଅରତୁ ଛପିଛପି ଆସନ୍ତି ଜଗତେ,
ଛଅ ସୁର ଏକ ହେଲେ କେତେ ମିଠା ସତେ
ସପ୍ତାହରେ ରହିଥାଏ ସାତଗୋଟି ବାର,
ସାତରଥୀ ମାରିଥିଲେ ଅଭିମନ୍ୟୁ ବୀର।
ଆଠ ଧାତୁ ନେଇ ସିନା ନାନା ଅଳଙ୍କାର,
ଆଠ ପାଟରାଣୀ ଥିଲେ ନନ୍ଦକୁମରର।
ନଅଗ୍ରହ ଚକ ପରି ସୂର୍ଯ୍ୟ ଚାରିପଟେ,
ଘୁରୁଛନ୍ତି ସବୁବେଳେ ନ ଗୋଟି ବାଟେ।
ଦଶଦିଗ ହସିଉଠେ ଶରତ କାଳରେ,
ଦଶଟି କାଠିରେ ବିଡ଼ା ବାନ୍ଧିଥାନ୍ତି ପିଲେ। ■

ମାଣ୍ଡୋସିଲ, ବରଗଡ଼
ମୋ- ୬୩୭୧୯୮୭୫୪୨

## ସୁମନ

# ମାଛର ବୁଦ୍ଧି



ବଗଟିଏ ଜଳାଶୟ ନିକଟରେ ଛିଡ଼ା ହୋଇଥାଏ। ତାକୁ ପ୍ରବଳ ଭୋକ। ପାଣି ଭିତରୁ କିଛି ଖାଦ୍ୟ ପାଇଲେ ଭୋକ ମେଣ୍ଟାଇବା ପାଇଁ ଏକ ଧ୍ୟାନରେ ଜଗିଥାଏ। ସେତେବେଳକୁ ଜଳ ଭିତରେ ପହଁରୁ ଥିବା ଏକ ମାଛ ତା' ନଜର କୁ ଆସିଲା। ବଗ ଜଳ ଭିତରୁ ମାଛଟିକୁ ଧରି ଆଣିଲା। ମାଛଟି ଆଉ କ'ଣ କରିବ। ତା'ର ଦୁଃଖର କଥା ଜଣାଇବାପାଇଁ ଚାହିଁଲା। ସେ କାକୁତି ମିନତି ହୋଇ କହିଲା, ଆମ ପରିବାରର ସମସ୍ତେ ଶିକାର ହୋଇ ସାରିଲେଣି। ଜଳାଶୟ ଦିନକୁ ଦିନ ଶୁଖିବାରେ ଲାଗିଛି। କେବଳ ମୁଁ ହିଁ ବଞ୍ଚିଛି। ମତେ ଯଦି ମାରି ଖାଇଦେବ, ମାଛମାନଙ୍କର ବଂଶ ବୁଡ଼ିଗଲେ ଜଗତ ଚଳିବ କେମିତି ! ଦୟା କରି ମୋତେ ଛାଡି ଦିଅ। ତା ବଦଳରେ ମୋ ପାଖରେ ଥିବା ଏକ ସୁନାର ମୁଦି ତୁମକୁ ଦେବି। ଯାହାର ମୂଲ୍ୟ ଖୁବ୍ ବେଶୀ। ବଗ କିଛି ସମୟ ଭାବିଲା। ପରେ ମାଛର କଥାରେ ବଗ ସନ୍ତୋଷ ହେଲା ଏବଂ ବଦଳରେ ସୁନାର ମୁଦି ଧରି ଆସିଲା। ସୁନା ମୁଦିକୁ ନେଇ ବଗ କ'ଣ କରିବ। ତାକୁ ତ ସେ ଖାଇ ପାରିବ ନାହିଁ। ତା ମନକୁ ଏକ ବୁଦ୍ଧି ଜୁଟିଲା। ବଗ ଏକ ମାଛ ଧରାଳି ସହିତ ସାଙ୍ଗ ହୋଇଥାଏ। ସେ ତା ପାଖକୁ ଗଲା। ଏ ସବୁକଥା ତାକୁ ଗୋଟି ଗୋଟି କରି କହିଲା। ବହୁ ମୂଲ୍ୟ ମୁଦିଟି ଦେଖି ତାର ମନରେ ଲୋଭ ହେଲା। ସେ ମୁଦିଟି ନେବା ପାଇଁ ଚାହିଁଲା। ମାଛ ଧରାଳିକୁ ବଗ ସେହି ମୁଦିଟି ଦେଲା। ବଦଳରେ ମାଛ ଧରାଳି ପ୍ରତିଦିନ ଏକ ବଡ଼ ମାଛ ତାକୁ ଖାଇବାକୁ ଦେବା ପାଇଁ ପ୍ରତିଶୃତି ଦେଲା। ବଗ ମାଛ ଧରାଳି କଥାରେ ଖୁସି ହେଲା। ମାଛ ଧରାଳି ପରଦିନ ମୁଦିଟିକୁ ବିକିବାପାଇଁ ବଜାରକୁ ଗଲା। ମାତ୍ର ବହୁମୂଲ୍ୟ ଦେଇ ସୁନାମୁଦୀକୁ କିଣିବା ପାଇଁ ଲୋକ ବାହାରିଲେ ନାହିଁ। ବହୁ ବାର ଚେଷ୍ଟା କଲା ସତ୍ତ୍ୱେ ମୁଦିଟିକୁ ମାଛଧରାଳି ବିକିପାରିଲା ନାହିଁ। ତେଣେ କଥାଟା ରାଜ୍ୟ ସାରା ପ୍ରଘଟ ହୋଇଗଲା। ଲୋକେ ସବୁ ଆଡ଼େ ମୁଦି କଥାକୁ ଆଲୋଚନା କରିବାକୁ ଲାଗିଲେ। ଶେଷରେ କଥାଟି ରଜାଙ୍କ କାନକୁ ଗଲା। ରାଜା ମାଛ ଧରାଳିକୁ ଡକାଇଲେ। ମାଛ ଧରାଳି ପାଖରୁ ସବୁ କଥା ଶୁଣିଲେ। ସେ ମୁଦିଟିକୁ ରାଜାଙ୍କୁ ଦେଲା। ନିରୀକ୍ଷଣ କଲାପରେ ମୁଦିକୁ ରାଜା ଚିହ୍ନି ପାରିଲେ। ଅତ୍ୟନ୍ତ ଖୁସି ହେଲେ। ମୁଦିଟି ନେଇ ଅଲିଅଳ ଝିଅକୁ ଦେଖାଇଲେ। ଏତେ ଦିନ ପରେ ଝିଅ ହଜିଲା ମୁଦିକୁ ପାଇ ଖୁସିରେ ନାଚି ଉଠିଲେ। କହିଲେ ମୁଁ ଗାଧୋଉଥିବା ବେଳେ ଏ ମୁଦି ତ ଜଳାଶୟରେ ଖସି ପଡିଥିଲା, ଆଉ ମିଳି ନ ଥିଲା। ଅତ୍ୟନ୍ତ ଖୁସି ହୋଇ ରାଜା ମାଛ ଧରାଳି ସହିତ ଜଳାଶୟ ନିକଟକୁ ଗଲେ। ବିଚରା ମାଛ ନିକଟରୁ ସବୁ କଥା ଶୁଣି ରାଜା ଅତ୍ୟନ୍ତ ଦୁଃଖିତ ହେଲେ। ଉଚ୍ଚ ହିଡ଼ ଦେଇ ଜଳାଶୟ କୁ ଆହୁରି ଗଭୀର କରି ଜଳ ଭର୍ତ୍ତି କରାଇଲେ। ଜଳାଶୟ ଚର୍ତୁପାର୍ଶ୍ୱରେ ଗଛ ଲତା ଲଗାଇ ଆକର୍ଷଣୀୟ କରାଇଦେଲେ। ମାଛର ଖୁସି କହିଲେ ନସରେ। ଜଳାଶୟବାସୀ ଆନନ୍ଦରେ ରାଜାଙ୍କର ଜୟ ହେଉ ବୋଲି କହିଲେ। ଜଳାଶୟରେ ବାସ କରୁଥିବା ସମସ୍ତ ଜୀବଜନ୍ତୁ ପୁଣି ଥରେ ସୁଖରେ ବାସକଲେ। ମାଛର ଉପସ୍ଥିତ ବୁଦ୍ଧି ପାଇଁ ଏସବୁ ସମ୍ଭବ ହୋଇ ପାରିଲା। ■



ଗୋପୀନାଥ ଦାଶ

ବରପାଲିପଡ଼ା, ବଲାଙ୍ଗିର

# ପ୍ରହେଳିକା

- ଆକାରରେ ସିନା ଫୁଲଟି ସାନ
  ବାସନାରେ ଜିଣେ ସବୁରି ମନ
  ସଞ୍ଜରେ ଫୁଟି
  ସକାଳକୁ ଯାଏ ମାଟିରେ ଲୋଟି
  ଅଳପ ଆୟୁଷ ଜୀବନ ତା'ର
  ଫୁଲ ନାଆଁ ଗୋଟି ପାଞ୍ଚଅକ୍ଷର
  ବୁଦ୍ଧି ଖଟେଇକି ଦିଅ ଉତ୍ତର ।

  ଉତ୍ତର-ଗଙ୍ଗଶିଉଳି

- ନଈପଠାରେ ଉଆସ ତୋଳି
  ମନ ଇଛାରେ ଖେଳୁଛି ଦୋଳି
  ସୁନ୍ଦରୀ ଝିଅଟିଏ
  ପିନ୍ଧିଛି ଧଳାଶାଢ଼ି ଛଟକି
  ପଥିକ ପାଦ ଯାଏ ଅଟକି
  ନାଆଁ କହିଦେବ ଯିଏ
  ବୁଦ୍ଧିମାନ ପିଲା ସିଏ ।


  ଉତ୍ତର- କାଶତଣ୍ଡି

- ଶରତ ଆକାଶେ ଜହ୍ନକୁ ଦେଖିଲେ
  ସରସୀରେ ଫୁଟେ ଯେଉଁ ଫୁଲଟି
  ରୂପରେ ରଙ୍ଗରେ ମନ ଚୋରି କରେ
  କହିଦବ ଯିଏ ତାଆ ନାମଟି
  ଶରଧାରେ ତାକୁ ବୁଲେଇ ନେବି ମୁଁ
  ପୁରୀ ଧାମଟି।

  ଉତ୍ତର- କଇଁ ଫୁଲ


ଜଗଦୀଶ ସାହୁ
ସଞ୍ଜପଡ଼ା, ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬







ରୁଦ୍ରାଣ୍ୟ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ






ସାନଭିକା ସ୍ୱାଇଁ
ପ୍ରଥମ ଶ୍ରେଣୀ
ବଚପନ ସ୍କୁଲ
ନିମାପଡ଼ା





ଗୌରବ ଦାସ
ଅଷ୍ଟମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୁରୀ







ସାଇ ଶ୍ରେୟାଂଶ
ପଞ୍ଚମ ଶ୍ରେଣୀ
ଅମିତ ଇଣ୍ଟର ନାସନାଲ ସ୍କୁଲ
ନୂଆଦିଲ୍ଲୀ



### ଏସିଆ କପ୍ କ୍ରିକେଟ୍: ପାକିସ୍ତାନ ୧୮ ମ୍ୟାଚରୁ ହାରିଛି ୧୦

# ଭାରତ ସପକ୍ଷରେ ରେକର୍ଡ

ଦୁବାଇ, ୧୨।୯ (ଏଜେନ୍ସି)



ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯିବ। ଦୁବାଇରେ ହେବାକୁ ଥିବା ଏହି ମହାମୁକାବିଲାକୁ ସାରା ବିଶ୍ୱର କ୍ରିକେଟପ୍ରେମୀ ଅପେକ୍ଷା କରି ରହିଛନ୍ତି। ଏକାଧିକ କାରଣ ଲାଗି ଅବଶ୍ୟ ଏହି ମ୍ୟାଚର ଟିକଟ୍ ବିକ୍ରି ବର୍ତ୍ତମାନ ସୁଦ୍ଧା ବଳକା ରହିଛି। କିନ୍ତୁ ମ୍ୟାଚକୁ ନେଇ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ ସମେତ ସୋସିଆଲ୍ ମିଡିଆରେ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ଯାହାକି ଲଢ଼େଇ ପୂର୍ବରୁ ଏହି ମ୍ୟାଚର ଉଷ୍ମତାକୁ ବଢ଼ାଇ ଦେଇଛି।

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପାକିସ୍ତାନ ଚଳିତ ଏସିଆ କପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଭାରତ ପ୍ରଥମ ମ୍ୟାଚରେ ୯ ୱିକେଟ୍‌ରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ସେହିଭଳି ପାକିସ୍ତାନ ଦଳ ଶୁକ୍ରବାର ପ୍ରଥମ ମ୍ୟାଚରେ ଦୁର୍ବଳ ଓମାନକୁ ହରାଇ ଅଭିଯାନ ଆରମ୍ଭ କରିଛି। ତେଣୁ ଉଭୟ ଦଳ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରବିବାର ପଡ଼ିଆକୁ ଓହ୍ଲାଇବେ। ତେବେ ଏସିଆ କପ୍ ଇତିହାସ ଉପରେ ନଜର ପକାଇଲେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ବେଶ୍ ଭଲ ରହିଛି। ୧୯୮୪ରୁ ଏସିଆ କପ୍ ଆରମ୍ଭ ହୋଇଥିବାବେଳେ ଗତ ୨୦୨୩ ସଂସ୍କରଣ ସୁଦ୍ଧା ଉଭୟ ଭାରତ ଓ ପାକିସ୍ତାନ ୧୮ଥର ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ଭାରତ ୧୦ ମ୍ୟାଚରେ ବିଜୟୀ ହୋଇ ଆଗରେ ରହିଛି। ୬ଟି ମ୍ୟାଚରେ ପାକିସ୍ତାନ ଜିତିଥିବାବେଳେ ୨ଟି ମ୍ୟାଚର ଫଳାଫଳ ବାହାରିପାରି ନାହିଁ। ଏହି ୧୮ଟି ମ୍ୟାଚ୍ ମଧ୍ୟରୁ ଦିନିକିଆ ଫର୍ମାଟ୍‌ରେ ଭାରତ ଓ ପାକିସ୍ତାନ ୧୫ଥର ପରସ୍ପର ବିପକ୍ଷରେ ଖେଳିଛନ୍ତି। ଏଥିରେ ଭାରତ ୮ ମ୍ୟାଚରେ ପାକିସ୍ତାନକୁ ମାତ୍ ଦେଇଛି। ସେହିଭଳି ପାକିସ୍ତାନ ୫ଟି ମ୍ୟାଚ୍ ଜିତିଥିବାବେଳେ ୨ଟି ମ୍ୟାଚର ଫଳାଫଳ ବାହାରିନାହିଁ। ସେହିଭଳି ବିଭିନ୍ନ କାରଣ ଲାଗି ଏସିଆ କପ୍ ୨୦୨୩ ସୁଦ୍ଧା ଦୁଇଥର ଟି-୨୦ ଫର୍ମାଟରେ ଖେଳାଯାଇଥିଲା। ଏହି ଫର୍ମାଟ୍‌ରେ ଉଭୟ ଦେଶ ୩ଥର ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଭାରତ ୨ଥର ଓ ପାକିସ୍ତାନ ଥରେ ଜିତିଛି। ତେଣୁ ଉଭୟ ଫର୍ମାଟ୍‌ରେ ମଧ୍ୟ ରେକର୍ଡ ଭାରତ ସପକ୍ଷରେ ରହିଛି।

**ଏସିଆ କପ୍‌ରେ ଭାରତ-ପାକିସ୍ତାନ**

| | |
|---|---|
| ସାମ୍ନାସାମ୍ନି | - ୧୮ଥର |
| ଭାରତ ଜିତିଛି | - ୧୦ଥର |
| ପାକିସ୍ତାନ ଜିତିଛି | - ୬ଥର |
| ବିନା ଫଳାଫଳ | - ୨ଟି |

## ସ୍ମରଣୀୟ ଲଢ଼େଇ

**୨୦୧୦** : ଶ୍ରୀଲଙ୍କାର ଦାମ୍ବୁଲାରେ ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୬୮ ରନର ଲକ୍ଷ୍ୟକୁ ଭାରତ ୪୯.୫ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ହରଭଜନ ସିଂ ୪୯ତମ ଓଭରର ପ୍ରଥମ ବଲରେ ସୋଏବ ଅଖତରଙ୍କୁ ଛକା ଏବଂ ଅନ୍ତିମ ଓଭରର ୫ମ ବଲରେ ମହମ୍ମଦ ଅମୀରଙ୍କୁ ଛକା ମାରି ଭାରତକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ।

**୨୦୧୪** : ବାଂଲାଦେଶର ମୀରପୁରରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୮ ରନ କରିଥିଲା। ଜବାବରେ ପାକିସ୍ତାନ ୪୯ ଓଭରରେ ୮ ୱିକେଟ୍‌ରେ ୨୩୬ ରନ କରିଥିଲା। ଶେଷ ଓଭରରେ ଜିତିବା ଲାଗି ୧୦ ରନ ଆବଶ୍ୟକ ହେଉଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ କରିବାକୁ ଆସିଥିଲେ। ପ୍ରଥମ ବଲରେ ସଇଦ ଆଜମଲ ଆଉଟ୍ ହୋଇଥିଲେ। କିନ୍ତୁ ୩ୟ ଓ ୪ର୍ଥ ବଲ୍‌ରେ କ୍ରମାଗତ ଛକା ମାରି ସାହିଦ ଆଫ୍ରିଦୀ ୧ ୱିକେଟ୍‌ରେ ରୋମାଞ୍ଚକ ଭାବେ ଦଳକୁ ଜିତାଇଥିଲେ।

**୨୦୧୨** : ବିରାଟ କୋହଲିଙ୍କ ଦମ୍‌ଦାର ୧୮୩ ରନ ବଳରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୩୦ ରନର ଲକ୍ଷ୍ୟକୁ ଭାରତ ୧୩ ବଲ୍ ଓ ୬ ୱିକେଟ୍ ବଳକା ଥାଇ ଜିତିଥିଲା। ମୀରପୁରରେ ଅନୁଷ୍ଠିତ ଏହି ମ୍ୟାଚରେ କୋହଲି ୧୪୮ ବଲରେ ୨୨ ଚୌକା ଓ ଗୋଟିଏ ଛକା ମାରିଥିଲେ।

**୨୦୦୮**: ଏସିଆ କପ୍‌ର ୨୦୦୮ ସଂସ୍କରଣରେ ଭାରତ ଓ ପାକିସ୍ତାନ ଗ୍ରୁପ୍ ଓ ସୁପର୍-୪ ପର୍ଯ୍ୟାୟରେ ଥରେ ଲେଖାଏ ସାମ୍ନାସାମ୍ନି ହୋଇଥିଲେ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ରାୱଲପିଣ୍ଡିରେ ବୀରେନ୍ଦ୍ର ସେହ୍ୱାଗ (୧୧୯)ଙ୍କ ଶତକ ବଳରେ ଭାରତ ୩୦୦ ରନର ଟାର୍ଗେଟକୁ ୪୨.୧ ଓଭରରେ ୪ ୱିକେଟରେ ହାସଲ କରିନେଇଥିଲା। କିନ୍ତୁ ସୁପର୍-୪ରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୦୯ ରନର ଲକ୍ଷ୍ୟକୁ ଘରୋଇ ପାକିସ୍ତାନ ୨ ୱିକେଟ୍‌ରେ ବିଜୟୀ ହୋଇଥିଲା। ୟୁନିସ ଖାନ ଅପରାଜିତ ୧୨୩ ରନ କରିଥିଲେ।

**ଆଜିର ମ୍ୟାଚ୍**

**ବାଂଲାଦେଶ-ଶ୍ରୀଲଙ୍କା**

ଭେନ୍ୟୁ : ଆବୁଧାବି

ଖେଳ ଆରମ୍ଭ : ରାତି ୮ଟା

ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ମହମ୍ମଦ୍ ହାରିସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ




ଦୁବାଇ,୧୨।୯ (ଏଜେନ୍ସି): ଚଳିତ ଏସିଆ କପ୍‌ର ୪ର୍ଥ ମୁକାବିଲାରେ ଶୁକ୍ରବାର ପାକିସ୍ତାନ ଓ ଓମାନ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୦ ରନ ସଂଗ୍ରହ କରିଛି। ୱିକେଟ୍‌ରକ୍ଷକ ମହମ୍ମଦ ହାରିସ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ୪୩ ବଲର ପାଳିରେ ହାରିସ ୭ଟି ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିବଜାଦ ଫରହାନ ୨୯, ମହମ୍ମଦ ନୱାଜ ୧୯ ଓ ଫଖର ଜମାନ ଅପରାଜିତ ୨୩ ରନ କରିଥିଲେ। ଓପନର ସମିମ ଆୟୁବ ଓ ଅଧିନାୟକ ସଲମନ ଆଘା ଖାତା ଖୋଲିବାରେ ବିଫଳ ହୋଇଥିଲେ। ଓମାନ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିବାରୁ ପାକିସ୍ତାନ ଏହି ମ୍ୟାଚରେ ଏକ ବଡ଼ ସ୍କୋର ଠିଆ କରାଇବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଦୁଇ ବାମହାତୀ ବୋଲର ଆମିର କଲିମ ଓ ଶାହ ଫୈଜଲ ୩ଟି ୱିକେଟ୍ ନେଇ ପାକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଓମାନ ଶେଷ ଖବର ସୁଦ୍ଧା ୧୧ ଓଭରରେ ୭ ୱିକେଟ୍ ହରାଇ ୫୦ ରନ ସଂଗ୍ରହ କରିଛି। ଓପନର ଆମିର କଲିମ ୧୩, ଅଧିନାୟକ ଜତିନ୍ଦର ସିଂହ ୧ ଓ ମହମ୍ମଦ ନଦୀମ ୩ ରନ କରି ଆଉଟ୍ ହୋଇଥିଲେ। ଶନିବାର ଗ୍ରୁପ୍-ବି'ରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଖେଳାଯିବ।

● ଦୁଲୀପ୍ ଟ୍ରଫି ଫାଇନାଲ: ପାଟିଦାର, ରାଠୋଡଙ୍କ ଶତକ

## ଦୃଢ଼ସ୍ଥିତିରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୧୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା କେନ୍ଦ୍ରାଞ୍ଚଳ



ଦୁଇ ଦୁଇଟି ଶତକୀୟ ପାଳି ବଳରେ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୦୪ ଓଭରରେ ୫ ୱିକେଟ୍ ହରାଇ ୩୮୪ ରନର ବିଶାଳ ସ୍କୋର କରିଛି। ଖେଳ ଶେଷବେଳକୁ ୟଶ ରାଠୋଡ ୧୩୭ ଓ ସାରାଂଶ ଜୈନ ୪୭ ରନ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟର୍ ଅସମାପ୍ତ ୬ଷ୍ଠ ୱିକେଟ୍ ଭାଗୀଦାରିରେ ୧୧୮ ରନ ଯୋଡ଼ିଛନ୍ତି। ସେହିଭଳି ଅଧିନାୟକ ରଜତ ପାଟିଦାର ମଧ୍ୟ ୧୦୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ୧୧୨ ବଲ୍‌ର ଏହି ପାଳିରେ ରଜତ ୧୨ ଚୌକା ଓ ୨ଟି ଛକା ମାରିଥିଲେ। ଆଉଟ୍ ହୋଇଥିବା ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଓପନର୍ ଦାନିଶ ମାଲେୱାର ୫୩, ଅକ୍ଷୟ ୱାଦକର ୨୨, ଶୁଭମ ଶର୍ମା ୬ ଓ ଉପେନ୍ଦ୍ର ଯାଦବ ୫ ରନ କରିଥିଲେ। ବୋଲିଂରେ ଗୁର୍‌ଜାପନୀତ ସର୍ବାଧିକ ୩ଟି ୱିକେଟ୍ ସଫଳତା ପାଇଥିଲେ। କେନ୍ଦ୍ରାଞ୍ଚଳ ବର୍ତ୍ତମାନ ସୁଦ୍ଧା ପ୍ରଥମ ପାଳିରେ ୨୩୫ ରନର ଅଗ୍ରଣୀ ହାସଲ କରିଛି। ହାତରେ ଆହୁରି ୫ ୱିକେଟ୍ ବଳକା ଥିବାରୁ କେନ୍ଦ୍ରାଞ୍ଚଳ ଏକ ବୃହତ୍ ଅଗ୍ରଣୀ ନେବ ବୋଲି ଆକଳନ କରାଯାଉଛି।

● ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ

## ସେମିରେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଚାରି କୋଟି ୪୧ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ ଏବଂ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଦୁଇ ଭାରତୀୟ ଖେଳାଳି ଲକ୍ଷ୍ୟ ଓ ଆୟୁଷ ସେଟ୍ଟୀଙ୍କ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଲକ୍ଷ୍ୟ ୨୧-୧୬, ୧୭-୨୧, ୨୧-୧୩ ଗେମରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲେ। ସେହିଭଳି ପୁରୁଷ ଡବଲ୍ସ କ୍ୱାର୍ଟର ଲଢ଼େଇରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୪, ୨୦-୨୨, ୨୧-୧୬ ଗେମରେ ମାଲେସିଆର ଆରିଫ ଜୁନୈଦ ଓ ରୟ କିଙ୍ଗ ୟାପ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଉଭୟଙ୍କୁ ଏକ ଘଣ୍ଟା ୪ ମିନିଟ୍ ସମୟ ଲାଗିଥିଲା। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମହିଳା ଡବଲ୍ସରେ ଓଡ଼ିଶାର ଦୁଇ ଭଉଣୀ ରତ୍ନପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରି-କ୍ୱାର୍ଟରରେ ହାରି ଅଭିଯାନ ଶେଷ କରିଥିଲେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ ୨ ଦିନ ଘୁଞ୍ଚିଲା

## କ୍ୟାପ୍‌ଟେନ, କୋଚ୍‌ଙ୍କ ନାମ ଘୋଷଣା

କଟକ,୧୨।୯ (ସମିସ): ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗର ୬ ଦଳର ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଆଜି ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟର ସମସ୍ତ ଫ୍ରାଞ୍ଚାଇଜଙ୍କ ଦ୍ୱାରା ଗଠିତ ଦଳର ନାମ ବିଧିବଦ୍ଧ ଭାବେ ପ୍ରକାଶ କରାଯାଇଥିଲା। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇ ଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୭ ତାରିଖରୁ ଲିଗ୍ ଆରମ୍ଭ ହେବ। ଆଜିର କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

| ଫ୍ରାଞ୍ଚାଇଜ୍ | କ୍ୟାପ୍ଟେନ | ହେଡ କୋଚ୍ |
|---|---|---|
| କଟକ ପାନ୍ଥର୍ସ | ସ୍ୱସ୍ତିକ ସାମଲ | ପ୍ରଭଞ୍ଜନ ମଲିକ |
| ସମ୍ବଲପୁର ୱାରିୟର୍ସ | ଶୁଭ୍ରାଂଶୁ ସେନାପତି | ରଶ୍ମିରଞ୍ଜନ ଦାସ |
| ପୁରୀ ଟାଇଟନ୍ସ | ସନ୍ଦୀପ ପଟ୍ଟନାୟକ | ସୌରଭ ସେହଗଲ |
| ଭୁବନେଶ୍ୱର ଟାଇଗର୍ସ | ସୂର୍ଯ୍ୟକାନ୍ତ ପ୍ରଧାନ | ପ୍ରୀତମଜିତ୍ ଦାସ |
| କେଉଁଝର ମାଇନର୍ସ | ଗୋବିନ୍ଦ ପୋଦ୍ଦାର | ସଞ୍ଜୟ ଶତପଥି |
| ରାଉରକେଲା ଷ୍ଟିଲର୍ସ | ଆଶୀର୍ବାଦ ସ୍ୱାଇଁ | ସୁବ୍ରତ ବିଶ୍ୱାଳ |

## କିଟ୍‌ରେ ସିବିଏସ୍‌ଇ ନ୍ୟାସନାଲ୍ ହକି ଆରମ୍ଭ



ଭୁବନେଶ୍ୱର,୧୨।୯ (ସମିସ): ସିବିଏସ୍‌ଇ (ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ) ନ୍ୟାସନାଲ ହକି ଚାମ୍ପିଅନସିପ୍‌ର ବାଳିକା ବିଭାଗରେ ଖେଳ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓ କିଟ୍ ୟୁନିଭର୍ସିଟିର ମିଳିତ ଆନୁକୂଲ୍ୟରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୨୬ଟି ଟିମ୍ ଓ ୪୦୦ ଖେଳାଳି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଛନ୍ତି। ଏହି ୨୬ଟି ମଧ୍ୟରୁ ୧୪ ଓ ୧୭ ବର୍ଷରୁ କମ୍ ବିଭାଗରେ ୯ଟି ଲେଖାଏଁ, ୧୯ ବର୍ଷରୁ କମ୍ ବିଭାଗରେ ୮ଟି ଟିମ୍ ଅଂଶଗ୍ରହଣ କରୁଛି। ଏହି ପ୍ରତିଯୋଗତାକୁ ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜେତା ହକି ଖେଳାଳି ଅମିତ ରୋହିଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସିବିଏସ୍‌ଇର ଦୁଇ ପର୍ଯ୍ୟବେକ୍ଷକ ଭୀମସିଂ ତ୍ୟାଗୀ ଓ ରିଣ୍ଟୋ ଟିକେ, କିଟ ୟୁଭର୍ସିଟି କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ ସଞ୍ଜୟ ସୁଆର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସିବିଏସ୍‌ଇ ବାଳିକା ହକିରେ ପ୍ରତିଯୋଗିତା ତୀବ୍ର ହେବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।

## ମାଛ ବେପାରୀଙ୍କ ଝିଅ ମୌସୁମୀ ଟପ୍ ସୁଟର୍



ଭୁବନେଶ୍ୱର,୧୨।୯ (ସମିସ): ସଫଳତା ହାସଲ ଲାଗି ଅର୍ଥ କେବେ ଅନ୍ତରାୟ ସୃଷ୍ଟି କରିପାରିନାହିଁ। ମାତାପିତାଙ୍କ ସ୍ୱଳ୍ପ ରୋଜଗାର ସତ୍ତ୍ୱେ ପାରଳାଖେମୁଣ୍ଡିର ଜଣେ ୧୪ ବର୍ଷୀୟା ବାଳିକା ମୌସୁମି ସିମଲାଇ ଜାତୀୟ ସ୍ତରୀୟ ଏନ୍‌ସିସି କ୍ୟାମ୍ପରେ ଟପ୍ ସୁଟର ହେବାର ସଫଳତା ଲାଭ କରିଛନ୍ତି। ଦେଶର ୧୫୦୦ କ୍ୟାଡେଟଙ୍କୁ ନେଇ ସର୍ବଭାରତୀୟ ସ୍ଥଳ ସୈନିକ କ୍ୟାମ୍ପ-୨୦୨୫ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏମାନଙ୍କ ମଧ୍ୟରୁ ୧୨୦୦ କ୍ୟାଡେଟ ରାଇଫଲ ସୁଟିଂରେ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଥିବା ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ୍‌ର ୯ମ ଶ୍ରେଣୀରେ ପଢୁଥିବା ମୌସୁମୀ ଦେଶର ଟପ୍ ସ୍କୁଲ୍‌ରୁ ଆସିଥିବା କ୍ୟାଡେଟ ମାନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବର ୨ରୁ ୧୧ ଯାଏ ଅନୁଷ୍ଠିତ ଏହି କ୍ୟାମ୍ପରେ ଦେଶର ୧୭ଟି ଏନ୍‌ସିସି ନିର୍ଦ୍ଦେଶାଳୟରୁ ୧୫୪୬ ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ମୌସୁମିଙ୍କ ମାତା ମାଣିକ ଓ ପିତା ବଳାଇ ଚାନ୍ଦ ପାରଳାଖେମୁଣ୍ଡିରେ ମାଛ ବେପାର କରି ପେଟ ପୋଷନ୍ତି। ସ୍ୱଳ୍ପ ରୋଜଗାର ସତ୍ତ୍ୱେ ଝିଅକୁ ଉଚ୍ଚ ଶିକ୍ଷିତ କରାଇବା ସହ ରାଜ୍ୟ ତଥା ଦେଶର ନାମ ରଖନ୍ତୁ ବୋଲି ମାଣିକ ଓ ବଳାଇ ଆଶା ରଖିଛନ୍ତି। ଏମାନେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ସଞ୍ଜୟ ଗାନ୍ଧି କଲୋନୀରେ ମାଛ ବେପାର କରି ଗୁଜରାଣ ମେଣ୍ଟାଇଥାନ୍ତି।

### ଆଜିଠୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

## ନଜରରେ ନୀରଜ, ଅନିମେଶ





ଟୋକିଓ, ୧୨।୯ (ଏଜେନ୍ସି): ବିଶ୍ୱ ଦୌଡ଼କୁଦର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପର ୨୦ତମ ସଂସ୍କରଣ ଶନିବାରଠାରୁ ଜାପାନର ରାଜଧାନୀ ଟୋକିଓରେ ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ବିଶ୍ୱର ୧୯୮ ଦେଶର ପାଖାପାଖି ୨୨୦୦ ଆଥ୍‌ଲେଟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ମୋଟ୍ ଉପରେ ୪୯ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଏହି ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତର ୧୯ ଜଣିଆ ଆଥ୍‌ଲେଟ୍ ଦଳ ଅଂଶଗ୍ରହଣ କରିବ। ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଟୋକିଓ ଗସ୍ତ କରିଥିବା ଭାରତୀୟ ଦଳରେ ୧୪ଜଣ ପୁରୁଷ ଓ ୫ଜଣ ମହିଳା ଆଥଲେଟ୍ ରହିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ୧୫ ଗୋଟି ଇଭେଣ୍ଟରେ ଭାଗନେବେ। ଦୁଇଜଣ ଆଥଲେଟ୍ ଗୁଲ୍‌ବୀର ସିଂହ ଓ ପୂଜା କେବଳ ୨ଟି ଇଭେଣ୍ଟରେ ଟ୍ରାକ୍‌କୁ ଓହ୍ଲାଇବେ। ୨୦୨୩ରେ ବୁଦାପେଷ୍ଟରେ ଅନୁଷ୍ଠିତ ସଂସ୍କରଣରେ ନୀରଜ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତେଣୁ ଏଥର ସେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ପ୍ରବେଶ କରିଛନ୍ତି। ସେହିଭଳି ୨୦୨୧ରେ ଏଠାରେ ଆୟୋଜିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଜାଭେଲିନ ଥ୍ରୋ'ରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏବେ ଚାରି ବର୍ଷ ପରେ ନୀରଜ ସମାନ ଭେନ୍ୟୁରେ ପୁଣିଥରେ ତାଙ୍କ ସ୍ୱର୍ଣ୍ଣିମ ସଫଳତାକୁ ଦୋହରାଇବେ ବୋଲି ଭାରତୀୟ କ୍ରୀଡ଼ାପ୍ରେମୀ ଆଶାବାଦୀ ରହିଛନ୍ତି। ସେହିଭଳି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ଭାଗନେବେ। ଅନିମେଶଙ୍କ ଇଭେଣ୍ଟ ସେପ୍ଟେମ୍ବର ୧୭ରେ ଆରମ୍ଭ ହେବ। ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାର ଇତିହାସରେ ଭାରତ ଆଜି ପର୍ଯ୍ୟନ୍ତ ମାତ୍ର ୩ଟି ପଦକ ଜିତିବାରେ ସମର୍ଥ ହୋଇଛି। ୨୦୦୩ରେ ଅଞ୍ଜୁ ବବି ଜର୍ଜ ପ୍ରଥମ ଭାରତୀୟ ଭାବେ ପଦକ (ରୌପ୍ୟ) ବିଜୟୀ ହୋଇଥିଲେ। ଏହାପରେ ୨୦୨୨ରେ ନୀରଜ ରୌପ୍ୟ ଓ ୨୦୨୩ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ମାର୍ଶାଲ ଆର୍ଟରେ ଓଡ଼ିଶା ପୁଲିସ୍‌କୁ ୨ ସ୍ୱର୍ଣ୍ଣ



ଭୁବନେଶ୍ୱର,୧୨।୯ (ସମିସ)

ଜାତୀୟସ୍ତରରେ ଅନୁଷ୍ଠିତ ରୋଭିନାମ ମାର୍ଶାଲ ଆର୍ଟ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁଲିସ୍‌କୁ ବିଶେଷ ସଫଳତା ମିଳିଛି। ନୂଆଦିଲ୍ଲୀରେ ଆୟୋଜିତ ଏହି କ୍ରୀଡ଼ାରେ ଓଡ଼ିଶା ପୁଲିସ୍‌କୁ ୨ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ମିଳିଛି। ଏମାନେ ଓଡ଼ିଶା ପୁଲିସ୍‌ର ଗୌରବ ବଢ଼ାଇଛନ୍ତି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର କାମନା କରିଛନ୍ତି। ଏମାନଙ୍କ ମଧ୍ୟରୁ ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀ ହେଲେ ବର୍ଷା ନାଥ ଓ ବିଶ୍ୱଜିତ ରାଉତ। ଓଆଇଏସ୍‌ଏଫ୍ ଭୁବନେଶ୍ୱରରେ କାର୍ଯ୍ୟକରୁଥିବା ବର୍ଷା ରୋଭିନାମ ମାର୍ଶାଲ ଆର୍ଟ ବିଭାଗରେ ଓ ବିଶ୍ୱଜିତ ୮୧ କେଜିରୁ ଊର୍ଦ୍ଧ୍ୱ ଜାତୀୟ ରୋଭିନାମ୍ ମାର୍ଶାଲ ଆର୍ଟ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ୍ୟ ଅସିଚାଳନାରେ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। କନଷ୍ଟେବଳ ଦିବ୍ୟରଞ୍ଜନ ଦଳାଇ ୯୫ କେଜିରୁ ଉଦ୍ଧର୍ ରୋଭିନାମ ମାର୍ଶାଲ ଆର୍ଟ ସିନିୟର କାଟେଗୋରୀ ଓ କରାଟେର କାଟାରେ ଗୋଟିଏ ଲେଖାଏଁ ରୌପ୍ୟ ପଦକ ହାସଲ କରିଛନ୍ତି।

## ଡେଭିସ୍ କପ୍ : ଭାରତ ୨-୦ରେ ଆଗୁଆ

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ଯୁବ ଖେଳାଳି ଦକ୍ଷିଣେଶ୍ୱର ସୁରେଶ ଓ ସୁମିତ ନାଗଲ ପ୍ରଥମ ଦିନରେ ଖେଳାଯାଇଥିବା ଦୁଇଟିଯାକ ସିଙ୍ଗଲ୍ସ ମୁକାବିଲାରେ ବିଜୟୀ ହୋଇଛନ୍ତି। ଏହା ଫଳରେ ସ୍ୱିଜରଲାଣ୍ଡର ବିଏଲଠାରେ ଆଜି ଆରମ୍ଭ ହୋଇଥିବା ବିଶ୍ୱ ଗ୍ରୁପ୍-୧ ମୁକାବିଲାର ପ୍ରଥମ ଦିନରେ ହିଁ ଭାରତ ୨-୦ରେ ଆଗୁଆ ରହିଛି। ଆସନ୍ତାକାଲି ଶ୍ରୀରାମ ବାଲାଜୀ-ରିତ୍ୱିକ ବୋଲିପାଲିଙ୍କ ଯୋଡି ଜାକୁବ ପଲ-ଡୋମିନିକ୍ ଷ୍ଟ୍ରିକରଙ୍କ ସହ ଡବଲ୍ସରେ ମୁକାବିଲା କରିବେ। ଆଜି ପ୍ରଥମ ସିଙ୍ଗଲ୍ସରେ ତାଙ୍କ ଡେଭିସ୍ କପ୍‌ରେ ଡେବ୍ୟୁ କରିଥିବା ଦକ୍ଷିଣେଶ୍ୱର ସୁରେଶ ୭-୬, ୬-୩ ସେଟ୍‌ରେ ଜେରୋମ କିମ୍‌ଙ୍କୁ ଓ ଦ୍ୱିତୀୟ ସିଙ୍ଗଲ୍ସରେ ସୁମିତ ନାଗଲ ୬-୩, ୭-୬ରେ ଆନ୍ଦ୍ରିଆ ହୁଏସଲରଙ୍କୁ ହରାଇଥିଲେ।

**ବେଙ୍ଗାଲୁରୁ ଟେନିସ୍ ଟୁର୍ଣ୍ଣାମେଣ୍ଟ**

## ଆହାନଙ୍କୁ ମହିଳା ବିଭାଗରେ ଦ୍ୱିମୁକୁଟ



ଭୁବନେଶ୍ୱର,୧୨।୯ (ସମିସ): ଓଡ଼ିଶାର ଉଦୀୟମାନ ବାଳିକା ଖେଳାଳି ଆହାନ ବେଙ୍ଗାଲୁରୁରେ ଅନୁଷ୍ଠିତ ଏକ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ହାସଲ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ଚମତ୍କାର ଖେଳ ପ୍ରଦର୍ଶନକରି ଉଭୟ ମହିଳା ଏକକ ଓ ଯୁଗଳ ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ପ୍ରଥମଥର ଲାଗି ମହିଳା ବିଭାଗରେ ଆହାନ ଏତେ ବଡ଼ ସଫଳତା ହାସଲ କରିଛନ୍ତି। ଏହା ଫଳରେ ଓଡ଼ିଶାରେ ଏକ ନୂଆ ସଫଳତାର ଧାରା ସେ ଆରମ୍ଭ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକକ ଫାଇନାଲରେ ଆହାନ ୬-୦, ୬-୦ ସିଧାସଳଖ ସେଟ୍‌ରେ କର୍ଣ୍ଣାଟକର ବି. ହୃଦୟେଶୀଙ୍କୁ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଥିଲେ। ଏହା ପରେ ତାମିଲନାଡୁର ସବିତା ଭୁବନେଶ୍ୱରନଙ୍କୁ ସାଥିକରି ମହିଳା ଯୁଗଳ ବିଭାଗରେ ଗୁଜରାଟ ଯୋଡି ରିୟା ଭୂର୍ଜା ଓ ସୌମ୍ୟା ରୋଣ୍ଡେଙ୍କୁ ୭-୫, ୬-୨ରେ ପରାସ୍ତ କରିଥିଲେ। ଏହି ବାଳିକା ଖେଳାଳିଙ୍କ କୋଚ୍ ସନ୍ତୋଷ ମଲ୍ଲିକ ଓ ମେଣ୍ଟର ଚିନ୍ମୟ ପ୍ରଧାନ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ତାଙ୍କୁ ସମସ୍ତ ସହାୟତା କରାଯାଉଛି। କଠିନ ପରିଶ୍ରମର ଯେ ବିକଳ୍ପ ନାହିଁ ତାହା ଆହାନ ପ୍ରମାଣ କରି ଦେଖାଇଛନ୍ତି। ତାଙ୍କ ସଫଳତା ପରେ ଓଡ଼ିଶାର ବାଳିକା ଓ ମହିଳା ଖେଳାଳି ଟେନିସ ଖେଳିବାକୁ ଆଗେଇ ଆସିବେ ବୋଲି ଆଶା କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS